NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
25 NOVEMBER 2025
ମଙ୍ଗଳବାର
୨୫ ନଭେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 189 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୮୯ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

## ଶପଥ ନେଲେ ନୂଆ ସିଜେଆଇ

**ନୂଆଦିଲ୍ଲୀ,୨୪।୧୧/ଏଜେନ୍ସି:**



ସୋମବାର ସୁପ୍ରିମକୋର୍ଟର ୫୩ ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବରେ ଶପଥ ନେଇଛନ୍ତି ଜଷ୍ଟିସ ସୂର୍ଯ୍ୟକାନ୍ତ । ନୂଆ ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହୋଇଥିବା ଏହି ଶପଥ ଗ୍ରହଣ ସମାରୋହରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହ ମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ପୂର୍ବତନ ରାଷ୍ଟ୍ରପତି

▶▶ ୫

## ଆଜିଠୁ ରାଜ୍ୟରେ ଧାନକିଣା

**ଭୁବନେଶ୍ୱର,୨୪।୧୧/ଏନ୍ଏନ୍ଏସ୍:**



ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ଠାରୁ ରାଜ୍ୟରେ ଧାନକିଣା ଆରମ୍ଭ ହେବ । ବରଗଡ଼ରୁ ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ ହେବ । ଚଳିତବର୍ଷ ରାଜ୍ୟ ସରକାର ଧାନ କିଣା ଟାର୍ଗେଟ ଅଧିକ ରଖିଛନ୍ତି । ଚାଷୀଙ୍କ ପାଇଁ ମଣ୍ଡିଗୁଡିକରେ ଏଥର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଚାଷୀ ପାଇଁ ମଣ୍ଡିଗୁଡ଼ିକରେ ଖାଦ୍ୟ, ପାନୀୟ ଓ ଶୌଚାଳୟ ଭଳି ବ୍ୟବସ୍ଥା ହୋଇଛି । ଧାନ କିଣା ଉପରେ ନଜର ରଖିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କଟନୀଛଟନୀ ଉପରେ

▶▶ ୫

### ବଙ୍ଗୋପସାଗରରେ ଆସୁଛି ବାତ୍ୟା

## ପ୍ରବଳ ପବନ ସହ ନିର୍ଘୁମ ବର୍ଷିବ !

**ଭୁବନେଶ୍ୱର,୨୪।୧୧/ଏନ୍ଏନ୍ଏସ୍:**



ବଙ୍ଗୋପସାଗରରେ ଆସୁଛି ବାତ୍ୟା । ବର୍ଷିପାରେ ନିର୍ଘୁମ ବର୍ଷା । ବହିପାରେ ପ୍ରବଳ ପବନ । ହେଲେ କୁଆଡ଼େ ରହିବ ବାତ୍ୟାର ଗତିପଥ ? ସସପେନ୍ସ ବଢ଼ାଉଥିବା ଶୀତକାଳୀନ ସାଇକ୍ଲୋନ୍, ବୁଧବାର ନଚେତ ଗୁରୁବାର ସ୍ପଷ୍ଟ ହୋଇଯିବ । କାରଣ ଅତି ମନ୍ଥର ଗତିରେ ଦାନା ବାନ୍ଧୁଛି ଏହି ବାତ୍ୟା । ମାଲାକ୍କା ସମୁଦ୍ର ସନ୍ଧି ଓ ଦକ୍ଷିଣ ଆଣ୍ଡାମାନ

▶▶ ୫

### ● ୩ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

## ମିଳିତ ସ୍ନାତକସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ ସଂଶୋଧିତ



**ଭୁବନେଶ୍ୱର,୨୪।୧୧/ଏନ୍ଏନ୍ଏସ୍:**

ରାଜ୍ୟ ସରକାରଙ୍କ ଅଧୀନସ୍ଥ ଖ-ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ସ୍ୱତନ୍ତ୍ର ସେବା ଓ ପଦବୀରେ ନିଯୁକ୍ତି ନିମନ୍ତେ ମିଳିତ ସ୍ନାତକସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ ୨୦୨୨ର ସିଡ୍ୟୁଲ-୧ରେ ୨୯ଟି ପଦବୀ ଅନ୍ତର୍ଭୁକ୍ତ କରାଯାଇଛି । ସେହିପରି ସଂଶୋଧିତ ମିଳିତ ସ୍ନାତକସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ ସିଡ୍ୟୁଲ-୪ରେ ୨୦ଟି ପଦବୀ ଅନ୍ତର୍ଭୁକ୍ତ କରାଯାଇଛି । ଅନ୍ୟପକ୍ଷରେ ଉଚ୍ଚ ମାଧ୍ୟମିକ(୧୦+୨) ସ୍ତର କିମ୍ବା ସମାନସ୍ତର ଅଧୀନସ୍ଥ ସ୍ୱତନ୍ତ୍ର ସେବା ଓ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ ୨୦୨୨ର ସଂଶୋଧିତ ହୋଇଛି । ନୂଆ ନିୟମର ସିଡ୍ୟୁଲରେ-୧ରେ ୧୧ଟି ଭିନ୍ନ ପଦବୀ ଅନ୍ତର୍ଭୁକ୍ତ କରାଯାଇଅଛି । ଏନେଇ ଆସିଥିବା ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି ।

**ଉଚ୍ଚ ମାଧ୍ୟମିକ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨ ସଂଶୋଧିତ**

ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟ କ୍ୟାବିନେଟ୍‌ର ୩୧ ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସାଧାରଣ ପ୍ରଶାସନ ଓ ସାଧାରଣ ବିଭାଗ ତରଫରୁ ଆଗତ ୩ଟି ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି । ପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ।

ଶ୍ରୀ କୁମାର କହିଛନ୍ତି ଯେ ବର୍ତ୍ତମାନ ଉପରୋକ୍ତ ନିୟମାବଳୀ ୨୦୨୨ର ନିୟମ-୩ରେ

▶▶ ୫

### ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

## 'ଆମ ସରକାର ହେଉଛି ଲୋକଙ୍କ ସରକାର'

**ଭୁବନେଶ୍ୱର,୨୪।୧୧/ଏନ୍ଏନ୍ଏସ୍:**

ଆମ ସରକାର ହେଉଛି ଲୋକଙ୍କ ସରକାର । ଲୋକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ଏବଂ ସହାୟତା ପ୍ରଦାନ କରିବା ପାଇଁ ଆମେ ବଦ୍ଧପରିକର । ଆମର ଜିଲ୍ଲାସ୍ତରରେ ମଧ୍ୟ ନିୟମିତ ଭାବେ ଜିଲ୍ଲାପାଳଙ୍କ ଦ୍ୱାରା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଜିଲ୍ଲାସ୍ତରରେ ଆସୁଥିବା ଅଭିଯୋଗଗୁଡ଼ିକୁ ସେଠାରେ ସମାଧାନ କରିବା ପାଇଁ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ଗତ ଜିଲ୍ଲାପାଳ ଓ ଏସ୍‌ପି ମ୍ମିଳନୀରେ ନିର୍ଦ୍ଦେଶ ଦିଆଯାଇଛି । ଏହା ଦ୍ୱାରା ଅଧିକାଂଶ ସମସ୍ୟାଗୁଡ଼ିକ ସ୍ଥାନୀୟ ପ୍ରଶାସନ ଦ୍ୱାରା ସମାଧାନ ହୋଇପାରିବ । ଲୋକମାନଙ୍କୁ ସେମାନଙ୍କର ସମସ୍ୟା ନେଇ ଭୁବନେଶ୍ୱର ଆସିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ୟୁନିଟ-୨ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଶୁଣିବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି ।

ସୋମବାର ଥିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୫ତମ ପାଳି । ଆଜି କେନ୍ଦୁଝରରୁ ସିଧାସଳଖ ଆସି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୮ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ସକାଳେ ଆସି ବାହାରେ ଅପେକ୍ଷା କରିଥିବା ୩୪ଜଣ ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ । ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀମାନଙ୍କ ଅଭିଯୋଗ ଶୁଣିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ମାଧ୍ୟମରେ ସାଧାରଣ ଲୋକଟିଏ ତା'ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ

▶▶ ୫



**ମୁଖ୍ୟମନ୍ତ୍ରୀଙ୍କ ସହିତ ୮ ମନ୍ତ୍ରୀ ବି ଶୁଣିଲେ ଅଭିଯୋଗ**

**ଲୋକଙ୍କୁ ସହାୟତା କରିବାକୁ ଆମେ ବଦ୍ଧପରିକର: ମୁଖ୍ୟମନ୍ତ୍ରୀ**

**ବର୍ତ୍ତମାନ ସୁଦ୍ଧା ୯୬% ଅଭିଯୋଗର ସମାଧାନ**

### 'ଆପଣ ଆମ ପାଇଁ ମସିହା'

ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସରକାର ଗଠନର ପ୍ରଥମ ଦିନରୁ ହିଁ ଲୋକଙ୍କ ସାଙ୍ଗରେ ମିଶିବା, ସେମାନଙ୍କ ସମସ୍ୟା ଶୁଣିବା ଏବଂ ସମାଧାନ ପାଇଁ ଉଦ୍ୟମ କରିବା ହେଉଛି ତାଙ୍କର ଏକ ମୁଖ୍ୟ କାର୍ଯ୍ୟ ଏବଂ ତାଙ୍କ ଶାସନ ପ୍ରଣାଳୀର ମୁଖ୍ୟ ଧାରା । ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଦୀର୍ଘ ଦିନର ଅଭିଯୋଗ ଶୁଣାଣି ପ୍ରକ୍ରିୟା ପୁନଃସ୍ଥାପିତ ହୋଇଛି ଏବଂ ହଜାର ହଜାର ଲୋକ ତାଙ୍କୁ ପ୍ରତ୍ୟେକ ସୋମବାର ଦିନ ଭେଟି ଅଭିଯୋଗ ଶୁଣାନ୍ତି ଏବଂ ସମାଧାନ ପାଇ ଫେରନ୍ତି । ଅନେକ ଗରିବ, ସାଧାରଣ ଲୋକ ନିରାଶା ମଧ୍ୟରୁ ଆଶାର ଆଲୋକ ପାଇଥାନ୍ତି । ସେଥିପାଇଁ ଅନେକ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦେଇଥାନ୍ତି ଏବଂ ମହାପ୍ରଭୁଙ୍କ ପାଖରେ ତାଙ୍କର କଲ୍ୟାଣ କାମନା କରିଥାନ୍ତି । ଆଜି ଠିକ୍ ସେହିପରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆସିଥିଲେ ଭୁବନେଶ୍ୱର ଜୟଦେବ ବିହାରର ବିଦ୍ୟୁତପ୍ରଭା ଷଡ଼ଙ୍ଗୀ । ତାଙ୍କର କୌଣସି ସ୍ୱତନ୍ତ୍ର ଅଭିଯୋଗ ନଥିଲା । ସେ ଆସିଥିଲେ କେବଳ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାପାଇଁ । ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ କହିଲେ ଯେ ପୂର୍ବ ସରକାର ଆମକୁ

▶▶ ୫

### ମହିଳା କବାଡ଼ି ବିଶ୍ୱକପ୍

## ଭାରତ ଲଗାତାର ଦ୍ୱିତୀୟ ଥର ଚାମ୍ପିଅନ୍

**ଢାକା,୨୪।୧୧/ଏଜେନ୍ସି:**

ଭାରତୀୟ ମହିଳା ଟିମ୍ ଲଗାତାର ଦ୍ୱିତୀୟ ଥର କବାଡ଼ି ବିଶ୍ୱକପ୍ ଜିତିଛି । ଫାଇନାଲ୍‌ରେ ଭାରତ ୩୫-୨୮ରେ ଚୀନା ତାଇପେଇକୁ ହରାଇ ଟାଇଟଲ୍ ନିଜ ନାମରେ କରିଛି । ପୂରା ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଥିବା ଛତିଶଗଡ଼ର ରେଡର୍ ସଞ୍ଜୁ ଦେବୀଙ୍କୁ ପ୍ଲେୟର୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ୍ ଚୟନ କରାଯାଇଛି । ଢାକାରେ ଖେଳାଯାଇଥିବା ଫାଇନାଲ୍‌ରେ ଭାରତ ପ୍ରଥମରୁ ହିଁ ପ୍ରଭାବୀ ପ୍ରଦର୍ଶନ କରିଥିଲା । ଭାରତ ପ୍ରଥମ ଥର ୨୦୧୨ରେ ଇରାନ୍‌କୁ ହରାଇ ବିଶ୍ୱକପ୍ ଜିତିଥିଲା । ତେବେ ଖାସ୍ ବିଷୟ ହେଉଛି ଟିମ୍ ବିଶ୍ୱକପ୍‌ର ଉଭୟ ସିଜନ୍ ୨୦୧୨ ଏବଂ ୨୦୨୫ରେ ନିଜର ସମସ୍ତ ୧୨ ମ୍ୟାଚ୍ ଜିତିଛି ।

ଢାକାର ସହିଦ୍ ଶୋହରାବୁର୍ଦ୍ଦି ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ ଚୀନା ତାଇପେଇ ଟସ୍ ଜିତି ଭାରତକୁ ପ୍ରଥମ ରେଡ୍‌ର ସୁଯୋଗ ଦେଇଥିଲା । ସଞ୍ଜୁ ଦେବୀ ପ୍ରାରମ୍ଭିକ ରେଡ୍‌ରେ ହିଁ ଟିମ୍‌କୁ ଅଗ୍ରଣୀ କରିଥିଲେ । ତାଇପେଇ ବୋନସ୍ ନେଇ ଜବାବ ଦେଇଥିଲେ ମଧ୍ୟ ପୁନମ୍ ଓ ସୋନାଲୀ ଟ୍ୟାକଲ୍‌ରେ ଭାରତର ସ୍ଥିତି ମଜଭୁତ କରିଥିଲେ । ସଞ୍ଜୁ ପ୍ରାରମ୍ଭିକ ମିନିଟ୍‌ରେ ୩ ପଏଣ୍ଟର ଦମ୍‌ଦାର ରେଡ୍ କରିଥିଲେ । ତାଇପେଇର ୟେନ୍ ଚିୟାଓ-ୱେନ୍ ଦୁଇ ପଏଣ୍ଟ ଜିତି ସ୍କୋର୍ ୭-୭ କରିଥିଲେ । ଏହାପରେ ସୁପର୍ ଟ୍ୟାକଲ୍‌ରେ ତାଇପେଇ ୯-୭ରେ ଆଗୁଆ ହୋଇଥିଲା । ମାତ୍ର ୧୨ଶ ମିନିଟ୍‌ରେ ସଞ୍ଜୁ ତାରି ଖେଳାଳିଙ୍କୁ ଆଉଟ୍ କରି ମ୍ୟାଚ୍‌ର ପରିଦୃଶ୍ୟ ବଦଳାଇ ଦେବା ସହ ଭାରତ ୧୩-୧୨ରେ ଆଗୁଆ ହୋଇଥିଲା । ବିପକ୍ଷ ଖେଳାଳି ବ୍ୟବଧାନ କମାଇବା ଉଦ୍ୟମ କରିଥିଲେ ମଧ୍ୟ ଦୁଇ ପଏଣ୍ଟ ଏବଂ ପରେ ଅଲ୍‌ଆଉଟ୍

▶▶ ୫




## ଶେଷ ନିଦ୍ରାରେ ହି-ମ୍ୟାନ୍ ଧର୍ମେନ୍ଦ୍ର

### ହିନ୍ଦୀ ସିନେମା ଜଗତରେ ଏକ ଯୁଗର ଅବସାନ

**ମୁମ୍ବାଇ,୨୪।୧୧/ଏଜେନ୍ସି:**

ଭେଟେରାନ୍ ବଲିଉଡ୍ ଅଭିନେତା ତଥା ହି-ମ୍ୟାନ୍ ଭାବେ ପରିଚିତ ଧର୍ମେନ୍ଦ୍ର ଦେଓଲ ସୋମବାର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା । ଏହା ସହ ହିନ୍ଦୀ ସିନେମା ଜଗତରେ ଏକ ଯୁଗର ଅବସାନ ଘଟିଛି । ଆସନ୍ତା ୧୨ ତାରିଖରେ ସେ ନିଜ ୯୦ତମ ଜନ୍ମଦିନ ପାଳନ କରିଥାନ୍ତେ । ତେବେ ତାଙ୍କ ପରଲୋକଗତ ସମ୍ବାଦ ସମସ୍ତ ସିନେପ୍ରେମୀଙ୍କୁ ଏକ ଶକ୍ତ ଧକ୍କା ସଦୃଶ ହୋଇଛି । କେବଳ ବଲିଉଡ୍ ନୁହେଁ ବରଂ ଦେଶର ସମସ୍ତ ଭାଷାର ଫିଲ୍ମ ଇଣ୍ଡଷ୍ଟ୍ରି ଏହି ମହାନ୍ କିମ୍ବଦନ୍ତୀ ଅଭିନେତାଙ୍କ ମୃତ୍ୟୁ ସମ୍ବାଦରେ ଶୋକାବିଭୂତ ହୋଇପଡିଛି । ଚାରିଆଡୁ ଶୋକ ଏବଂ ସମବେଦନାର ସୁଅ ଛୁଟିବାରେ ଲାଗିଛି । ଅମିତାଭ ବଚ୍ଚନ, ସଲମାନ୍ ଖାନ, ଶାହାରୁଖ ଖାନ ଏବଂ ଗୋବିନ୍ଦାଙ୍କ ସମେତ ଇଣ୍ଡଷ୍ଟ୍ରିର ସମସ୍ତ ବଡ଼ ବଡ଼ କଳାକାର, ନିର୍ଦ୍ଦେଶକ, ପ୍ରଯୋଜକ, ଅଭିନେତ୍ରୀମାନେ ଏହି ମହାନ୍ ଅଭିନେତାଙ୍କ ଶେଷ ଦର୍ଶନ ପାଇଁ ଆସି ପହଞ୍ଚିଛନ୍ତି ।



**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶୋକବ୍ୟକ୍ତ**

**ଶେଷ ଦର୍ଶନ କଲେ କଳାକାର, ପ୍ରଯୋଜକ, ନିର୍ଦ୍ଦେଶକ**

ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ଆରମ୍ଭ କରି ଅନେକ ନେତା ଶୋକବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନ୍‌ଷ୍ଟାଗ୍ରାମରେ ଲେଖିଛନ୍ତି, 'ଧର୍ମେନ୍ଦ୍ର ଜୀଙ୍କ ଦେହାନ୍ତ ଭାରତୀୟ ସିନେମାରେ ଏକ ଯୁଗର ଅନ୍ତ ଘଟାଇଛି । ସେ ଜଣେ ପ୍ରତୀକାତ୍ମକ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ଥିଲେ, ଜଣେ ଉଲ୍ଲେଖନୀୟ ଅଭିନେତା ଯିଏ ତାଙ୍କ ଅଭିନୀତ ପ୍ରତ୍ୟେକ ଭୂମିକାରେ ଆକର୍ଷଣ ଏବଂ ଗଭୀରତା ଆଣିଥିଲେ । ସେ ଯେଉଁସବୁ ଭୂମିକାରେ ଅଭିନୟ କରିଥିଲେ ତାହା ଅଗଣିତ ଲୋକଙ୍କ ହୃଦୟକୁ ଛୁଇଁଥିଲା । ଧର୍ମେନ୍ଦ୍ର ଜୀଙ୍କ ସରଳତା, ନମ୍ରତା ପାଇଁ ସେ ବେଶ୍ ପ୍ରଶଂସିତ ହୋଇଥିଲେ । ଏହି ଦୁଃଖଦ ସମୟରେ ତାଙ୍କ ପରିବାର, ବନ୍ଧୁ ଏବଂ ଅଗଣିତ ପ୍ରଶଂସକଙ୍କ ସହିତ ମୋର ସମବେଦନା ଜଣାଉଛି ।'

ଦୀର୍ଘ ଦିନ ଧରି ଶାରୀରିକ ସମସ୍ୟା ଦେଇ ଗତି କରୁଥିବା ଧର୍ମେନ୍ଦ୍ର ଅନେକ ସମୟ ଧରି ମୁମ୍ବାଇ ସ୍ଥିତ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ନିଜର ଚିକିତ୍ସା କରାଉଥିଲେ । ତେବେ ନିକଟରେ ସ୍ୱାସ୍ଥ୍ୟ ଅଧିକ

▶▶ ୫

## ୨୭ ଯାଏ ବଢ଼ିଲା ଓଟିଇଟି ଆବେଦନ






**କଟକ,୨୪।୧୧/ଏନ୍ଏନ୍ଏସ୍:**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ନିମନ୍ତେ ଆବେଦନର ଶେଷ ତାରିଖ ନଭେମ୍ବର ୨୭ ତାରିଖ ଯାଏ ବୃଦ୍ଧି କରାଯାଇଛି । ଏହାବାଦ୍ ଆଉ ଅବଧି ବଢ଼ାଯିବ ନାହିଁ । ଏନେଇ ବୋର୍ଡ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରକାଶ ଯେ ପୂର୍ବ ବିଜ୍ଞପ୍ତି ଅନୁଯାଇ ଆବେଦନର ଶେଷ ତାରିଖ ନଭେମ୍ବର ୨୫ ଥିଲା । ସୂଚନା ଯୋଗ୍ୟ ଯେ ଚାକିରି କରିଥିବା ବା ନୂତନ ପ୍ରାର୍ଥୀଙ୍କ ନିମନ୍ତେ ଓଟିଇଟି ଆସନ୍ତା ଡିସେମ୍ବର ୧୭ ତାରିଖ ଦିନ ଦୁଇଟି ପର୍ଯ୍ୟାୟରେ ହେବ । ଏଥିପାଇଁ ଆଡମିଟ କାର୍ଡ ଡିସେମ୍ବର ୧୦ ତାରିଖରୁ ଉପଲବ୍ଧ ହେବ ବୋଲି ବୋର୍ଡ ସୂତ୍ରରୁ ପ୍ରକାଶ ।

### ପୁନଃ ପ୍ରତିଫଳିତ ହେବ ପୁରୁଷୋତ୍ତମ ଶ୍ରୀରାମଙ୍କ ମର୍ଯ୍ୟାଦା, ସାହସ, ଐତିହ୍ୟ

## ଆଜି ରାମମନ୍ଦିର ଶୀର୍ଷରେ ଉଡ଼ିବ ଧର୍ମ ଧ୍ୱଜା

**ଅଯୋଧ୍ୟା, ୨୪।୧୧/ଏଜେନ୍ସି:**

ଅଯୋଧ୍ୟାର ଶ୍ରୀ ରାମ ଜନ୍ମଭୂମି ମନ୍ଦିର ପୂର୍ଣ୍ଣାଙ୍ଗ ରୂପ ନେଇଛି । ଏହି ପରିପ୍ରେକ୍ଷୀରେ ମନ୍ଦିରର ଶୀର୍ଷଭାଗରେ ଏକ ସନାତନ ଧର୍ମର ବିଜୟ ପ୍ରତୀକ ଭାବେ ଗେରୁଆ ରଙ୍ଗର ଧ୍ୱଜାରୋହଣ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ମଧ୍ୟାହ୍ନ ୧୨:୦୦ ଘଟିକା ସମୟରେ (ପବିତ୍ର ମୁହୂର୍ତ୍ତ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପତାକାର ଧ୍ୱଜାରୋହଣ କରିବେ । ପ୍ରଭୁ ଶ୍ରୀ ରାମ ଏବଂ ମାତା ସୀତାଙ୍କ ଦିବ୍ୟ ବିବାହକୁ ସ୍ମରଣ କରି ବିବାହ ପଞ୍ଚମୀର ଶୁଭ ଅଭିଜିତ ମୁହୂର୍ତ୍ତ ଥିବାରୁ ଆସନ୍ତାକାଲିର ୧୨:୦୦ ଘଟିକା ସମୟକୁ ଅତ୍ୟନ୍ତ ପବିତ୍ର ଭାବେ ମୁହୂର୍ତ୍ତ ଭାବେ ବିବେଚନା କରାଯାଉଛି ।







କେବଳ ସେତିକି ନୁହେଁ, ଉତ୍ତୋଳନ ହେବାକୁ ଥିବା ଧ୍ୱଜା ଗଭୀର ପ୍ରତୀକାତ୍ମକ ଅର୍ଥ ମଧ୍ୟ ବହନ କରୁଛି । ଧ୍ୱଜାରେ ଏକ ଉଜ୍ଜ୍ୱଳ ସୂର୍ଯ୍ୟ, କୋବିଦାର ଗଛ ଏବଂ ପବିତ୍ର ଶିଳାଲେଖ 'ଓମ୍' ରହିଛି, ଯାହା ପ୍ରଭୁ ଶ୍ରୀ ରାମଙ୍କ ମର୍ଯ୍ୟାଦା, ସାହସ, ଐତିହ୍ୟ, କାଳଜୟୀ ମୂଲ୍ୟବୋଧକୁ ପ୍ରତିଫଳିତ କରିବା ସହ ରାମରାଜ୍ୟର ମାର୍ଗଦର୍ଶକ ନୀତିକୁ ମଧ୍ୟ ପ୍ରତିନିଧିତ୍ୱ କରେ । ଏହି ଧ୍ୱଜା ଅସତ୍ୟ ଉପରେ ସତ୍ୟର ବିଜୟ, ଅନ୍ୟାୟ ଓ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ସାଜି ଯୁଗଯୁଗ ପାଇଁ ସମସ୍ତଙ୍କୁ ମାର୍ଗଦର୍ଶନ କରିବ ।

**ଧ୍ୱଜାରୋହଣ କରିବେ ପ୍ରଧାନମନ୍ତ୍ରୀ ମୋଦୀ**

**ଉପସ୍ଥିତ ରହିବେ ଯୋଗୀ ଆଦିତ୍ୟନାଥ**

ଅନ୍ୟପକ୍ଷେ ବେଦପାଠ ଏବଂ ମନ୍ତ୍ରଧ୍ୱନି ମଧ୍ୟରେ ଏହି ଭବ୍ୟ କାର୍ଯ୍ୟର ସମ୍ପାଦନ କରାଯିବା ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇସାରିଛି । ଆସନ୍ତା

▶▶ ୫

## ଆଇଏଲ୍ଏସ୍ ଉଦ୍ଭାବନ କଲା ଯକ୍ଷ୍ମା ପ୍ରତିରୋଧକ ଟିକା

**ଭୁବନେଶ୍ୱର,୨୪।୧୧/ଏନ୍ଏନ୍ଏସ୍:**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ(ଆଇଏଲ୍ଏସ୍) ଯକ୍ଷ୍ମା(ଟିବି)ପ୍ରତିରୋଧକ ଟିକା ଉଦ୍ଭାବନ କରିଛି । ଯକ୍ଷ୍ମାରୁ ସୁରକ୍ଷା ପାଇଁ ଏକ ଟିକା, ଯାହା ପରବର୍ତ୍ତୀ ଜେନେରେସନ୍ ଭ୍ୟାକ୍‌ସିନ୍ ଭାବେ ବେଶ୍ ଫଳପ୍ରଦ ହେବ । ବିଆରଆଇସି-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ ବୈଜ୍ଞାନିକମାନେ ଉଦ୍ଭାବନ କରିଥିବା ଏହି ଭ୍ୟାକ୍‌ସିନ୍ ହେଉଛି 'HSP 16.3DC4' । ଏଥିରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ସମସ୍ତ ପ୍ରକାର ବୈଷୟିକ ସହଭାଗିତା ରହିଛି । ଏହି ଭ୍ୟାକ୍‌ସିନ୍‌ର ଫର୍ମୁଲା ଓ ଟେକ୍ନୋଲୋଜି, ଟିକା ପ୍ରସ୍ତୁତକାରୀ ଅନୁଷ୍ଠାନକୁ ହସ୍ତାନ୍ତର କରାଯାଇଛି । ଏହି ଟେକ୍ନୋଲୋଜିକୁ ନେଇ ଆଗ୍ରହୀ ଔଷଧ ପ୍ରସ୍ତୁତକାରୀ କମ୍ପାନୀ 'HSP 16.3DC4' ଭ୍ୟାକ୍‌ସିନ୍ ବା ଟିକା ପ୍ରସ୍ତୁତ କରିବେ ।



ଗବେଷଣା ସମୟରେ ଏହି 'HSP 16.3DC4' ଭ୍ୟାକ୍‌ସିନ୍ ମୂଷାଙ୍କଠାରେ ସଫଳତାର ସହ କାର୍ଯ୍ୟ କରିଛି । ଏହା ଆଗକୁ ଯକ୍ଷ୍ମା (ଟିବି) ପ୍ରତିରୋଧକ ଦିଗରେ ଫଳପ୍ରଦ ହେବ । ଦେଶ

▶▶ ୫

# ରୀତା ପଟ୍ଟନାୟକଙ୍କ 'ସୁରଭିତ ସ୍ତବକ' ଉନ୍ମୋଚିତ



**ଭୁବନେଶ୍ୱର,୨୪।୧୧/ଏନ୍‌ଏନ୍‌ଏସ୍‌:** ଆଜି ବୁଦ୍ଧମନ୍ଦିର ପରିସରରେ ରୀତା ପଟ୍ଟନାୟକଙ୍କ ରଚିତ କବିତା ପୁସ୍ତକ 'ସୁରଭିତ ସ୍ତବକ' ଉନ୍ମୋଚିତ ହୋଇଯାଇଛି। ଏହି ସଭାରେ ବିଶିଷ୍ଟ ସାହିତ୍ୟିକା ଡ. ଶକୁନ୍ତଳା ବଳିୟାରସିଂ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ରୂପେ ଅଧ୍ୟାପକ ବିଶ୍ୱରଞ୍ଜନ, ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ବନଜ ଦେବୀ ଓ ସମ୍ମାନିତ ଅତିଥି ଭାବେ କମଳକୁମାରୀ ଦାଶ ଯୋଗ ଦେଇଥିଲେ। ଲେଖିକା କୃଷ୍ଣଙ୍କ ପ୍ରତି ଅନୁରାଗ ବର୍ଣ୍ଣନା କରି ତାଙ୍କର କୃଷ୍ଣମୟ ଜୀବନଦର୍ଶନ ବିଷୟରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। କୃଷ୍ଣ ଭକ୍ତି ରସାଣିତ ଏହି କବିତା ପୁସ୍ତକରେ ମୋଟ ୭୨ଟି କବିତା ସ୍ଥାନିତ ହୋଇଛି। ଅନୁପ୍ରାସ ଓ ଯମକ ଅଳଙ୍କାରର ପ୍ରୟୋଗରେ କବିତାଗୁଡ଼ିକ ଅତି ଉଚ୍ଚକୋଟୀର ହୋଇଛି ବୋଲି ସଭାପତି ଡ. ବଳିୟାରସିଂ ମତ ଦେଇଥିଲେ। କବିତା ସମୀକ୍ଷା କରି କମଳକୁମାରୀ ଦାଶ ଲେଖିକାଙ୍କ କର କୃଷ୍ଣଙ୍କ ପ୍ରତି ଥିବା ବାତ୍ସଲ୍ୟପ୍ରେମ ଅଦ୍ୱିତୀୟ ବୋଲି କହିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ଲେଖିକାଙ୍କ ଲେଖନୀରେ କୃଷ୍ଣ ଓ ଜଗନ୍ନାଥଙ୍କ କର ଅଭେଦତ୍ୱ ବର୍ଣ୍ଣନା କରିଥିଲେ। ଗୀତାଞ୍ଜଳି ପାଣି, ନିରୁପମା କର ଓ ରେଣୁବାଳା ଦଳେଇ କବିତା ସଂଯୋଜନା କରିଥିଲେ। ଚମକଚାନ୍ଦିନୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସବିତାରାଣୀ ବେହେରା ଧନ୍ୟବାଦ୍ ଦେଇଥିଲେ। ଏହି ସଭାରେ ପଚାଶରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ।

# ସିରିଜ୍ ଦୁର୍ଘଟଣାରେ ୪ ଆହତ

**କଟକ,୨୪।୧୧/ଏନ୍‌ଏନ୍‌ଏସ୍‌:** ଜୁଡିସିଆଲ୍ ଏକାଡେମୀ ନିକଟ ଚିଂବନ୍ଧରେ ଆଜି ଏକ ଦ୍ରୁତଗାମୀ ମିନିଟ୍ରକ ସିରିଜ ଦୁର୍ଘଟଣା ଘଟାଇଛି। ପ୍ରଥମେ ଏକ ପାସେଞ୍ଜର ଅଟୋ ବାଇକକୁ ଧକ୍କା ଦେଇଥିଲା। ଏଥିରେ ଦୁଇ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇ ଫେରାର ହେଉଥିବା ମିନିଟ୍ରକର ଚାଳକକୁ ସ୍ଥାନୀୟ ଲୋକେ କାବୁ କରି ପୁଲିସ ଜିମା ଦେଇଛନ୍ତି। ଆହତମାନଙ୍କୁ ଏକ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଜି ଅପରାହ୍ଣରେ ଏକ ଚିପ୍ସ ବାଝେଇ ମିନିଟ୍ରକ ଜୁଡିସିଆଲ୍ ଏକାଡେମୀ ଛକରେ ପ୍ରଥମେ ଏକ ପାସେଞ୍ଜର ଅଟୋକୁ ଧକ୍କା ଦେଇଥିଲା। ପରେ ସେଠାରୁ ଦ୍ରୁତଗତିରେ ଯାଇ ଡଗରପଡ଼ା ହନୁମାନ ମନ୍ଦିର ଛକରେ ବାଇକ୍‌ରେ ଯାଉଥିବା ମହିଳା ଓ ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇ ଖସିଯାଉଥିଲା। ଏହି ସମୟରେ ସ୍ଥାନୀୟ ଲୋକ ଓ ଟ୍ରାଫିକ ପୁଲିସ ଉକ୍ତ ଗାଡ଼ିକୁ ଅଟକାଇବାରେ ସଫଳ ହୋଇଥିଲେ। ଗାଡି ଚାଳକ ଜଣକ ପ୍ରଚୁର ମଦ ପିଇଥିବା ଜଣାପଡ଼ିଥିଲା। ମଦ ପିଇ ଗାଡ଼ି ଚଳାଇବା ଧାରାରେ ଲାଲବାଗ ପୁଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ମିନିଟ୍ରକକୁ ଜବତ କରିଛି। ଡ୍ରାଇଭରକୁ ଲାଲବାଗ୍ ପୁଲିସ ଥାନାରେ ଅଟକ ରଖିଛି। ଦୁର୍ଘଟଣାରେ ଅଟୋରେ ବସିଥିବା ୪ ଜଣ ଆହତ ହୋଇଛନ୍ତି। ତନ୍ମଧ୍ୟରୁ ୨ ଜଣଙ୍କୁ ମର୍କତନଗରର ଏକ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ସାଂସଦ କମିଟିର ରେଳ ବିକାଶ ସମୀକ୍ଷା




**ଭୁବନେଶ୍ୱର,୨୪।୧୧/ଏନ୍‌ଏନ୍‌ଏସ୍‌:** ଆଜି ଭୁବନେଶ୍ୱରରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପରିସୀମା ମଧ୍ୟରେ ଥିବା ସଂସଦୀୟ କ୍ଷେତ୍ରର ସାଂସଦମାନଙ୍କ ଏକ ମଣ୍ଡଳସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶାର ସାଂସଦମାନଙ୍କ ସହ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ବରିଷ୍ଠ ରେଳ ଅଧିକାରୀମାନେ ବିଭିନ୍ନ ଭିତ୍ତିଭୂମି ଓ ଯାତ୍ରୀ ସେବା ସମ୍ବନ୍ଧରେ ଆଲୋଚନା କରିଥିଲେ। ସାଂସଦମାନେ ବରିଷ୍ଠ ସାଂସଦ ତଥା ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କୁ ମଣ୍ଡଳ ସ୍ତରୀୟ କମିଟିର ସଭାପତି ଭାବରେ ମନୋନୀତ କରିଥିଲେ। ଏହି ବୈଠକରେ ଯୋଗଦାନ କରିଥିବା ସାଂସଦମାନେ ହେଲେ ଡକ୍ଟର ସମ୍ବିତ ପାତ୍ର (ପୁରୀ), ସୁଲତା ଦେଓ, ଶୁଭାଶିଷ ଖୁଣ୍ଟିଆ, ଡ଼ଃ. ପ୍ରଦୀପ କୁମାର ପାଣିଗ୍ରାହୀ (ବ୍ରହ୍ମପୁର), ଅନନ୍ତ ନାୟକ (କେନ୍ଦୁଝର), ସୁକାନ୍ତ କୁମାର ପାଣିଗ୍ରାହୀ (କନ୍ଧମାଳ), ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା (ଯାଜପୁର), ଅଭିମନ୍ୟୁ ସେଠୀ (ଭଦ୍ରକ), ଅନିତା ଶୁଭଦର୍ଶିନୀ (ଆସ୍କା) ଓ ଦେବାଶିଷ ସାମନ୍ତରାୟ। ସାଂସଦମାନେ ଗଠନମୂଳକ ଆଲୋଚନାରେ ଭାଗନେଇ ରେଳ ଭିତ୍ତିଭୂମି ବୃଦ୍ଧି ତଥା ଏହି ଅଞ୍ଚଳରେ ଯାତ୍ରୀଙ୍କ ସୁବିଧାରେ ଉନ୍ନତି ଆଣିବା ପାଇଁ ସେମାନଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଦ୍ୱାରା ନିଆଯାଇଥିବା ବିକାଶମୂଳକ ପଦକ୍ଷେପ ପାଇଁ ସେମାନେ କୃତଜ୍ଞତା ଜଣାଇବା ସହ ଚାଲୁରହିଥିବା ପ୍ରକଳ୍ପର ଗୁରୁତ୍ୱକୁ ଦର୍ଶାଇ ଟ୍ରେନ୍ ସେବା, ଟ୍ରେନ ରହଣି ଏବଂ ଯାତ୍ରୀ ସୁବିଧା ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିଥିଲେ। ବୃଦ୍ଧି ପାଉଥିବା ଯାତ୍ରୀ ଚାହିଦା ମେଣ୍ଟାଇବା ପାଇଁ ଟ୍ରେନ୍ ଚଳାଚଳ ଦିବସ ବୃଦ୍ଧି ଏବଂ ଉପାନ୍ତ ଅଞ୍ଚଳକୁ ଟ୍ରେନ ସେବା ସମ୍ପ୍ରସାରଣ କରିବା, ନୂତନ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରିବା, ରୋଡ୍ ଅଣ୍ଡର ବ୍ରିଜ୍ (ଉପମାର୍ଗ) ଏବଂ ରୋଡ୍ ଓଭର ବ୍ରିଜ୍ ର ବିକାଶ, ଷ୍ଟେସନ୍‌ଗୁଡ଼ିକରେ ଯାତ୍ରୀଙ୍କ ସୁବିଧା ସୁଦୃଢ଼ କରିବା, ଟ୍ରେନ, ପ୍ଲାଟଫର୍ମ ଓ ଷ୍ଟେସନ ପରିସରରେ ସ୍ୱଚ୍ଛତା ସମ୍ବନ୍ଧରେ ବିଶେଷ ଧ୍ୟାନଦେବା, ଚାଲୁରହିଥିବା ରେଳ ପ୍ରକଳ୍ପଗୁଡ଼ିକୁ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ କରିବା, ବିଭିନ୍ନ ଷ୍ଟେସନ୍‌ଠାରେ ଟ୍ରେନ ରହଣି ସମ୍ବନ୍ଧୀୟ ଜନସାଧାରଣଙ୍କ ଦାବି ପୂରଣ ଏବଂ ରହଣି ବ୍ୟବସ୍ଥା ପ୍ରଭୃତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ତାଙ୍କ ଅଭିଭାଷଣରେ ସାଂସଦମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ମୂଲ୍ୟବାନ ମତାମତ, ଉପଦେଶ ଏବଂ ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ରେଳମଣ୍ଡଳର ଭୌଗୋଳିକ ପ୍ରସାର, କାର୍ଯ୍ୟକ୍ଷମ ପ୍ରଦର୍ଶନ ଏବଂ ଉନ୍ନତ ଦକ୍ଷତା ଏବଂ ସେବା ପ୍ରଦାନରେ ଯୋଗଦାନ କରୁଥିବା ପ୍ରମୁଖ ପଦକ୍ଷେପଗୁଡ଼ିକର ଏକ ବିସ୍ତୃତ ସମୀକ୍ଷା ଉପସ୍ଥାପନ କରିଥିଲେ। ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ପ୍ରମୁଖ ବିଭାଗୀୟ ମୁଖ୍ୟ ଏବଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।



ଭୁବନେଶ୍ୱର ୟୁନିଟ-୨ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



୧୧ ଦଫା ଦାବିରେ ରାଜଧାନୀର ଲୋୟର ପିଏମ୍‌ଜିରେ ଅଙ୍ଗନବାଡ଼ି କର୍ମୀଙ୍କ ଆନ୍ଦୋଳନ

# ଦକ୍ଷ, ନିପୁଣ ଯୁବ ମୁଖପାତ୍ର ପାଇଁ କଂଗ୍ରେସର ଆହ୍ୱାନ

**ଭୁବନେଶ୍ୱର,୨୪।୧୧/ଏନ୍‌ଏନ୍‌ଏସ୍‌:** ଭାରତବର୍ଷରେ ଯୁବବର୍ଗଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ପକ୍ଷରୁ ଦେଶବ୍ୟାପୀ ଆରମ୍ଭ ହୋଇଛି ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ। ଦକ୍ଷ ଉପସ୍ଥାପକ, ନିପୁଣ ଗଣମାଧ୍ୟମ ସଂଯୋଜକ ଓ ଗବେଷଣାତ୍ମକ ସମୀକ୍ଷକ ପାଇଁ ଇଚ୍ଛୁକ ଥିବା ଯୁବବର୍ଗମାନେ ଆବେଦନ କରିପାରିବେ। ଜାରି କରାଯାଇଥିବା କ୍ୟୁଆର୍ କୋଡ୍‌କୁ ଯାଇ ପ୍ରାର୍ଥୀ ଫର୍ମ ପୂରଣ କରି କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ। ରାଜ୍ୟର ଯେଉଁ ଯୁବକ- ଯୁବତୀମାନେ କଂଗ୍ରେସ ଦଳର ପାନେଲିଷ୍ଟ କିମ୍ବା ମୁଖପାତ୍ର ହେବାକୁ ଚାହୁଁଛନ୍ତି ସେମାନେ ବହୁ ସଂଖ୍ୟାରେ ଆବେଦନ କରିପାରିବେ। ନଭେମ୍ବର ୩୦ ତାରିଖ ଭିତରେ ଯୁବକ - ଯୁବତୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆବେଦନ କରିପାରିବେ।

ଓଡ଼ିଶା ପିସିସି ଗଣମାଧ୍ୟମ, ଯୋଗାଯୋଗ ଓ ପ୍ରଚାର ବିଭାଗ ପକ୍ଷରୁ ସୋମବାର କଂଗ୍ରେସ ଭବନରେ ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଏହାକୁ ଉଦ୍‌ଘାଟନ କରି ଓଡ଼ିଶା ପ୍ରଦେଶ କଂଗ୍ରେସର ନବନିଯୁକ୍ତ ସହପ୍ରଭାରୀ ତଥା ଏଆଇସିସି ସମ୍ପାଦକ ଜେଟି କୁସୁମ କୁମାର କହିଛନ୍ତି ଯେ କଂଗ୍ରେସ ପକ୍ଷରୁ ଜାତୀୟ ମେଧା ଅନ୍ୱେଷଣ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଅଂଶଗ୍ରହଣ ବା ଆବେଦନ କରିଥିବା ଯୁବକଯୁବତୀ ପ୍ରଥମେ ଜିଲ୍ଲା ସ୍ତରରେ, ପରେ ରାଜ୍ୟ ଏବଂ ଶେଷରେ ଜାତୀୟ ସ୍ତରକୁ ଯିବେ ବୋଲି ସେ କହିଛନ୍ତି। ସେ ଆହୁରି କହିଥିଲେ ଯେ ଓଡ଼ିଶା ରାଜ୍ୟ ଉପରେ ଜଗନ୍ନାଥଙ୍କ ଆଶୀର୍ବାଦ ରହିଥାଉ। ଦିନେ ଓଡ଼ିଆ କଂଗ୍ରେସର ଗଡ଼ ଥିଲା। ଏବେ ୨୫ ବର୍ଷ ହେବ ରାଜ୍ୟରେ କଂଗ୍ରେସ ସରକାର ନାହିଁ। କିନ୍ତୁ ୨୦୨୯ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ କେଉଁଭଳି ଭଲ ପ୍ରଦର୍ଶନ କରି ସରକାରକୁ ଆସିବ ସେ ଦିଗରେ ଆମେ କାର୍ଯ୍ୟ ଆରମ୍ଭ କରିବୁ। ସବୁ ନେତାଙ୍କୁ ଏକାଠି କରି ଓଡିଶା କଂଗ୍ରେସ ଆଗକୁ ନେବାକୁ ଆମେ ଯୋଜନା କରିଛୁ। ମୁଁ ସମ୍ପୂର୍ଣ୍ଣ ଓଡ଼ିଶା ବୁଲି କେଉଁଭଳି କଂଗ୍ରେସ ଦଳକୁ ମଜଭୁତ୍ କରାଯିବ, କାର୍ଯ୍ୟ କରିବି। କଂଗ୍ରେସ ନେତା ଓ କର୍ମୀ ଦଳକୁ ମଜଭୁତ୍ କରିବାକୁ ଗୋଷ୍ଠୀ କରନ୍ତୁ କିନ୍ତୁ ଦୁର୍ବଳ କରିବାକୁ ନୁହେଁ ବୋଲି କହିଛନ୍ତି ସହପ୍ରଭାରୀ ଶ୍ରୀ ଯେଟି। କଂଗ୍ରେସର ଟ୍ୟାଲେଣ୍ଟ ହଣ୍ଟ୍ ଅନୁଷ୍ଠାନିକ ଉଦ୍‌ଘାଟନ ସମ୍ମିଳନୀରେ କଂଗ୍ରେସ ମିଡ଼ିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ସଭାପତିତ୍ୱ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିସିସିର ଉପସଭାପତି ତଥା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତିରେ ଓଡ଼ିଶା ସଂଯୋଜକ ସୁଦର୍ଶନ ଦାଶ କହିଥିଲେ ଯେ କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ଯୁବବର୍ଗଙ୍କ ପାଇଁ ଏକ ଅଭିନ୍ନ ପ୍ରୟାସ ଦଳ ପକ୍ଷରୁ କରାଯାଇଛି। ବୈଷୟିକ ସହାୟତା ସଂଯୋଜକ ତଥା ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଧନ୍ୟବାଦ୍ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ୱାର୍ ରୁମ୍ ଅଧ୍ୟକ୍ଷ ମନୋରଞ୍ଜନ ଦାଶଙ୍କ ସମେତ ପିସିସି ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର, ସାମାଜିକ ଗଣମାଧ୍ୟମ ଉପାଧ୍ୟକ୍ଷ ସନ୍ତୋଷ ପ୍ରଧାନ ଓ ମିଡିଆ ପ୍ଲାନର ବିଭୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଓପିଟିସିଏଲ-ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବୁଝାମଣା




**ଭୁବନେଶ୍ୱର,୨୪।୧୧/ଏନ୍‌ଏନ୍‌ଏସ୍‌:** ଓଡ଼ିଶା ପାୱାର୍ ଟ୍ରାନ୍ସମିସନ୍ କର୍ପୋରେସନ୍ ଲିମିଟେଡ୍ ଆଜି ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହାର ଉଦ୍ଦେଶ୍ୟ ହେଉଛି ୟୁନିୟନ୍ ବ୍ୟାଙ୍କ୍‌ରେ ଆକାଉଣ୍ଟ୍ ଥିବା ଓପିଟିସିଏଲ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ବୀମା ପରିସରଭୁକ୍ତ କରିବା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା। ଏହି ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଆଜି ଲୋକସେବା ଭବନଠାରେ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆଜିର ସହଭାଗୀତା ଓପିଟିସିଏଲ ଏବଂ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ଏକ ଦୀର୍ଘ, ଅର୍ଥପୂର୍ଣ୍ଣ ଏବଂ କଲ୍ୟାଣମୂଳକ ସମ୍ପର୍କକୁ ସୂଚିତ କରେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ। କାର୍ଯ୍ୟକ୍ରମରେ ପ୍ରମୁଖ ଶାସନ ସଚିବ, ଶକ୍ତି ବିଭାଗ, ବିଶାଲ କୁମାର ଦେବ, ସିଏମ୍‌ଡି, ଓପିଟିସିଏଲ ଭାସ୍କର ଜ୍ୟୋତି ଶର୍ମା ଏବଂ ଓଡ଼ିଶା ସରକାରଙ୍କ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବୃନ୍ଦ ତଥା ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଯୋଜନା ଓପିଟିସିଏଲର ପ୍ରତ୍ୟେକ କର୍ମଚାରୀଙ୍କୁ ସୁଦୃଢ଼ ଆର୍ଥିକ ନିରାପତ୍ତା ପ୍ରଦାନ କରିବ।

# ଇସ୍କନ୍‌ର ଅଦିନିଆ ରଥଯାତ୍ରା ଶ୍ରୀଜଗନ୍ନାଥ ସଂସ୍କୃତିର ଅବମାନନା

**ଭୁବନେଶ୍ୱର,୨୪।୧୧/ଏନ୍‌ଏନ୍‌ଏସ୍‌:** ବିଭିନ୍ନ ଦେଶରେ ଇସ୍କନ୍ ତରଫରୁ ଅଦିନିଆ ରଥଯାତ୍ରା କରାଯାଉଥିବାରୁ ବିଶ୍ୱର ଅଗଣିତ ଜଗନ୍ନାଥପ୍ରେମୀ ମର୍ମାହତ ହେଉଛନ୍ତି। ନିକଟରେ ନାଇଜେରିଆର ୱାରୀ ସହରରେ ଗତ ୨୨ ତାରିଖ ଦିନ ରଥଯାତ୍ରା ହୋଇଛି। ଏହି ରଥଯାତ୍ରା ସମ୍ପର୍କରେ ସେଠାରେ ପୂର୍ବରୁ ଇସ୍କନ ତରଫରୁ ବହୁଳ ଭାବରେ ପ୍ରଚାର କରାଯାଇଥିଲା। ଏହାର ପ୍ରତିବାଦ କରି ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡ଼୍‌ୱାଇଡ୍ ଅନୁଷ୍ଠାନ ତରଫରୁ ନାଇଜେରିଆର ଲାଗୋସ ସହରରେ ଗତ ୧୬ ତାରିଖ ଦିନ ଇସ୍କନର ପଶ୍ଚିମ ଆଫ୍ରିକା ମୁଖ୍ୟ ପ୍ରଭୁ ମହାରାଜଙ୍କୁ ଏକ ଅନୁରୋଧ ପତ୍ର ପ୍ରଦାନ କରାଯାଇଥିଲା। ତାହା ସହିତ ଗଜପତି ମହାରାଜାଙ୍କ ପ୍ରେରିତ ପୁରାଣର ଉଦାହରଣଯୁକ୍ତ ପତ୍ରର କପି, ପୁରୀ ଶ୍ରୀମନ୍ଦିର ପଣ୍ଡିତଙ୍କ ପ୍ରମାଣ ଓ ଯୁକ୍ତି ମଧ୍ୟ ପ୍ରଦାନ କରାଯାଇଥିଲା। ନଭେମ୍ବର ୨୨ର ରଥଯାତ୍ରାକୁ ବନ୍ଦ କରିବା ପାଇଁ ତାଙ୍କୁ ବିଶେଷ ଅନୁରୋଧ କରାଯାଇଥିଲା। ଏ ସମ୍ପର୍କରେ 'ଇସ୍କନ ଗଭର୍ଣ୍ଣିଂ ବଡି କମିସନ' ମାୟାପୁର ସହିତ କଥାହେବା ପାଇଁ ଇସ୍କନ୍ ପଶ୍ଚିମ ଆଫ୍ରିକାର ମୁଖ୍ୟ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେମାନେ ପୂର୍ବ ପ୍ରଚାରିତ ୨୨ ତାରିଖ ଦିନ ରଥଯାତ୍ରା କରିଥିଲେ। ଗତ ଅକ୍ଟୋବର ମାସରେ ଶ୍ରୀମନ୍ଦିର ପ୍ରଶାସନର ଚିଠିର ଉତ୍ତରରେ ମାୟାପୁର ସ୍ଥିତ ଇସ୍କନର ମୁଖ୍ୟ କାର୍ଯ୍ୟାଳୟ କହିଥିଲେ ଯେ ଭାରତ ଭିତରେ ତିଥି ଅନୁସାରେ ସ୍ନାନଯାତ୍ରା ଓ ରଥଯାତ୍ରା କରାଯିବ। ବିଦେଶରେ କେବଳ ସ୍ନାନଯାତ୍ରା ତିଥି ଅନୁସାରେ କରାଯିବ। ମାତ୍ର ରଥଯାତ୍ରାକୁ ତିଥି ଅନୁସାରେ କରିବା ଆଦୌ ସମ୍ଭବ ନୁହେଁ ବୋଲି ସେମାନେ ଜଣାଇଥିଲେ। ଶାସ୍ତ୍ର ଅନୁଯାୟୀ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ରଥଯାତ୍ରା କରାଯିବା ବିଧି ସମ୍ମତ। କିନ୍ତୁ ବିଦେଶରେ ଇସ୍କନ ଏହାକୁ ମାନିବାକୁ ପ୍ରସ୍ତୁତ ନୁହେଁ। ଆହୁରି ମଧ୍ୟ ଖବର ମିଳିଛି ଯେ ତାଇୱାନ ଦେଶର ରାଜଧାନୀ ତାଇପେଇ ସହରରେ ନଭେମ୍ବର ୨୩ ତାରିଖରେ ରଥଯାତ୍ରା କରାଯାଇଛି। ରଥଯାତ୍ରା ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ନୁହେଁ । ଏଣୁ ଇସ୍କନର ଏହି ମନମୁଖୀ କାର୍ଯ୍ୟକଳାପ ସମ୍ପର୍କରେ ସାରା ବିଶ୍ୱରେ ଥିବା ଜଗନ୍ନାଥ ପ୍ରେମୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ପ୍ରତିବାଦର ସ୍ୱର ଉଠାଇବାର ସମୟ ଆସିଛି ବୋଲି ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡ୍‌ୱାଇଡ୍ ଅନୁଷ୍ଠାନ ତରଫରୁ କୁହାଯାଇଛି।

**ଶକ୍ତି ପରିବର୍ତ୍ତନ, ଗ୍ରୀଡ୍ ଆଧୁନିକୀକରଣ ଫୋକସ୍**

# ଗ୍ଲୋବାଲ୍ ଏନର୍ଜି ଆଲାଏନ୍ସ ଫର୍ ପିପୁଲ୍ ଆଣ୍ଡ ପ୍ଲାନେଟ୍ ସହ ରାଜ୍ୟ ସରକାରଙ୍କ ଏମ୍‌ଓୟୁ

**ଭୁବନେଶ୍ୱର,୨୪।୧୧/ଏନ୍‌ଏନ୍‌ଏସ୍‌:** ଓଡ଼ିଶାର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ପାଇଁ ଏକ ସମନ୍ୱିତ କାର୍ଯ୍ୟକ୍ରମରେ ସହଭାଗୀ ହୋଇ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଓ ଗ୍ଲୋବାଲ୍ ଏନର୍ଜି ଆଲାଏନ୍ସ ଫର ପିପୁଲ୍ ଆଣ୍ଡ୍ ପ୍ଲାନେଟ୍ ସୋମବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଚୁକ୍ତିନାମା ଏକ ବହୁମୁଖୀ ସହଯୋଗ ସ୍ଥାପନ କରିଛି ଯାହା ଯୋଜନା, ବୈଷୟିକ ସହାୟତା, ପାଇଲଟ୍ ନିୟୋଜନ ଏବଂ ଆର୍ଥିକ ସୁବିଧାକୁ ମିଶ୍ରଣ କରି ଶକ୍ତି ବ୍ୟବସ୍ଥା ଓ ଜୀବିକା ସୁଯୋଗରେ ରାଜ୍ୟର ମହତ୍ତ୍ୱାକାଂକ୍ଷାକୁ କାର୍ଯ୍ୟକାରୀ କରିବ।

ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ଏହି ବୁଝାମଣାପତ୍ର ଏକ ରଣନୈତିକ ସହଭାଗୀତା ଯାହା ବୈଷୟିକ ବିଶେଷଜ୍ଞତା, ନୀତି ସମର୍ଥନ ଏବଂ ଆର୍ଥିକ ପଥଗୁଡ଼ିକୁ ସମନ୍ୱିତ କରି ଏକ ସ୍ଥିର, ସମାନ ଓ ନିବେଶ ପାଇଁ ପ୍ରସ୍ତୁତ ସ୍ୱଚ୍ଛ ଶକ୍ତି ଭବିଷ୍ୟତ ଆଡ଼କୁ ଓଡ଼ିଶାର ଯାତ୍ରାକୁ ତ୍ୱରାନ୍ୱିତ କରିବ। ରାଜ୍ୟବାସୀଙ୍କୁ ନିରନ୍ତର ଓ ସୁନିଶ୍ଚିତ ବିଦ୍ୟୁତ ପ୍ରବାହ ଯୋଗାଇ ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିବଦ୍ଧ। ଏହି ଏମ୍‌ଓୟୁ ଅନ୍ତର୍ଗତ ଅଂଶୀଦାରମାନେ ଶକ୍ତି ପରିବର୍ତ୍ତନ ଯୋଜନା ଓ ଗ୍ରୀଡ୍ ଆଧୁନିକୀକରଣରେ ସହଯୋଗ କରିବେ, ଯାହା ରାଜ୍ୟକୁ ବହୁ-କ୍ଷେତ୍ର ପରିବର୍ତ୍ତନ ଯୋଜନା ବିକାଶ କରିବାରେ ଏବଂ ନବୀକରଣକୁ ଭଲ ଭାବରେ ସଂଯୁକ୍ତ କରିବାରେ ସାହାଯ୍ୟ କରିବ। ଏହି ବିଷୟବସ୍ତୁ ଅନୁଯାୟୀ କାର୍ଯ୍ୟ ଦକ୍ଷତା ଓ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଉନ୍ନତ ବୈଷୟିକ ପଦ୍ଧତି ଏବଂ ପିକ୍-ଲୋଡ୍ ପରିଚାଳନାକୁ ଅପ୍ଟିମାଇଜ୍ କରିବ। ବ୍ୟାଟେରୀ ଶକ୍ତି ସଂରକ୍ଷଣ ସିଷ୍ଟମ୍‌ର ନିୟୋଜନକୁ ତ୍ୱରାନ୍ୱିତ କରିବା ମଧ୍ୟ ଏକ ମୁଖ୍ୟ ଲକ୍ଷ୍ୟ ହେବ। ଆଲାଏନ୍ସ ଓଡ଼ିଶାରେ ଶକ୍ତି ବିଭାଗ, ଗ୍ରୀଡ଼କୋ, ଓରେଡା ଓ ଡିସ୍‌କମ୍ ମଧ୍ୟରେ ବୈଷୟିକ-ଅର୍ଥନୈତିକ, ସବ୍‌ଷ୍ଟେସନ୍‌ର ଚିହ୍ନଟ ଓ ପିକ୍ ସିଫ୍ଟିଂ, ନବୀକରଣୀୟ ସମନ୍ୱୟ ରକ୍ଷା ସହ ଏବଂ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବାରେ ମଧ୍ୟ ସହାୟତା କରିବ। ଏହି ବୁଝାମଣାପତ୍ର ରାଜ୍ୟବ୍ୟାପୀ ଉତ୍ପାଦନରେ ବୃଦ୍ଧି, ବିଦ୍ୟୁତ ଇନ୍‌ପୁଟ୍ ଖର୍ଚ୍ଚ ହ୍ରାସ ଏବଂ ସବୁଜ ଜୀବିକା ସୁଯୋଗ ବିସ୍ତାର କରି ଶକ୍ତି-ଦକ୍ଷତା ବୃଦ୍ଧି କରିବାକୁ ମଧ୍ୟ ପ୍ରତିଶ୍ରୁତିବଦ୍ଧ। ବୁଝାମଣାପତ୍ର ସ୍ୱାକ୍ଷରିତ ସମୟରେ ଉପରୋକ୍ତ ସଂସ୍ଥା ଓଡ଼ିଶାର ବଲାଙ୍ଗୀର ଜିଲ୍ଲାକୁ ମଡେଲ ଜିଲ୍ଲା ଭାବେ ଚୟନ କରି କରିଥିଲା। ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ, ସିଏମ୍‌ଡି, ଓପିଟିସିଏଲ, ଭାସ୍କର ଜ୍ୟୋତି ଶର୍ମା, ଗ୍ଲୋବାଲ୍ ଏନର୍ଜି ଆଲାଏନ୍ସ ଫର ପିପୁଲ୍ ଆଣ୍ଡ ପ୍ଲାନେଟ୍‌ର ପ୍ରତିନିଧି, ଶକ୍ତି ବିଭାଗ, ଓପିଟିସିଏଲ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।

# ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**ଭୁବନେଶ୍ୱର,୨୪।୧୧/ଏନ୍‌ଏନ୍‌ଏସ୍‌:** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ରାଜନୀତି ବିଜ୍ଞାନ ଓ ଅର୍ଥନୀତି ବିଷୟର ସ୍ନାତକୋତ୍ତର ବା ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କ ନିମନ୍ତେ ଆରମ୍ଭ ହୋଇଛି ପାଞ୍ଚ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ। ଭୁବନେଶ୍ୱର ଶିରିପୁରସ୍ଥିତ ଇମେଜ୍‌ଠାରେ ଆଜି ଉଦ୍‌ଘାଟିତ ହୋଇଯାଇଛି ଏହି ପ୍ରଶିକ୍ଷଣ ଶିବିର। ଏହି ପ୍ରଶିକ୍ଷଣରେ ୯୦ ଜଣ ପିଜିଟି ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି। ଏହି ଅବସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଯୋଗଦେଇ ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱ ଦେବା ନିମନ୍ତେ ନିଜର ଦକ୍ଷତା ବୃଦ୍ଧି ଜରୁରୀ ବୋଲି ସୂଚନା ଦେଇଛନ୍ତି ଓ ଛାତ୍ରଛାତ୍ରୀଙ୍କୁ ଭୟହୀନ ପରିବେଶରେ ଚାପମୁକ୍ତ ପାଠପଢ଼ା ଉପରେ ଗୁରୁତ୍ୱାରୋପ କରିବା ନିମନ୍ତେ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ସ୍ନିଗ୍ଧା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିତେନ୍ଦ୍ର ନାୟକ, ଉପନିର୍ଦ୍ଦେଶକ, ଡ଼. ଉମାକାନ୍ତ ସେଠୀ, ଓଆଇସି, ଏସ୍‌ଏମ୍‌ଏସ୍ ପ୍ରମୁଖ ଯୋଗ ଦେଇଥିଲେ। ଉପନିର୍ଦ୍ଦେଶିକ ସିଏଚ. ବିଜୟଲକ୍ଷ୍ମୀ ଧନ୍ୟବାଦ ଅର୍ପଣ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ପିଜିଟିମାନଙ୍କ ଦକ୍ଷତା ବିକାଶ ଉପରେ ପ୍ରାଧାନ୍ୟ ଦିଆଯିବ ଓ ବୃତ୍ତି ସମ୍ବନ୍ଧୀୟ ସଚେତନତା, ଶିକ୍ଷକମାନଙ୍କ ବୃତ୍ତିଗତ ବିକାଶ, ଶ୍ରେଣୀଗୃହ ପରିଚାଳନା, ଗ୍ରୁପ ଆକ୍ଟିଭିଟି, ଆକାଂକ୍ଷା ବିଦ୍ୟାଳୟର ରୂପରେଖ ଆଦି ସମ୍ପର୍କରେ ତାଲିମ୍ ଦିଆଯିବ। ପ୍ରତ୍ୟେକ ଦିନ ପାଞ୍ଚଟି ଅଧିବେଶନ, ମୋଟ ୨୫ଟି ଅଧିବେଶନ ସମେତ ସ୍ଥାନୀୟ ପରିଭ୍ରମଣର ମଧ୍ୟ ଯୋଜନା କରାଯାଇଛି। ପରିଶେଷରେ ମତାମତ ଗ୍ରହଣ ଏବଂ ସାର୍ଟିଫିକେଟ ପ୍ରଦାନ କରାଯିବ।

# ଦୁଇ କାର୍ ଧକ୍କା, ଜଣେ ଗୁରୁତର

**କଟକ,୨୪।୧୧/ଏନ୍‌ଏନ୍‌ଏସ୍‌:** କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ବମ୍ଫକୁଦଠାରେ ଦୁଇ କାର ମଧ୍ୟରେ ଧକ୍କା ହେବାରୁ ଜଣେ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଭୁବନେଶ୍ୱର ପଟୁ ଏକ ଧଳା ରଙ୍ଗର କାର କଟକ ଆଡ଼କୁ ଆସୁଥିଲା। ଏହି ସମୟରେ ବମ୍ଫକୁଦ ଛକଠାରେ ହଠାତ୍ ଅନ୍ୟ ଏକ କଳା ରଙ୍ଗର କାର ରାସ୍ତା ଉପରକୁ ଚାଲି ଆସିଥିଲା। ଫଳରେ ଭୁବନେଶ୍ୱର ପଟୁ ଆସୁଥିବା କାର ଚାଳକ ଜଣକ ଭାରସାମ୍ୟ ହରାଇପଡ଼ିବାରୁ କଳା କାର ସହିତ ଜୋର୍‌ରେ ଧକ୍କା ହୋଇଥିଲା। ଫଳରେ କାରରେ ଥିବା ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ତୁରନ୍ତ ମେଡିକାଲ ପଠାଇଥିଲା।

## ହି-ମ୍ୟାନ୍ ଧର୍ମେନ୍ଦ୍ରଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୨୪।୧୧/ଏନ୍ଏନ୍ଏସ୍:** ବଲିଉଡର ହି-ମ୍ୟାନ୍ ଧର୍ମେନ୍ଦ୍ରଙ୍କର ପରଲୋକ ଘଟିଛି। ଦୀର୍ଘ ଦିନ ଧରି ସେ ଅସୁସ୍ଥ ଥିବାବେଳେ ସୋମବାର ତାଙ୍କର ଦେହାନ୍ତ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, କିମ୍ବଦନ୍ତୀ ଅଭିନେତା ଧର୍ମେନ୍ଦ୍ରଜୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଗଭୀର ମର୍ମାହତ। ସେ ତାଙ୍କର ବହୁମୁଖୀ ଅଭିନୟ ଏବଂ ଆକର୍ଷଣୀୟ ଉପସ୍ଥିତି ସହିତ ଦଶନ୍ଧି ଧରି ଦର୍ଶକଙ୍କୁ ମୋହିତ କରିଥିଲେ। ତାଙ୍କର କାର୍ଯ୍ୟଧାରା ପିଢ଼ି ପରେ ପିଢ଼ି କଳାକାର ଏବଂ ସିନେମା ପ୍ରେମୀଙ୍କୁ ପ୍ରେରଣା ଦେଇ ଚାଲିବ। ତାଙ୍କ ପରିବାର, ବନ୍ଧୁ ଏବଂ ଅଗଣିତ ପ୍ରଶଂସକଙ୍କ ପ୍ରତି ମୋର ସମବେଦନା। ତାଙ୍କ ମହାନ ଆତ୍ମାକୁ ଶାନ୍ତି ମିଳୁ। ଓମ୍ ଶାନ୍ତି।

### ୨୭ରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

## ମୁତୟନ ହେବେ ୨୫ ପ୍ଲାଟୁନ୍ ଫୋର୍ସ

**ଭୁବନେଶ୍ୱର,୨୪।୧୧/ଏନ୍ଏନ୍ଏସ୍:** ନଭେମ୍ବର ୨୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଓଡ଼ିଶା ବିଧାନସଭାର ପ୍ରଥମ ଶୀତକାଳୀନ ଅଧିବେଶନକୁ ସେ ସମ୍ବୋଧିତ କରିବେ। ତେଣୁ ସୁରକ୍ଷା ପାଇଁ ୨୫ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତ କାରଣରୁ ସୁରକ୍ଷାକୁ ତ୍ରିସ୍ତରୀୟ କରାଯିବାକୁ ନିଷ୍ପତ୍ତି ହୋଇଛି। ନଭେମ୍ବର ୨୭ ଓ ୨୮ ପାଇଁ ବିଜୁ ପଟ୍ଟନାୟକ ବିମାନବନ୍ଦର, ରାଜଭବନ ଓ ବିଧାନସଭାକୁ ଅଧିକାରୀମାନେ ହାଇ ଆଲର୍ଟରେ ରଖିଛନ୍ତି। ପାଞ୍ଚ ଜଣ ଡେପୁଟି ପୁଲିସ କମିସନର କାର୍ଯ୍ୟ ତଦାରଖ କରିବେ। ପାଞ୍ଚ ଜଣ ସହାୟକ କମିସନର, ୨୦ ଜଣ ଇନ୍ସପେକ୍ଟର ଏବଂ ୩୦ ଜଣ ଅନ୍ୟ ଅଧିକାରୀ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହେବେ। ରାଷ୍ଟ୍ରପତିଙ୍କ ଅଙ୍ଗରକ୍ଷୀ (ପିବିଜି) କମାଣ୍ଡୋ ଏବଂ ଅତିରିକ୍ତ କର୍ମଚାରୀ ଚତୁର୍ଥ ସ୍ତରୀୟ ସୁରକ୍ଷା ଯୋଗାଇବେ। ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥାର ପୂର୍ଣ୍ଣ ଅଭ୍ୟାସ ନଭେମ୍ବର ୨୬ରେ ହେବ। ସମ୍ଭାବ୍ୟ ବିପଦକୁ ଦୂର କରିବା ପାଇଁ ବମ୍ ସ୍କ୍ୱାଡ୍ ଏବଂ ସ୍ନିଫର କୁକୁରଙ୍କୁ ଯାଞ୍ଚ୍ କାର୍ଯ୍ୟରେ ନିୟୋଜିତ କରାଯିବ। ଟ୍ରାଫିକ ପୁଲିସକୁ ଯାନବାହାନ ଚଳାଚଳ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ମିଳିଛି, ରୁଟ୍ ଲାଇନିଂ ପାଇଁ ପାଞ୍ଚଟି ପ୍ଲାଟୁନ୍ ନିୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସୁରକ୍ଷିତ କରିବା ପାଇଁ ପ୍ରମୁଖ ସ୍ଥାନଗୁଡ଼ିକରେ ୨୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ ବୋଲି ଜଣାପଡ଼ିଛି।

## ରାଜଧାନୀରେ ଗର୍ଜିଲେ ଅଙ୍ଗନବାଡ଼ି କର୍ମୀ

**ଭୁବନେଶ୍ୱର,୨୪।୧୧/ଏନ୍ଏନ୍ଏସ୍:** ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲ। ଏବେ ପୂରଣ କର। ନହେଲେ ଟ୍ରେଲର ଦେଖିଲ ଆଗକୁ ଫିଲ୍ମ ଦେଖିବ। ସରକାରଙ୍କୁ ଏମିତି କିଛି କହି ସୋମବାର ଧାରଣାରେ ବେଇଥିଲେ ଅଙ୍ଗନବାଡ଼ି କର୍ମୀ। ୧୧ ଦଫା ଦାବି ନେଇ ରାଜଧାନୀର ଲୋୟର ପିଏମଜିରେ ଆନ୍ଦୋଳନ କରିଛନ୍ତି ହଜାର ହଜାର କର୍ମୀ। ପ୍ରମୁଖ ଦାବି ରହିଛି ଅଙ୍ଗନବାଡ଼ି କର୍ମୀଙ୍କୁ ୩ ହଜାର ଓ ସହାୟିକାଙ୍କ ଦରମାରେ ୨ ହଜାର ଟଙ୍କା ବୃଦ୍ଧି। ପୂର୍ବରୁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ ଏବେର ସରକାର। ସରକାର ଟଙ୍କା ନଦେବାରୁ ,କଥା ମନେ ପକାଇବାକୁ ଆସିଛୁ ବୋଲି କହିଛି ସଂଘ। ଏବେ ଅଙ୍ଗନବାଡ଼ି କର୍ମୀଙ୍କ ଦରମା ୧୮ ହଜାର ଟଙ୍କା ସହ ସହକର୍ମୀଙ୍କ ଦରମା ୯ ହଜାର କରିବାକୁ ଦାବି କରିଛନ୍ତି। ଆଗକୁ ବିଧାନସଭା ଶୀତ ଅଧିବେଶନ ଆସୁଥିବାରୁ ଆଗୁଆ ସରକାରଙ୍କ ଉପରେ ଚାପ ପକାଇବାକୁ ସଂଘ ଏଭଳି ବିକ୍ଷୋଭ ପ୍ରଦର୍ଶନ କରିଛି। ଯଦି ବିଧାନସଭାରେ ସରକାର ଘୋଷଣା ନକରାଯାଏ ତେବେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ଧମକ ଦେଇଛି ସଂଘ। ଅନ୍ୟ ଦାବି ଗୁଡିକ ମଧ୍ୟରେ ସମସ୍ତ ଅଙ୍ଗନବାଡି କର୍ମୀଙ୍କୁ ସରକାରୀ ମାନ୍ୟତା, ଜାତୀୟ ଶିକ୍ଷାନୀତି ଅନୁସାରେ ଶିକ୍ଷୟିତ୍ରୀ ଭାବରେ ସମସ୍ତଙ୍କୁ ଗଣାଯିବା, ଅବସରପ୍ରାପ୍ତ ଅଙ୍ଗନବାଡ଼ି କର୍ମଚାରୀଙ୍କୁ ୫ ହଜାର ଏବଂ ସହକର୍ମୀଙ୍କୁ ୩ ହଜାର ଟଙ୍କା ମାସିକ ପେନସନ ପ୍ରଦାନ ଦାବି ରହିଛି। ଏଥିସହ ସରକାରୀ କାର୍ଯ୍ୟ ପାଇଁ ଉନ୍ନତମାନର ମୋବାଇଲ ହ୍ୟାଣ୍ଡସେଟ ଦେବାକୁ ଦାବି କରାଯାଇଛି। ପୂର୍ବରୁ ଯେହେତୁ ଉଭୟ କେନ୍ଦ୍ର ଓ ରାଜ୍ୟରେ ଅଲଗା ସରକାର ରହୁଥିଲେ ତେଣୁ ଦାବି ଉପରେ ନିଷ୍ପତ୍ତି ନେବା ଅସୁବିଧା ହେଉଥିଲା। ଏବେ ଡବଲ ଇଂଜିନି ସରକାର ରହିଥିବାରୁ ଦାବି ପୂରଣରେ କିଛି ସମସ୍ୟା ହେବ ନାହିଁ ବୋଲି ସଂଘ କହିଛି। ତେବେ ସରକାର ସଂଘର ଦାବି ଉପରେ କି ନିଷ୍ପତ୍ତି ନେଉଛନ୍ତି ତାକୁ ଅପେକ୍ଷା।

**ମାସିକ ଦରମା ୧୮ ହଜାର ଦାବି**

## ସମବାୟ କେବଳ ବ୍ୟବସାୟିକ ମଡେଲ୍ ନୁହେଁ, ଏକ ବିଚାର: କେନ୍ଦ୍ରମନ୍ତ୍ରୀ



**ସମ୍ବଲପୁର,୨୪।୧୧/ଏନ୍ଏନ୍ଏସ୍:** ସମବାୟ ଆମ ସମାଜର ଅବିଚ୍ଛେଦ୍ୟ ଅଙ୍ଗ। ଏହା କେବଳ ଏକ ବ୍ୟବସାୟିକ ମଡେଲ୍ ନୁହେଁ, ଏହା ହେଉଛି ଏକ ବିଚାର। ମଧୁବାବୁଙ୍କ ଉତ୍କଳ ଟ୍ୟାନେରୀ ହେଉ କିମ୍ବା ସର୍ଦ୍ଦାର ପଟେଲଜୀଙ୍କ ଦ୍ୱାରା ପ୍ରେରିତ ଅମୂଲ୍ ଭଳି ସଂସ୍ଥା, ଏମାନେ ସମବାୟର ଶକ୍ତିଶାଳୀ ଉଦାହରଣ। ଗ୍ରାମୀଣ ଅର୍ଥନୀତି ଓ କୃଷକମାନଙ୍କୁ ସଶକ୍ତ କରିବାରେ ଏହି ବିଚାର ଅତୁଳନୀୟ ଭୂମିକା ଗ୍ରହଣ କରିଛି। ସମବାୟ କ୍ଷେତ୍ରକୁ ଦେଶର ବିକାଶର ମୂଳ ସ୍ରୋତରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଦୂରଦୃଷ୍ଟି ଆଜି ସାରା ଦେଶରେ ଏକ ନୂତନ ଉତ୍ସାହ ସୃଷ୍ଟି କରିଛି। ମୋଦୀ ସରକାର ସ୍ୱତନ୍ତ୍ର ଭାବରେ ସହକାରିତା ମନ୍ତ୍ରଣାଳୟ ଗଠନ କରି ଏହାର ଗୁରୁତ୍ୱକୁ ଦର୍ଶାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୂଳ ମନ୍ତ୍ର ହେଉଛି 'ସମବାୟରୁ ସମୃଦ୍ଧି'। ସ୍ୱାଧୀନତା ପୂର୍ବରୁ ଆମେ ସ୍ୱରାଜ ପାଇଁ ଲଢ଼େଇ କରିଥିଲେ। ଆଜି ସମୃଦ୍ଧି ପାଇଁ ଯୋଜନା କରିବା ପାଇଁ ପଡ଼ିବ ବୋଲି ସୋମବାର ସମ୍ବଲପୁରରେ 'ଜିଲ୍ଲାସ୍ତରୀୟ ସର୍ବଭାରତୀୟ ସମବାୟ ସପ୍ତାହ -୨୦୨୫' କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସର୍ବଭାରତୀୟ ୭୨ତମ ସମବାୟ ସପ୍ତାହ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ସମବାୟ ଆମକୁ ଶିକ୍ଷା ଦିଏ ଯେ କେବଳ ବ୍ୟକ୍ତିଗତ ଉଦ୍ୟମରେ ନୁହେଁ, ବରଂ ସାମୂହିକ ପ୍ରୟାସରେ ହିଁ ପ୍ରକୃତ ସଫଳତା ମିଳେ। ଏହିପରି ଭାବରେ ସାମୂହିକ ପ୍ରୟାସ ମାଧ୍ୟମରେ ଆମେ ସମ୍ବଲପୁରରେ ସମ୍ପନ୍ନତା ଆଣିବା। ଶେଷରେ ଆଗାମୀ ଦିନରେ ପ୍ରତି ପଞ୍ଚାୟତସ୍ତରରେ ଗୋଟିଏ ଲେଖାଏଁ ସମବାୟ ପ୍ରଶିକ୍ଷଣ ଶିବିର କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେବା ସହ ନୂଆପିଢ଼ିର ଯୁବକମାନଙ୍କୁ ସେଥିରେ ସାମିଲ କରିବା ପାଇଁ କହିଛନ୍ତି। ସମ୍ବଲପୁର ଜିଲ୍ଲାରେ ଆଗାମୀ ଦିନରେ ୧୫୦ଟି ବହୁମୁଖୀ ସମବାୟ ସମିତି ସହ ୫୦ଟି କୃଷି ଉତ୍ପାଦ ସଂଗଠନ(ଏଫପିଓ) ଗଠନ କରିବାକୁ ଆହ୍ୱାନ କରିଛନ୍ତି। ଆଗାମୀ ୨ ବର୍ଷ ଭିତରେ ଜିଲ୍ଲାର ସବୁ ପରିବାର ଏଫପିଓ କିମ୍ବା ସମବାୟ ସମିତିରେ ଯୋଡ଼ି ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ ଓ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସମ୍ବଲପୁର ଚିଡ଼ିଆଖାନାର ହେବ ଶ୍ରୀବୃଦ୍ଧି

## ଏନ୍‌କ୍ଲୋଜର୍‌ର ଶିଳାନ୍ୟାସ କଲେ ଧର୍ମେନ୍ଦ୍ର

**ସମ୍ବଲପୁର,୨୪।୧୧/ଏନ୍ଏନ୍ଏସ୍:** ସମ୍ବଲପୁର ଚିଡ଼ିଆଖାନାକୁ ଛୋଟରୁ ମିଡ୍ ସାଇଜ୍ ବା ମଧ୍ୟମ ଧରଣର ଚିଡ଼ିଆଖାନାରେ ବିକଶିତ କରିବା ପାଇଁ ଡବଲ ଇଞ୍ଜିନ ସରକାର ବିଗତ ଦିନମାନଙ୍କରେ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟବରାଦରେ ଏହି ଶ୍ରୀବୃଦ୍ଧି କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ସୋମବାର ସମ୍ବଲପୁର ଚିଡ଼ିଆଖାନାରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।ଶ୍ରୀ ପ୍ରଧାନ ସମ୍ବଲପୁର ଚିଡ଼ିଆଖାନାର ବାଘ ଖୁଆଡ଼(ଏନକ୍ଲୋଜୋର), ମଗର ଖୁଆଡ଼ ଓ ଘଡ଼ିଆଳ ଖୁଆଡ଼ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ 'ସମ୍ବଲପୁର ଜୁ' କୁ ଓଡ଼ିଶାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ଓ ଆକର୍ଷଣ କେନ୍ଦ୍ର ଭାବେ ପରିଣତ କରିବା ଆମର ଲକ୍ଷ୍ୟ ରହିଛି। ଏହି 'ସ୍ମଲ୍ ଜୁ'କୁ 'ମିଡ୍ ସାଇଜ୍ ଜୁ'ରେ ପରିଣତ କରିବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆବଶ୍ୟକ ୩୫ ହେକ୍ଟର ଜମି ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ବିଭାଗରୁ ଏକତ୍ରୀକରଣ କରାଯାଇ ସମ୍ବଲପୁର ଜୁ' ଅଥରିଟି ଗଠନ ପାଇଁ ଯୋଜନା କରାଯାଉଛି । ବର୍ତ୍ତମାନ ଏହି ଚିଡ଼ିଆଖାନାରେ କଲରାପତରିଆ ବାଘ ଅଛନ୍ତି ଏବଂ ଦର୍ଶକମାନେ ଗ୍ଲାସ୍ ହାଉସ୍ ମାଧ୍ୟମରେ ସେମାନଙ୍କୁ ଦେଖିବାର ସୁଯୋଗ ପାଉଛନ୍ତି। ଏଠାରେ ନୂତନ ଗ୍ଲାସ୍ ଖୁଆଡ଼ ନିର୍ମାଣ ପରେ କର୍ତ୍ତୃପକ୍ଷ ଏଠାକୁ ଦୁଇ ଯୋଡ଼ା ବା ୪ଟି ରୟାଲ୍ ବେଙ୍ଗଲ ଟାଇଗର ଆଣିବାକୁ ଯୋଜନା କରିଛନ୍ତି। ବର୍ତ୍ତମାନ ୭୦ରୁ ଅଧିକ ପଶୁପକ୍ଷୀ ଥିବା ଏହି ଚିଡ଼ିଆଖାନାରେ ଆଗାମୀ ଦିନରେ ଅଧିକ ପକ୍ଷୀଙ୍କ ରହିବା ପାଇଁ ବ୍ୟବସ୍ଥା କରାଯିବ। ଆଜିର ପଦକ୍ଷେପ ଜୀବଜନ୍ତୁ ସଂରକ୍ଷଣ ଦିଗରେ ଆମର ଦୃଢ଼ ସଂକଳ୍ପର ପ୍ରତୀକ ଅଟେ। ପ୍ରାଣୀ ଉଦ୍ୟାନର ଉନ୍ନତିକରଣ ଦ୍ୱାରା ଏହା ଜାତୀୟ ସ୍ତରରେ ଏକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଗଣିତ ହେବ ।ବାଘ, ମୁଗର ଏବଂ ଘଡ଼ିଆଳ ଭଳି ବିରଳ ଜୀବଜନ୍ତୁଙ୍କୁ ଦେଖିବା ପାଇଁ ଅନେକ ପର୍ଯ୍ୟଟକ ଆକୃଷ୍ଟ ହେବେ।



**୫ କୋଟି ବ୍ୟୟବରାଦରେ କାର୍ଯ୍ୟ ଆରମ୍ଭ**

**ଆସିବ ୪ ରୟାଲ୍ ବେଙ୍ଗଲ ଟାଇଗର**





ସୁପ୍ରିମ୍‌କୋର୍ଟର ୫୩ ତମ ପ୍ରଧାନବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପୂର୍ବତନ ସିଜେଆଇ ବିଆର୍ ଗଭାଇଙ୍କ ସମେତ ଅନ୍ୟମାନେ

# ବିଦାୟ ଧର୍ମେନ୍ଦ୍ର

ଆଉ ଶୁଭିବନି 'ହମ୍ ବୋ ମର୍ଦ ହେଁ ଯେ ମୌତ୍ କା ସ୍ୱାଗତ ଭି ମେହମାନ୍ କି ତରହ କରତେ ହେଁ'

ନିଜ ଅଭିନୀତ ଫିଲ୍ମଗୁଡ଼ିକୁ ନିଜର ଓଜନଦାର ଡାଇଲଗ୍ ଦ୍ୱାରା ସବୁଦିନ ପାଇଁ ଜୀବନ କରି ନିଜେ ଆରପାରିକୁ ଚାଲିଯାଇଛନ୍ତି ବର୍ଷିଆନ୍ ଅଭିନେତା ଧର୍ମେନ୍ଦ୍ର ଦେଓଲ। ତାଙ୍କର ଏପରି କିଛି ଡାଇଲଗ୍ କେବଳ ତାଙ୍କ କଣ୍ଠରୁ ହିଁ ବେଶ୍ ମନ୍ତ୍ରମୁଗ୍ଧକାରୀ ହୋଇଥାଏ। ଧର୍ମେନ୍ଦ୍ର ନିଜର ଏକ ଫିଲ୍ମରେ କହିଥିବା ଡାଇଲଗ୍ ମଧ୍ୟରୁ ଗୋଟିଏ ଥିଲା 'ହମ୍ ବୋ ମର୍ଦ ହେଁ ଯେ ମୌତ୍ କା ସ୍ୱାଗତ ଭି ମେହମାନ୍ କି ତରହ କରତେ ହେଁ'। ଜୀବନର ଅନ୍ତିମ ସମୟରେ ମଧ୍ୟ ତାଙ୍କର ଏହି ଡାଇଲଗ୍‌କୁ ସେ ସତ କରିଯାଇଛନ୍ତି। ଜଣେ ସାହସୀ ନିର୍ଭିକ ବ୍ୟକ୍ତିତ୍ୱ ଭାବେ ସେ ହସିହସି ମୃତ୍ୟୁକୁ ଆଲିଙ୍ଗନ କରିନେଇଛନ୍ତି। ଭିଲେ ପାର୍ଲେ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଏହି ଅବସରରେ ଧର୍ମେନ୍ଦ୍ରଙ୍କ ଦୁଇ ପତ୍ନୀ (ପ୍ରକାଶ କୌର ଏବଂ ହେମା ମାଳିନୀ ଏବଂ ସନି, ବବି ଓ ଝିଅ ଈଶାଙ୍କ ସମେତ ୬ ସନ୍ତାନ ଉପସ୍ଥିତ ଥିଲେ। ଅମିତାଭ, ସଲମାନ ଖାନ ଏବଂ ଶାହରୁଖ ଖାନ ଠାରୁ ଆରମ୍ଭ କରି ଅନେକ କଳାକାର ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ। ସମଗ୍ର ଦେଶ ଲୁହଭରା ଆଖିରେ ଜଣେ ମହାନ କଳାକାର, ମହାନ୍ ବ୍ୟକ୍ତିଙ୍କୁ ବିଦାୟ ଦେଇଛି।



## ଘାଟିରୁ ଖସିପଡ଼ିଲା ଯାତ୍ରୀବାହୀ ବସ୍: ୫ମୃତ



**ଡେରାଡୁନ୍, ୨୪।୧୧/ଏଜେନ୍ସି:** ଆଜି ସକାଳୁ ଉତ୍ତରାଖଣ୍ଡରେ ଏକ ବଡ ଦୁର୍ଘଟଣା ଘଟି ପ୍ରାୟ ୫ଜଣଙ୍କ ମୃତ୍ୟୁ ହୋଇଛି। ରିପୋର୍ଟ ଅନୁସାରେ ତେହରି ଜିଲାରେ ଏକ ଯାତ୍ରୀ ବୋଝେଇ ବସ୍‌ଟି ଭାରସାମ୍ୟ ହରାଇ ୭୦ଫୁଟ୍ ତଳ ଗଭୀର ଘାଟିକୁ ଖସିପଡିଛି। ବସ୍‌ରେ ପ୍ରାୟ ୩୦-୩୫ଜଣ ଯାତ୍ରୀ ରହିଥିଲେ । ଦୁର୍ଘଟଣାରେ ୫ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି। ଏସ୍‌ଡିଆରଏଫ ଏବଂ ସ୍ଥାନୀୟ ପ୍ରଶାସନ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ମୃତାହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ତେହରି ଜିଲ୍ଲା ନରେନ୍ଦ୍ରନଗରର କୁଞ୍ଜପୁରୀ-ହିନ୍ଦୋଲାଖଲ ନିକଟରେ ଏହି ଦୁର୍ଘଟଣା ଘଟିଛି। ସେହିପରି ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏସ୍‌ଡିଆରଏଫ୍) ଅଧିକାରୀଙ୍କ ଅନୁଯାୟୀ, ଜିଲ୍ଲା ନିୟନ୍ତ୍ରଣ କକ୍ଷ ସୋମବାର ଅପରାହ୍ନରେ ଦୁର୍ଘଟଣା ବିଷୟରେ ରାଜ୍ୟ ନିୟନ୍ତ୍ରଣ କକ୍ଷକୁ ସୂଚନା ଦେଇଥିଲା। ଏହାପରେ ଘଟଣାସ୍ଥଳରୁ ଉଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅଧିକାରୀମାନେ କହିଛନ୍ତି ଯେ ଗାଡ଼ିରେ ଥିବା ଯାତ୍ରୀମାନେ ରାଜ୍ୟ ବାହାରର ବୋଲି ଜଣାପଡ଼ିଛି।

## ଆତଙ୍କୀ ଆକ୍ରମଣରେ ୩ ପାକ୍ ସୈନିକ ମୃତ



**ପେଶାୱାର, ୨୪।୧୧/ଏଜେନ୍ସି:** ପାକିସ୍ତାନର ପେଶାୱର ପ୍ରାନ୍ତରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇଛି। ରିପୋର୍ଟ ଅନୁସାରେ ଏଠାରେ ଜଣେ ଆତ୍ମଘାତୀ ବିସ୍ଫୋରଣକାରୀ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେବାରୁ ପାକିସ୍ତାନ ସେନାର ୩ ସୈନିକଙ୍କ ମୃତ୍ୟୁ ହୋଇଛି। ସେହିପରି ବନ୍ଧୁକଧାରୀ ଆତତାୟୀମାନେ ପାକିସ୍ତାନର ଅର୍ଦ୍ଧସାମରିକ ବାହିନୀ ମୁଖ୍ୟାଳୟରେ ପ୍ରବେଶ କରି ଗୁଳିକାଣ୍ଡ ଘଟାଇବା ସହ ମୁଖ୍ୟ ସଦର ବଜାରର ଏଫସି ଚୌକ୍‌ରେ ମଧ୍ୟ ଦୁଇଟି ବଡ଼ ବିସ୍ଫୋରଣ କରିଛନ୍ତି। ଅନ୍ୟପକ୍ଷେ ପାକିସ୍ତାନୀ ସେନା ଓ ପୁଲିସ୍ ବାହିନୀ ପକ୍ଷରୁ ଏହି ଆତତାୟୀମାନଙ୍କୁ ଧରିବା ପାଇଁ ସମ୍ପୂର୍ଣ୍ଣ ଅଞ୍ଚଳ ଏବଂ ମୁଖ୍ୟାଳୟକୁ ଘେରାବନ୍ଦୀ କରାଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ପାକିସ୍ତାନ ସେନା ଆତତାୟୀଙ୍କ ମଧ୍ୟରୁ ତିନି ଜଣଙ୍କୁ ଏନ୍‌କାଉଣ୍ଟର କରିବା ପୂର୍ବକ ନିପାତ କରିବାରେ ସଫଳ ହୋଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁଯାୟୀ, ଏହି ଆତଙ୍କବାଦୀ ଆକ୍ରମଣ ପାକିସ୍ତାନର ଅର୍ଦ୍ଧସାମରିକ ବାହିନୀର ଫ୍ରଣ୍ଟିୟର୍ କର୍ପସ୍ ମୁଖ୍ୟାଳୟରେ ହୋଇଛି। ଆକ୍ରମଣ ଏବଂ ବିସ୍ଫୋରଣରେ କେତେ କ୍ଷତି ହୋଇଛି ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ, କିନ୍ତୁ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି।

## ୟୁକ୍ରେନ୍ ଉପରେ ରୁଷ୍‌ର ବଡ଼ ଆକ୍ରମଣ, ୩୩ ମୃତ



**ମସ୍କୋ, କିଭ୍, ୨୪।୧୧/ଏଜେନ୍ସି:** ୟୁକ୍ରେନ୍ ଉପରେ ରୁଷ୍ ବର୍ଷର ସବୁଠାରୁ ବଡ ଆକ୍ରମଣ କରିଛି। ରୁଷ୍‌ର ଏହି ଭୟଙ୍କର ଆକ୍ରମଣରେ ପ୍ରାୟ ୩୩ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୬ ଶିଶୁ ଏବଂ କିଛି ମହିଳା ମଧ୍ୟ ସାମିଲ ଅଛନ୍ତି। ସେହିପରି ଶହେରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି ଏବଂ ଅନେକ କୋଠା, ସଡକ ଓ ଅନ୍ୟ ଭିତ୍ତିଭୂମିର ବ୍ୟାପକ କ୍ଷତି ଘଟିଥିବା ୟୁକ୍ରେନ୍ ପକ୍ଷରୁ ସୂଚନା ଦିଆଯାଇଛି। ବିସ୍ଫୋରଣରେ ଭୁଶୁଡି ପଡ଼ିଥିବା ବଡବଡ଼ ଅଟ୍ଟାଳିକାର ଭଗ୍ନାବଶେଷ ତଳେ ଅନେକ ଲୋକ ଦବି ରହିଥିବା ସନ୍ଦେହ କରାଯାଉଥିବା ବେଳେ ଉଦ୍ଧାର ତଥା ସର୍ଚ୍ଚ ଅପେରସନ୍‌କୁ ଜୋରଦାର କରାଯାଇଛି। ୟୁକ୍ରେନ୍ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ରୁଷ୍ ସେନା ପକ୍ଷରୁ ପ୍ରାୟ ୧୦୦୦ ଡ୍ରୋନ, ୧୦୦୦ ଗ୍ଲାଇଡ୍ ବୋମା ଏବଂ ବିଭିନ୍ନ ପ୍ରକାରର ୬୦ଟି କ୍ଷେପଣାସ୍ତ୍ର ସହାୟତାରେ ୟୁକ୍ରେନର ଟେର୍ନୋପିଲ, ଡୋନେସ୍କ, ଡିନିପ୍ରୋ, ନିକୋପୋଲ୍ ଭଳି ସହର ଉପରେ ଆକ୍ରମଣ କରାଯାଇଥିଲା। ଅନ୍ୟପକ୍ଷେ ୟୁକ୍ରେନ ରାଷ୍ଟ୍ରପତି ଭୋଲଡୋମିର ଜେଲେନ୍‌ସ୍କି ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳର ଫଟୋ ଓ ଭିଡିଓକୁ ନିଜର ଏକ୍ସ ଆକାଉଣ୍ଟରେ ଅପଲୋଡ କରିଛନ୍ତି। ଜେଲେନ୍‌ସ୍କି ଏହି ଅବସରରେ ଅନ୍ତର୍ଜାତୀୟ ବାୟୁ-ପ୍ରତିରକ୍ଷା ପ୍ରତିବଦ୍ଧତାକୁ ଦ୍ରୁତ ଭାବରେ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛନ୍ତି କାରଣ ୟୁକ୍ରେନ ଆମେରିକା ଏବଂ ୟୁରୋପୀୟ ଅଂଶୀଦାରମାନଙ୍କ ସହିତ ମିଳିତ ଭାବରେ ରଷର ଆକ୍ରମଣ ବିରୁଦ୍ଧରେ ପ୍ରତିରକ୍ଷାକୁ ମଜବୁତ କରିବା ପାଇଁ କାମ କରୁଛି। ରୁଷ୍ ସେନା ୟୁକ୍ରେନ୍‌ର ଜନବସତି ଓ ସାଧାରଣ ଲୋକଙ୍କୁ ନିଶାଣ କରିଥିବାରୁ ଜେଲେନ୍‌ସ୍କି ଏହାର ତୀବ୍ର ନିନ୍ଦା କରିଛନ୍ତି।

# ବିହାର ପରେ ଏବେ ବିଜେପିର 'ମିଶନ୍ ବଙ୍ଗଳା'

**ନୂଆଦିଲ୍ଲୀ, ୨୪।୧୧/ଏଜେନ୍ସି:** ବିହାର ବିଧାନସଭା ନିର୍ବାଚନରେ ବିଜେପିର ପ୍ରଭାବୀ ରଣନୀତି ବେଶ୍ ସଫଳ ସାବ୍ୟସ୍ତ ହୋଇଛି। ବିଜେପି ଅନ୍ୟ ସହଯୋଗୀ ଦଳଙ୍କ ସହ ଏନ୍‌ଡିଏ ମେଣ୍ଟ ଅନ୍ତର୍ଗତ ଏଠାରେ ସରକାର ଗଢ଼ିବାର ସଫଳତା ଅପେକ୍ଷା ଏକାକୀ ଅର୍ଥାତ୍ ଦଳଗତ ଭାବେ ୮୯ ଆସନ ଅକ୍ତିଆର କରିବା ବିଜେପିକୁ ବେଶ୍ ପ୍ରୋତ୍ସାହିତ କରିଛି। ଏହାକୁ ପାଥେୟ କରି ବିଜେପି ଏବେ ପଶ୍ଚିମବଙ୍ଗରେ ମଧ୍ୟ ସମାନ ସଫଳତା ହାସଲ କରିବା ପାଇଁ ତତ୍ପର ହୋଇଉଠିଛି। ବିଜେପିର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନାନୁସାରେ ୨୦୨୬ ମାର୍ଚ୍ଚ-ଏପ୍ରିଲ୍ ବେଳକୁ ପଶ୍ଚିମବଙ୍ଗରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଜେପି ଏବେ 'ମିଶନ ବଙ୍ଗଳା' ଉପରେ କାମ କରୁଛି। ବିହାର ପରି ବିଜେପି ଏଠାରେ ମଧ୍ୟ ୧୬୦+ ଆସନ ଟାର୍ଗେଟ୍ କରୁଛି। ସିଧାସଳଖ ଭାବେ କହିଲେ ବିଜେପି ଏଥର ପଶ୍ଚିମବଙ୍ଗରେ ପଦ୍ମ' ଫୁଟାଇବା ପାଇଁ ସବୁ ସମ୍ଭାବନାକୁ ଗୁରୁତ୍ୱର ସହ ବିଚାର କରୁଛି।

ବିଜେପି ପ୍ରଥମେ ଦିଲ୍ଲୀ, ପରେ ଓଡ଼ିଶା ଏବଂ ନିକଟରେ ବିହାରରେ ରାଜନୈତିକ ଅଧ୍ୟାୟକୁ ଓଲଟାଇବାରେ ସଫଳ ହେବା ପରେ ଏବେ ପଶ୍ଚିମବଙ୍ଗ ଉପରେ ନଜର ପକାଇଛି। ଏଠାରେ କ୍ଷମତାସୀନ ଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ପରାଜିତ କରିବା ବର୍ତ୍ତମାନ ସମୟ ପାଇଁ ବିଜେପି ପକ୍ଷେ ଏକ ଚ୍ୟାଲେଞ୍ଜ ରହିଆସିଛି। ମମତା ବାନାର୍ଜୀଙ୍କ ଲୋକପ୍ରିୟତା ବିଜେପିକୁ ପଶ୍ଚିମବଙ୍ଗରେ ସଂଖ୍ୟା ଗରିଷ୍ଠତା ହାସଲ କରିବା ଲକ୍ଷ୍ୟରୁ ଦୂରେଇ ରଖିଛି। ଗୋଟିଏ ପଟେ ମମତା ଏବେ ପଶ୍ଚିମବଙ୍ଗରେ ଚାଲିଥିବା ଏସ୍‌ଆଇଆର୍‌କୁ ନେଇ ସ୍ୱର ଉତ୍ତୋଳନ କରିଆସୁଥିବା ବେଳେ ବିଜେପି ଏହାକୁ ନେଇ ସକାରାତ୍ମକ ଦୃଷ୍ଟିକୋଣ ରଖିଆସୁଛି। ପ୍ରଦେଶ ବିଜେପିର ନେତାମାନେ କହୁଛନ୍ତି ଏସ୍‌ଆଇଆର୍ ପ୍ରକ୍ରିୟା ଦ୍ୱାରା ରାଜ୍ୟରୁ ନକଲି ଭୋଟରମାନେ ବାଦ୍ ପଡ଼ିବେ। ଏହି ନକଲି ଭୋଟରମାନେ ହିଁ ଆଜି ପର୍ଯ୍ୟନ୍ତ ତୃଣମୂଳ କଂଗ୍ରେସର ଭୋଟ୍‌ବ୍ୟାଙ୍କ୍ ରହିଆସିଛନ୍ତି। ଯେହେତୁ ଏସବୁ ନକଲି ଭୋଟର୍‌ଙ୍କ ଭୋଟ୍ ବାଦ୍ ପଡ଼ିଯିବ ଟିଏମ୍‌ସିର ପରାଜୟ ନିଶ୍ଚିତ ହୋଇଯିବ। କେବଳ



ଏହି କାରଣରୁ ମମତା ଏବଂ ଟିଏମ୍‌ସି ଏସଆଇଆର୍‌କୁ ବିରୋଧ କରୁଛନ୍ତି।

ବିଜେପି ଏବେ ନିଜ ରଣନୀତି ପୂର୍ବକ ଟିଏମ୍‌ସିର ଅସନ୍ତୁଷ୍ଟ ନେତାମାନଙ୍କୁ ଟାର୍ଗେଟ୍ କରିବା ଅଧିକ ସମ୍ଭାବନା ରହିଛି। ମମତାଙ୍କ ଅଧିକ ଗୁରୁତ୍ୱ ନଦେଇ ରାଜ୍ୟର ଏପରି ଗୋଷ୍ଠୀଙ୍କୁ ନିଜ ସପକ୍ଷକୁ ଆଣିବାକୁ ଚେଷ୍ଟା କରିବ ଯେଉଁମାନେ ଟିଏମ୍‌ସି ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରରୋଚିତ ବା ଅବହେଳିତ ହୋଇଥିବା ଅଭିଯୋଗ କରିଆସୁଛନ୍ତି। ସିଧାସଳଖ କହିଲେ ବିଜେପି ଏବେ ତୃଣମୂଳ ସ୍ତରରୁ ମମତାଙ୍କ ଦଳ ଟିଏମ୍‌ସିକୁ ଦୁର୍ବଳ କରିବାକୁ ପ୍ରୟାସ କରିବ। ସେହିପରି ବିହାରରେ ବିଜେପିକୁ ସଂଖ୍ୟା ଗରିଷ୍ଠ ଦଳ ଭାବେ ଉପସ୍ଥାପିତ କରିଥିବା ଦଳର ଅନ୍ୟତମ ଚାଣକ୍ୟ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ପଶ୍ଚିମବଙ୍ଗ ନିର୍ବାଚନ ସମୟରେ ଦାୟିତ୍ୱ ଦେଇପାରନ୍ତି ବିଜେପିର ହାଇକମାଣ୍ଡ। କାରଣ ଧର୍ମେନ୍ଦ୍ରଙ୍କ ନିର୍ବାଚନୀ ଗୋଟି ଚାଳନା କେବଳ ଦଳକୁ ସଫଳ କରାଇଛି ତାହା ନୁହେଁ ବରଂ ଦଳକୁ ଅନେକାଂଶରେ ଶକ୍ତିଶାଳୀ କରାଇବା ସହ ଜନତାଙ୍କ ନିକଟତର ମଧ୍ୟ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଦେଖିବାକୁ ମିଳୁଛି। ଗତ ୫ ବର୍ଷ ମଧ୍ୟରେ ପଶ୍ଚିମବଙ୍ଗରେ ଘଟିଥିବା ଅନେକ ଘଟଣା, ଅଘଟଣକୁ ବିଜେପି ଏଥର ନିର୍ବାଚନୀ ପ୍ରସଙ୍ଗ କରିବାର ସମ୍ଭାବନା ଯଥେଷ୍ଟ ଅଧିକ ଥିବା ବେଳେ ଦଳ ବଂଶବାଦ ରାଜନୀତିକୁ ମୁଖ୍ୟତଃ ଅସ୍ତ୍ର ଭାବେ ଉଠାଇବ। ତେବେ ଅନ୍ୟ ରାଜ୍ୟଗୁଡ଼ିକ ଭଳି ପଶ୍ଚିମବଙ୍ଗରେ ଜାତି ରାଜନୀତି ଏକ ପ୍ରମୁଖ ପ୍ରସଙ୍ଗ ନୁହେଁ ଏବଂ ଧ୍ରୁବୀକରଣ ଅନ୍ୟ ରାଜ୍ୟ ପରି ବ୍ୟାପକ ନୁହେଁ। ତେଣୁ ଏକ ଭିନ୍ନ ଫର୍ମୁଲା ଆଧାରରେ ବିଜେପି ଆଞ୍ଚଳିକ ଏବଂ ଧାର୍ମିକ ସମୀକରଣକୁ ସନ୍ତୁଳିତ କରିବା ଉପରେ ଗୁରୁତ୍ୱ ଦେବ ବୋଲି ଅନୁମାନ କରାଯାଉଛି।

**ଦିଲ୍ଲୀ ପ୍ରଦୂଷଣ: ଇଣ୍ଡିଆ ଗେଟ୍ ସମ୍ମୁଖରେ ଯୁବଗୋଷ୍ଠୀଙ୍କ ବିକ୍ଷୋଭ**

# ନକ୍ସଲବାଦୀଙ୍କ ସମର୍ଥନରେ ନାରାବାଜି, ୧୫ ଗିରଫ

- ବ୍ୟାରିକେଡ୍ ଭାଙ୍ଗିଲେ, ପୁଲିସ୍ କର୍ମୀଙ୍କ ଉପରେ ଲଙ୍କାଗୁଣ୍ଡ ଫିଙ୍ଗିଲେ



**ନୂଆଦିଲ୍ଲୀ, ୨୪।୧୧/ଏଜେନ୍ସି:** ଦିଲ୍ଲୀ ଏବଂ ଏନ୍‌ସିଆର୍‌ରେ ସୃଷ୍ଟି ହୋଇଥିବା ବାୟୁ ପ୍ରଦୂଷଣ ଏବେ ଏକ ବଡ଼ଧରଣ ବିକ୍ଷୋଭର କାରଣ ସାଜିଛି। ରିପୋର୍ଟ ଅନୁସାରେ ରବିବାର ସନ୍ଧ୍ୟାରୁ ଦିଲ୍ଲୀର ଇଣ୍ଡିଆ ଗେଟ୍ ଠାରେ ଦିଲ୍ଲୀର ଯୁବଗୋଷ୍ଠୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେବଳ ସେତିକି ନୁହେଁ ବିକ୍ଷୋଭକାରୀଙ୍କୁ ଅଟକାଇବାକୁ ଚେଷ୍ଟା କରିବାକୁ ପହଞ୍ଚିଥିବା ପୁଲିସ୍ କର୍ମୀଙ୍କ ଉପରକୁ ବିକ୍ଷୋଭକାରୀମାନେ ଲଙ୍କାଗୁଡ ଫିଙ୍ଗିବା ମଧ୍ୟ ଦେଖିବାକୁ ମିଳିଛି। କିଛି ପୁଲିସ୍ କର୍ମୀ ଏହି ଘଟଣାରେ ଆହତ ହୋଇଥିବାରୁ ସେମାନଙ୍କୁ ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଏହି ଘଟଣାରେ ଦିଲ୍ଲୀ ପୁଲିସ୍ ସୋମବାର ସୁଦ୍ଧା ପ୍ରାୟ ୧୫ଜଣଙ୍କୁ ଗିରଫ କରିସାରିଛି ଏବଂ ସେମାନଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛି।

ଦିଲ୍ଲୀ ପୁଲିସ୍ କହିଛି ଯେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦିଲ୍ଲୀରେ କେବଳ ଜନ୍ତର-ମନ୍ତରରେ ବିକ୍ଷୋଭ ପାଇଁ ଅନୁମତି ରହିଛି, ଇଣ୍ଡିଆ ଗେଟ୍ ଠାରେ ନୁହେଁ। ଇଣ୍ଡିଆ ଗେଟ୍‌ର ସି-ହେକ୍ସାଗନ୍ ଅଞ୍ଚଳରେ ବିକ୍ଷୋଭକାରୀମାନେ ବାରିକେଡ୍ ଭାଙ୍ଗି ରାସ୍ତାରେ ବସିଥିଲେ। ଯାହାଫଳରେ ଆମ୍ବୁଲାନ୍ସ ଓ ମେଡିକାଲ୍ ଷ୍ଟାଫ୍‌ଙ୍କ ଯିବାଆସିବାରେ ବାଧା ଉପୁଜୁଥିବାରୁ ପୋଲିସ୍ ସେମାନଙ୍କୁ ହଟାଇବାକୁ ଚେଷ୍ଟା କରିଥିଲା, କିନ୍ତୁ ବିକ୍ଷୋଭକାରୀମାନେ ଉତ୍ତେଜିତ ହୋଇ ଲଙ୍କା ପାଉଡର ସ୍ପ୍ରେ କରିଥିଲେ।

ସୂଚନାଯୋଗ୍ୟ ବାୟୁ ପ୍ରଦୂଷଣକୁ ରୋକିବା ଦିଗରେ ସରକାରଙ୍କ ବିଫଳତାକୁ ଦାୟୀ କରି ଆରମ୍ଭ ହୋଇଥିବା ଏହି ବିକ୍ଷୋଭରେ ନକ୍ସଲବାଦୀଙ୍କ ସମର୍ଥନରେ ସ୍ଲୋଗାନ ଦିଆଯିବା ଏକ ବଡ଼ ବିବାଦ ସୃଷ୍ଟି କରିଛି। ଇଣ୍ଡିଆ ଗେଟ୍ ନିକଟରେ ବାୟୁ ପ୍ରଦୂଷଣ ବିରୁଦ୍ଧରେ ଏକ ପ୍ରତିବାଦ ଚାଲିଥିଲା, ଯେଉଁଠାରେ ଅନେକ ଯୁବକ ଏକତ୍ରିତ ହୋଇଥିଲେ। ହଠାତ୍, ପ୍ରଦୂଷଣ ବିରୁଦ୍ଧରେ ଏହି ପ୍ରତିବାଦ ମଧ୍ୟରେ, ନକ୍ସଲବାଦୀଙ୍କ ସମର୍ଥନରେ ସ୍ୱର ଉଠିବା ଆରମ୍ଭ ହେଲା। 'ଲାଲ ସଲାମ' (ଲାଲ ସଲାମ) ନାରା ଦିଆଯାଇଥିଲା ଏବଂ କିଛି ପ୍ରଦର୍ଶନକାରୀ ନାରା ଦେଇଥିଲେ ଯେ 'ଯଦି ତୁମେ ଯେତେ ହିଡମାଙ୍କୁ ହତ୍ୟା କରିବ, ତେବେ ପ୍ରତ୍ୟେକ ଘରୁ ହିଡମା ବାହାରିବେ।' କେବଳ ସେତିକି ନୁହେଁ ପ୍ରତିବାଦ ସମୟରେ, ଅନେକ ଯୁବକ 'କମରେଡ୍ ହିଡ୍‌ମା ଜିନ୍ଦାବାଦ' ଏବଂ 'କମରେଡ୍ ହିଡମା ଅମର ରହେ' ଇତ୍ୟାଦି ସ୍ଲୋଗାନ ଦେଉଥିବାର ଶୁଣାଯାଇଥିଲା। ଓ ସରକାରୀ ନିଷ୍କ୍ରିୟତାକୁ ନେଇ ରାଜନୈତିକ ବିବାଦ ଆହୁରି ତୀବ୍ର ହୋଇଛି।

## ପଶ୍ଚିମବଙ୍ଗରେ ବାବ୍ରୀ ମସ୍‌ଜିଦ୍ ନିର୍ମାଣ ଘୋଷଣାକୁ ନେଇ ବିବାଦ



**କୋଲକାତା, ୨୪।୧୧ଏଜେନ୍ସି:** ପଶ୍ଚିମବଙ୍ଗରେ ନିର୍ମାଣ ହେବ ବାବ୍ରୀ ମସ୍‌ଜିଦ୍। ବିଧାନସଭା ନିର୍ବାଚନ ପୂର୍ବରୁ ଏଭଳି ଘୋଷଣା କଲେ ତୃଣମୂଳ କଂଗ୍ରେସର ବିଧାୟକ ହୁମାୟୁନ୍ କବୀର। ତାଙ୍କର ଏହି ଘୋଷଣା ସହିତ ପଶ୍ଚିମବଙ୍ଗ ରାଜନୀତି ଏକ ସାମ୍ପ୍ରଦାୟିକ ମୋଡ଼ ନେଇଛି। ସେ ଘୋଷଣା କରିଛନ୍ତି ଯେ, ଡିସେମ୍ବର ୬ ତାରିଖରେ ମୁର୍ଶିଦାବାଦ ଜିଲ୍ଲାର ବେଲଡାଙ୍ଗାରେ ବାବ୍ରୀ ମସଜିଦ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଅନ୍ୟପକ୍ଷେ ରାମ ମନ୍ଦିର ଆନ୍ଦୋଳନ ସହ ଜଡିତ ବିଜେପି ନେତ୍ରୀ ଉମା ଭାରତୀ ଟିଏମ୍‌ସି ବିଧାୟକଙ୍କ ଏହି ବୟାନ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, 'ଆମେ ପୂଜା ନାମରେ ନିର୍ମିତ ମସଜିଦକୁ ସମ୍ମାନ କରିବୁ, କିନ୍ତୁ ବାବରଙ୍କ ନାମରେ ନିର୍ମିତ ମସ୍‌ଜିଦକୁ ଭାଙ୍ଗିଦିଆଯିବ। ୩୩ ବର୍ଷ ପୂର୍ବେ ଡିସେମ୍ବର ୬ରେ ଅଯୋଧ୍ୟାରେ ଥିବା ବାବ୍ରୀ ମସଜିଦର ଅବସ୍ଥା ଯାହା ହୋଇଥିଲା ପଶ୍ଚିମବଙ୍ଗରେ ବାବ୍ରି ମସ୍‌ଜିଦ୍ ନିର୍ମାଣ ହେଲେ ତା'ର ଅବସ୍ଥା ମଧ୍ୟ ସେଭଳି ହେବ ବୋଲି ସେ ସିଧାସଳଖ ଧମକ ଦେଇଛନ୍ତି।

ହୁମାୟୁନ୍ କବୀର କହିଥିଲେ ଯେ, 'ଡିସେମ୍ବର ୬ତାରିଖରେ ବେଲଡାଙ୍ଗାରେ ବାବ୍ରୀ ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି କାର୍ଯ୍ୟକ୍ରମରେ ମୁସଲିମ୍ ସମ୍ପ୍ରଦାୟର ଅନେକ ନେତା ଅଂଶଗ୍ରହଣ କରିବେ। ନିର୍ମାଣ କାର୍ଯ୍ୟ ତିନି ବର୍ଷ ମଧ୍ୟରେ ସମାପ୍ତ ହେବ। ଏହି କାର୍ଯ୍ୟକ୍ରମକୁ ଅନେକ ମୁସଲିମ୍ ମୌଲବୀଙ୍କୁ ନିମନ୍ତ୍ରଣ କରାଯିବ।

# ନରେନ୍ଦ୍ର ଯାଦବ ବିହାର ବିଧାନସଭାର କାମଚଳା ବାଚସ୍ପତି



**ପାଟନା, ୨୪।୧୧/ଏଜେନ୍ସି:** ବିହାର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ବରିଷ୍ଠ ଜେଡିୟୁ ନେତା ନରେନ୍ଦ୍ର ନାରାୟଣ ଯାଦବଙ୍କୁ ବିହାର ବିଧାନସଭାର ପ୍ରୋଟେମ୍ ସ୍ପିକର ବା ଅସ୍ଥାୟୀ (କାମଚଳା) ବାଚସ୍ପତି ଭାବରେ ଶପଥ ପାଠ କରାଇଛନ୍ତି। ଆଗକୁ ବିଧାନସଭାରେ ନବନିର୍ବାଚିତ ବିଧାୟକମାନଙ୍କୁ ଶପଥ ପାଠ କରାଇବାର କାର୍ଯ୍ୟକ୍ରମ ଥିବାରୁ ନରେନ୍ଦ୍ର ନାରାୟଣ ଯାଦବଙ୍କୁ ଏବେ କାମଚଳା ବାଚସ୍ପତି ଭାବେ ଅବସ୍ଥାପିତ କରାଯାଇଛି। ନରେନ୍ଦ୍ର ଯାଦବ ନବନିର୍ବାଚିତ ବିଧାୟକମାନଙ୍କୁ ଶପଥ ପାଠ କରାଇବେ।

ନରେନ୍ଦ୍ର ନାରାୟଣ ଏଥର ଆଲମନଗର ଆସନରୁ ବିଜୟୀ ହୋଇଛନ୍ତି। ଆଲମନଗର ବିଧାନସଭା ଆସନ କେବଳ ରାଜନୈତିକ ଦୃଷ୍ଟିରୁ ନୁହେଁ ବରଂ ସାମାଜିକ ଏବଂ ଭୌଗୋଳିକ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସହର୍ସା, ଖଗାରିଆ, ଭାଗଲପୁର, ନୌଗାଛିଆ, କଟିହାର ଏବଂ ପୂର୍ଣ୍ଣିଆ ଭଳି ଜିଲ୍ଲା ସହିତ ସଂଲଗ୍ନ, ଏହି ଅଞ୍ଚଳ ରାଜନୈତିକ ଦୃଷ୍ଟିରୁ ବିବିଧ। ଏହି ଅଞ୍ଚଳରୁ ସବୁବେଳେ ଜିତିବା ତାଙ୍କ ପ୍ରତି ଜନତାଙ୍କ ସମର୍ଥନକୁ ଦର୍ଶାଉଛି। ଏତଦ୍‌ବ୍ୟତୀତ ନରେନ୍ଦ୍ର ନାରାୟଣ ପୂର୍ବରୁ ମଧ୍ୟ ବିହାର ସରକାରରେ ମନ୍ତ୍ରୀ ରହିସାରିଛନ୍ତି। ସେ ପ୍ରଥମ ଥର ପାଇଁ ୧୯୯୫ ମସିହାରେ ଆଲମନଗର ଆସନରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ସେ ସେଠାରୁ କ୍ରମାଗତ ବିଜୟୀ ରହିଆସୁଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନିକଟତମ ନେତାମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ସୂଚନାଯୋଗ୍ୟ, ପ୍ରୋଟେମ୍ ବାଚସ୍ପତି ହେଉଛନ୍ତି ଗୃହର ଅସ୍ଥାୟୀ ବାଚସ୍ପତି। ସେ ନବନିର୍ବାଚିତ ସଦସ୍ୟମାନଙ୍କୁ ଶପଥ ପାଠ କରାନ୍ତି ଯାହାଦ୍ୱାରା ଗୃହ ଏହାର କାର୍ଯ୍ୟ ଜାରି ରଖିପାରିବ। ସ୍ଥାୟୀ ବାଚସ୍ପତି ନିଯୁକ୍ତ ନହେବା ପର୍ଯ୍ୟନ୍ତ ପ୍ରୋଟେମ୍ ବାଚସ୍ପତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ।

**ସନାତନ ଧର୍ମର ପ୍ରଚାର ପ୍ରସାର କରିବେ ବିହାର ସରକାର; ପ୍ରକାଶ ପାଇବ ଧାର୍ମିକ କ୍ୟାଲେଣ୍ଡର**

ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ନବଗଠିତ ବିହାର ସରକାର ଏବେ ରାଜ୍ୟରେ ସନାତନ ଧର୍ମର ପ୍ରଚାର ପ୍ରସାର କରିବେ। ସନାତନ ଧର୍ମର ପ୍ରଚାର ପ୍ରସାର ପାଇଁ ବିହାର ସରକାର ରାଜ୍ୟର ସମସ୍ତ ଜିଲ୍ଲାରେ ସଂଯୋଜକଙ୍କୁ ମନୋନୀତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିହାର ରାଜ୍ୟ ଧାର୍ମିକ ନ୍ୟାସ ପରିଷଦର ସଭାପତି ରଣବୀର ନନ୍ଦନ ଏସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ କହିବାନୁସାରେ ମୋଟ୍ ୩୮ ଜଣ ସଂଯୋଜକଙ୍କୁ ମନୋନୀତ କରାଯିବ। ଏହି ସଂଯୋଜକମାନେ ସେମାନଙ୍କ ନିଜ ନିଜ ଅଞ୍ଚଳରେ ଥିବା ୨୪୯୯ ପଞ୍ଜିକୃତ ମନ୍ଦିର ଏବଂ ମଠରେ ମହନ୍ତଙ୍କ ସହ ସମନ୍ୱୟ ରକ୍ଷା କରି କାମ କରିବେ। ଏତଦ୍‌ବ୍ୟତୀତ ସନାତନ ଧର୍ମର ଅଧିକ ପ୍ରଚାର ପ୍ରସାର ପାଇଁ ଏକ ଧାର୍ମିକ କ୍ୟାଲେଣ୍ଡର ପ୍ରକାଶ ପାଇବ। ଯେଉଁଥିରେ ସନାତନ ଧର୍ମର ସମସ୍ତ ପର୍ବ, ବିଭିନ୍ନ ପୂଜା ଏବଂ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟକଳାପ ଉଲ୍ଲେଖ ରହିବ। ଏହି କ୍ୟାଲେଣ୍ଡରଗୁଡ଼ିକ ପଞ୍ଜିକୃତ ମନ୍ଦିର ଏବଂ ମଠ ମାଧ୍ୟମରେ ରାଜ୍ୟ ସାରା ଲୋକଙ୍କୁ ବଣ୍ଟାଯିବ। ସଂଯୋଜକମାନେ ସୁନିଶ୍ଚିତ କରିବେ ଯେ ସେମାନଙ୍କ ନିଜ ନିଜ ଜିଲ୍ଲାର ସମସ୍ତ ପଞ୍ଜିକୃତ ମନ୍ଦିର ଏବଂ ମଠରେ ପ୍ରତି ମାସ ପୂର୍ଣ୍ଣିମା ଏବଂ ଅମାବାସ୍ୟା ଦିନ 'ସତ୍ୟନାରାୟଣ କଥା' ଏବଂ 'ଭଗବତ୍ ପୂଜା' ହେଉଛି କି ନାହିଁ। ପଞ୍ଜିକୃତ ମନ୍ଦିର ଓ ମଠ ଏହି ଦୁଇଟି ପୂଜାର ଗୁରୁତ୍ୱ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ବାର୍ତ୍ତା ପ୍ରସାର କରିବେ ଏବଂ ଲୋକଙ୍କୁ ସଚେତନ କରିବେ।

**ତାମିଲନାଡୁରେ ବସ୍ ଦୁର୍ଘଟଣା**

## ୬ ମୃତ, ୫୦ ଆହତ



**ଚେନ୍ନାଇ, ୨୪।୧୧/ଏଜେନ୍ସି:** ସୋମବାର ସକାଳେ ତାମିଲନାଡୁର ଟେନକାସି ଜିଲ୍ଲାରେ ଦୁଇଟି ଘରୋଇ ବସ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୬ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୫୦ରୁ ଅଧିକ ଆହତ ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦୁଇଟି ଯାକ ବସ୍ ମଦୁରାଇ-ସେନକୋଟାଇ ଏବଂ ଟେନକାସି-କୋଭିଲପଟ୍ଟି ରୁଟ୍‌ରେ ନିୟମିତ ଚଳାଚଳ କରିଥାନ୍ତି। ତେବେ ଦୁର୍ଭାଗ୍ୟବଶତଃ ସୋମବାର ଦିନ ଦୁଇଟି ଯାକ ବସ୍ ପରସ୍ପରକୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ଉଭୟ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବାବେଳେ ଯାତ୍ରୀମାନେ ଗୁରୁତର ଆହତ ହୋଇଥିଲେ। କୁହାଯାଉଛି ଯେ, ଦୁର୍ଘଟଣା ଘଟିବା ବେଳେ ଦୁଇଟି ବସ୍‌ରେ ମୋଟ୍ ୫୫ଜଣ ଯାତ୍ରୀ ଥିଲେ। ଅନ୍ୟପକ୍ଷେ ଆହତମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଚିକିତ୍ସା କରୁଥିବା ଡାକ୍ତରୀ ଦଳ କହିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଏବଂ ଏହି ଘଟଣାକୁ ଗଭୀର ଦୁଃଖଦ ବୋଲି କହିଛନ୍ତି। ସେ ବିଭାଗୀୟ ଅଧିକାରୀଙ୍କୁ ପ୍ରଭାବିତ ବ୍ୟକ୍ତିମାନଙ୍କୁ ଉପଯୁକ୍ତ ଉଚ୍ଚମାନର ଚିକିତ୍ସା ଯୋଗାଣ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମହିଳାଙ୍କୁ ଅସଦାଚରଣ ମାମଲା
# ଅଭିଯୁକ୍ତଙ୍କୁ ଜେଲ୍ ଓ ଜୋରିମାନା

**ବାଲୁଗାଁ,ଟାଙ୍ଗୀ,୨୪।୧୧/ଏନ୍ଏନ୍ଏସ୍:** ଶଳା ଭାଉଜଙ୍କୁ ଅସଦାଚରଣ ଅଭିଯୋଗ ମାମଲାର ବିଚାର କରି ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଅଭିଯୁକ୍ତ ନଣଦେଇ ସୋରଣ ଗ୍ରାମର ସୁବାସ ବେହେରା(୪୬)ଙ୍କୁ ଜେଲଦଣ୍ଡାଦେଶ ଓ ଜୋରିମାନା ଶୁଣାଣି କରିଛନ୍ତି। ପ୍ରାପ୍ତ ସୂଚନା ମୁତାବକ, ଗତ ୨୦୨୨ ମସିହା ଅଗଷ୍ଟ ୧ ତାରିଖ ରାତ୍ରିରେ ଟାଙ୍ଗୀ ଥାନା ଅଞ୍ଚଳର ସାଇବ ବେହେରା ଘରେ ଏକାକି ଶୋଇଥିବା ବେଳେ ଅଭିଯୁକ୍ତ ନଣଦେଇ ସୁବାସ ବେହେରା ତାଙ୍କୁ ଟଣା ଓଟରା କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ସାଇବ ଟାଙ୍ଗୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁବାସଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲେ। ପରେ ଏହି ମାମଲା ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ବିଚାରଧୀନ ଥିଲା। ଶୁକ୍ରବାର ମାଜିଷ୍ଟ୍ରେଟ ଦଳେଇ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ସୁବାସଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ଭାରତୀୟ ନ୍ୟାୟ ସଂହିତା ଧାରା ୪୪୮ ଅନୁଯାୟୀ ୬ ମାସ ଜେଲ ଦଣ୍ଡ ସହ ୧ ହଜାର ଟଙ୍କା ଜୋରିମାନା ଏବଂ ଅନାଦେୟ ୧୫ଦିନ ଅଧିକ ଜେଲ ଦଣ୍ଡାଦେଶ, ଧାରା ୩୫୪ରେ ୩ବର୍ଷ ଜେଲଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା, ଜୋରିମାନା ଅନାଦେୟ ବାବଦକୁ ଅଧିକ ୬ ମାସ ଜେଲଦଣ୍ଡ ସହ ୫ହଜାର ଟଙ୍କା ଜୋରିମାନା ଏବଂ ଅନାଦେୟ ଅଧିକ ୧ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସବୁ ଦଣ୍ଡଗୁଡିକ ଏକ କାଳୀନ ଭୋଗିବାକୁ ପଡିବ ବୋଲି ଆଦେଶ ରହିଛି। ଏଥି ସହ ଜୋରିମାନା ଅର୍ଥରୁ ନଗଦ ୧୦ହଜାର ଟଙ୍କା କ୍ଷତିପୂରଣ ବାବଦରେ ଅଭିଯୋଗକାରିଣୀଙ୍କୁ ପ୍ରଦାନ କରାଯିବ ବୋଲି ରାୟରେ ଉଲ୍ଲେଖ ରହିଛି। ସରକାରଙ୍କ ତରଫରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ମାମଲା ପରିଚାଳନା କରିଥିଲେ।

# ସାମ୍ବାଦିକଙ୍କ ମାତୃ ବିୟୋଗ

**ବୟାଳିଶମୌଜା,୨୪।୧୧/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜା ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ-ବେଣ୍ଟକାର ନିବସୀ ବିଶ୍ୱରଞ୍ଜନ ଦାସଙ୍କ ମାତୃ ଦେବୀ କମଳା ଦାସଙ୍କର ୭୫ବର୍ଷ ବୟସରେ ଗତକାଲି ଦେହାନ୍ତ ହୋଇଯାଇଛି। କିଛି ଦିନ ଧରି ଅଣ୍ଟା ଜନିତ ରୋଗରେ ପୀଡିତ ହୋଇ ଅଧିକ ଅସୁସ୍ଥ ଅନୁଭବ କରିବାରୁ କମଳା ଦାସଙ୍କୁ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଯେଉଁଠି ଶନିବାର ରାତିରେ ମୃତ୍ୟୁ ହୋଇଯାଇଛି। ବେଣ୍ଟକାର ଗାଁର ସ୍ୱର୍ଗତ ଦେବଦତ୍ତ ଦାସଙ୍କ ପତ୍ନୀ ସ୍ୱର୍ଗତ କମଳା ଦାସ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ମୃତ୍ୟୁରେ ବେଣ୍ଟକାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିପଦଶଙ୍କୁଳ ଅବସ୍ଥାରେ ପୋଲା ଗଛ, ତୁରନ୍ତ କାଟିବାକୁ ଦାବି

**କଣ୍ଟିଲୋ,୨୪।୧୧/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଠାରୁ ବାଘମାରି, କଳା ପଥର, ଫତେଗଡ, କଣ୍ଟିଲୋ, ଗଣିଆ ଦେଇ ଦଶପଲ୍ଲା ରେ ସଂଯୋଗ ହୋଇଥିବା ୪୮ନଂ ରାଜ୍ୟ ରାଜପଥର କଣ୍ଟିଲୋ ବଜାର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ଉପରେ ବହୁ ବର୍ଷର ପୁରୁଣା ଅଶ୍ୱସ୍ତ ଗଛଟିର ମୂଳ ଏବେ ପୋଲା ହୋଇଯାଇଥିବା ଯୋଗୁ ବିପଦସଙ୍କୁଳ ଅବସ୍ଥାରେ ରହି ସର୍ବସାଧାରଣଙ୍କ ପାଇଁ ମରଣଯନ୍ତା ପାଲଟିଛି। ସୂଚନାରୁ ପ୍ରକାଶ ଯେ, ଏହି ରାଜ୍ୟ ରାଜପଥର ଉନ୍ନତି କରଣ ହେଉଥିବା ବେଳେ କଣ୍ଟିଲୋ ବଜାର ଅଞ୍ଜନ କୁମାର ମହାରଣାଙ୍କ ଦୋକାନ ସମ୍ମୁଖରେ ଥିବା ବହୁ ବର୍ଷର ପୁରୁଣା ଅଶ୍ୱସ୍ତ ଗଛଟିର କିଛି ଅଂଶ କଟା ଯାଇଥିଲେ ମଧ୍ୟ ମୂଳରୁ କଟାଯାଇ ନଥିଲା। ଯାହା ଫଳରେ ଗଛଟିର ମୂଳ ଏବେ ସମ୍ପୂର୍ଣ ପୋଲା ହୋଇ ସର୍ବସାଧାରଣ ଜନତାଙ୍କ ପାଇଁ ମରଣଯନ୍ତା ପାଲଟିଛି। ଗଛମୂଳେ ନିଜର ରେକର୍ଡ଼ ଜାଗାରେ ଘର କରି ରହିଥିବା ପରିବାର ସଦସ୍ୟଙ୍କ ସମେତ, ପ୍ରତ୍ୟେକ ଦୋକାନୀ, ବାଟୋଇ, ପର୍ଯ୍ୟଟକ, ତଥା ହଜାର ହଜାର ଭକ୍ତ ମାନଙ୍କ ପାଇଁ ଏହି ଗଛଟି ବିପଦ ସଙ୍କୁଳ ଭାବେ ରହିଛି। ଏହି ପୋଲା ଗଛଟିକୁ ବଜାର ଉପରୁ କାଟି ଉଚ୍ଛେଦ କରି ସର୍ବସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ପୂର୍ତ୍ତ ବିଭାଗ ଓ ଫରେଷ୍ଟ ରେଞ୍ଜର ଖଣ୍ଡପଡ଼ାଙ୍କୁ ବାରମ୍ବାର ଫୋନ ଓ ମେସେଜ କରୁଥିଲେ ହେଁ, ଫୋନ୍ କଲ୍ ରିଶିଭି କରନ୍ତି ନାହିଁ। ଅନେକଥର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲେ ମଧ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତାମାନେ ସାଧାରଣ ଜନତାଙ୍କ ଧନଜୀବନ ରକ୍ଷା ପ୍ରତି ଭ୍ରୁକ୍ଷେପ ନକରି ନିଘୋଡ଼ ନିଦରେ ଶୋଇଛନ୍ତି। ଯଦି ଏହି ପୋଲାଗଛ ହଠାତ୍ ଉପୁଡ଼ି କିଛି ଦୁର୍ଘଟଣା ଓ ଅଘଟଣ ଘଟାଏ ଏବଂ ଏଥିରେ ସାଧାରଣ ଜନତାଙ୍କ ଧନଜୀବନ ନଷ୍ଟ ହୁଏ, ତେବେ ସେଥିପାଇଁ ପୂର୍ତ୍ତବିଭାଗ ଓ ଜଙ୍ଗଲ ବିଭାଗ ନିଶ୍ଚିତ ଭାବେ ଦାୟୀ ରହିବେ ବୋଲି ବଜାର କମିଟି ସଭାପତି ଅଞ୍ଜନ କୁମାର ମହାରଣା ଚେତାବାନୀ ଦେଇଛନ୍ତି।

# ଭୂମିହୀନଙ୍କୁ ଘରଡିହ ପଟ୍ଟା ପାଇଁ ଆନ୍ଦୋଳନ

**ଭୁଷଣ୍ଡପୁର,୨୪।୧୧/ଏନ୍ଏନ୍ଏସ୍:** ଭୂମିହୀନ ମାନଙ୍କୁ ତୁରନ୍ତ ପଟ୍ଟା ଯୋଗାଇବା ଓ ଭୂମିହୀନ ମାନଙ୍କର ଘର ଭାଙ୍ଗିବା ବନ୍ଦ ଦାବି ନେଇ ଆଜି କୁହୁଡି ଜାତୀୟ ରାଜପଥଠାରୁ ଶତାଧିକ ଲୋକମାନଙ୍କୁ ନେଇ କୁହୁଡି ବଜାର ପରିକ୍ରମା କରି ରେଳ ଫାଟକ ଅତିକ୍ରମ କରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଲକ୍ଷ୍ମଣ ବେହେରାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସିପିଆଇ(ଏମ୍) ଟାଙ୍ଗୀ ବ୍ଲକ ସମ୍ପାଦକ ବିଧୁଭୂଷଣ ମହାରଣା, ସିପିଆଇ ଏମ୍ ଜିଲ୍ଲା ସମ୍ପାଦକ ଗିରିଶ ଚନ୍ଦ୍ର ମହାରଣା ଓ ବରିଷ୍ଠ କୃଷକ ନେତା ଅନନ୍ତ ମଙ୍ଗରାଜ ଉଦବୋଧନ ଦେଇଥିଲେ। ଆଲୋଚନା ପାଇଁ ଅତିରିକ୍ତ ତହସିଲଦାର ଆସି ଏକ ପ୍ରତନିଧି ମଣ୍ଡଳୀ ସର୍ବେଶ୍ୱର ଜେନା, ନାରାୟଣ ପାଣି, ଯୁଧିଷ୍ଠିର ବେହେରା, ସର୍ବେଶ୍ୱର ଶତ୍ରୁଶଲ୍ୟ, ଭୁତି କଳସ, ବିନି ପଣ୍ଡିତ, ମୀନତି ପାତ୍ର ଧନୀ ସାହୁ ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକ ସଭାରେ ତୁରନ୍ତ ଭୂମିହୀନ ମାନଙ୍କୁ ଚିହ୍ନଟ କରାଯାଇ ଘରଡିହ ପଟ୍ଟା ପ୍ରଦାନ ସହ ଘର ଭାଙ୍ଗିବା ପାଇଁ ଆସନ୍ତା ୨୪, ୨୬ ଓ ୨୮ ତାରିଖ ନୋଟିସକୁ ପ୍ରତ୍ୟାହାର ପାଇଁ ଘୋଷଣା କରିଛନ୍ତି।

# ଶିକ୍ଷାବର୍ଷ ଶେଷହେବାକୁ ବସିଲା, ମିଳିଲାନି ପୋଷାକ

**ନିଶ୍ଚିନ୍ତକୋଇଲି,୨୪।୧୧/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ସମସ୍ତ ନବମ, ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଚଳିତ ବର୍ଷ ଶିକ୍ଷା ବର୍ଷ ଶେଷ ହେବାକୁ ବସିଲାଣି ମିଳିଲାନି ପୋଷାକ। ସରକାର ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କ ପାଇଁ ଦୁଇ ହଳ ୟୁନିଫର୍ମ, ଏକ ହଳ ଟିସାର୍ଟ ଏବଂ ଟ୍ରାକ୍ ପ୍ୟାଣ୍ଟ, ହଳେ ଯୋତା ଓ ମୋଜା ସହ ଟୋପି ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି। ହେଲେ ଏଯାଏ ନିଶ୍ଚିନ୍ତକୋଇଲି ବ୍ଲକର ବହୁ ବିଦ୍ୟାଳୟ ଗୁଡିକରେ ଏପର୍ଯ୍ୟନ୍ତ ନୂତନ ପୋଷାକ ଯୋଗାଇ ଦିଆଯାଇନଥିବାରୁ ଛାତ୍ର ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସରକାରଙ୍କର ଏଭଳି ନିଷ୍ପତ୍ତିକୁ ସାଧାରଣ ଅଭିଭାବକମାନେ ନାପସନ୍ଦ କରିଥିବାର ଦେଖାଦେଇଛି। ବିଗତ ଦିନରେ ଦିଆଯାଇଥିବା ୟୁନିଫର୍ମଗୁଡିକ ଫାଟି ଚିରି ଯାଇଥିବା ବେଳେ ଛାତ୍ର ଛାତ୍ରୀମାନେ ଏହାକୁ ପିନ୍ଧି ଆସୁଥିବା ଦେଖିବାକୁ ମିଳୁଛି। ସରକାର ଛାତ୍ର ଛାତ୍ରୀମାନଙ୍କର ଭବିଷ୍ୟତ ଗଢିବା ପାଇଁ ଯେଉଁ ସ୍ୱପ୍ନ ଦେଖୁଛନ୍ତି ତାହା କେତେଦୂର ଯଥାର୍ଥ ବୋଲି ଅଭିଭାବକ ମହଲରେ ଆଲୋଚନା ହେଉଛି।

# ବରଯାତ୍ରୀଙ୍କ ଉନ୍ମତ୍ତକାଣ୍ଡ, ଜଣେ ଗିରଫ

**ବଲଙ୍ଗା,୨୪।୧୧/ଏନ୍ଏନ୍ଏସ୍:** ରବିବାର ଅପରାହ୍ନରେ ବଲଙ୍ଗା ଥାନା ପାର୍ବତୀପୁର ଗ୍ରାମରେ ବରଯାତ୍ରୀ ଶୋଭାଯାତ୍ରା ଦେଖୁଥିବା ଗ୍ରାମର ଝିଅ ବୋହୂଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମହିଳାମାନଙ୍କୁ ମାଡ଼ମାରି ମୋବାଇଲ ଭାଙ୍ଗିବା ମାମଲାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ସେହିଗ୍ରାମର ରାମଚନ୍ଦ୍ର ପୋଲେଇ। ସୂଚନା ମୁତାବକ ଗ୍ରାମର ଜଣେ ବ୍ୟକ୍ତିଙ୍କ ଝିଅ ବାହାଘର ପାଇଁ ବରଯାତ୍ରୀ ଶୋଭାଯାତ୍ରା ଯାଉଥିବା ସମୟରେ ଅଭିଯୁକ୍ତ ରାମଚନ୍ଦ୍ର ଶୋଭାଯାତ୍ରା ଦେଖୁଥିବା ଝିଅ ବୋହୂମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଫଳରେ ଗ୍ରାମର ରବି ଗୁରୁଙ୍କ ପତ୍ନୀ ଝରଣା ଗୁରୁ ପ୍ରତିବାଦ କରିବାରୁ ରାମଚନ୍ଦ୍ର ତାଙ୍କୁ ମାଡ଼ମାରି ଟଣାଓଟରା କରିଥିଲା। ଏହି ଘଟଣାରେ ଗ୍ରାମର ଅନ୍ୟ ଜଣେ ମହିଳା ରୀନା ପ୍ରଧାନ ପ୍ରତିବାଦ କରିବାରୁ ରାମଚନ୍ଦ୍ର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ହାତରେ ଧରିଥିବା ଏକ ଇଟାରେ ରୀନାଙ୍କ ହାତକୁ ଛେଚିବା ସହ ରୀନା ଧରିଥିବା ମୋବାଇଲକୁ ବାଡ଼େଇ ଭାଙ୍ଗିଦେଇଥିଲା। ଏନେଇ ଝରଣାଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ରାମଚନ୍ଦ୍ରଙ୍କୁ ଗିରଫ କରାଯାଇଥିଲା।

# 'ନବକୃଷ୍ଣ ଚୌଧୁରୀ ଆଧୁନିକ ଓଡ଼ିଶାର ସ୍ଥପତି'




**ବେଗୁନିଆ,୨୪।୧୧/ଏନ୍ଏନ୍ଏସ୍:** ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୪ ତମ ପୁଣ୍ୟ ତିଥି ପାଳିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ସ୍ଥାନୀୟ ଥାନା ସମ୍ମୁଖସ୍ଥ ଗାନ୍ଧୀ ସ୍ମୃତି ସ୍ଥଳରେ ଆୟୋଜିତ 'ନବକୃଷ୍ଣ ଚୌଧୁରୀ-ଆଧୁନିକ ଓଡିଶାର ସ୍ଥପତି' ଶୀର୍ଷକ ଆଲୋଚନା ଚକ୍ରରେ ସଂସଦର ଉପ ସଭାପତି ସୁଧାକର ସାମନ୍ତରାୟ ପୌରୋହିତ୍ୟ କରିଥିଲେ। ପ୍ରଥମେ ରାମଧୁନ ଗାନ ପୂର୍ବକ ସ୍ମୃତିସ୍ଥଳ ପରିକ୍ରମା କରାଯାଇଥିଲା। ପରେ ପଣ୍ଡିତ ବ୍ରହ୍ମାନନ୍ଦ ରାଜଗୁରୁଙ୍କ ମଙ୍ଗଳା ଚରଣ ପାଠ ସହ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଓ ନବକୃଷ୍ଣଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱର୍ଗତ ଚୌଧୁରୀଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଏଥିରେ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦାଶରଥି ବିଶ୍ୱାଳ ମୁଖ୍ୟ ଅତିଥି, ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା ଓ କବି କେତନ ଗୌରଚରଣ ସାମନ୍ତସିଂହାର ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ନବକୃଷ୍ଣଙ୍କ ଭଳି ଜଣେ ଅଦ୍ୱିତୀୟ ପ୍ରେରଣାଦାୟୀ ରାଜନେତାଙ୍କ ପଟାନ୍ତର ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଆଲୋଚନାରେ ପଣ୍ଡିତ ଦୀନବନ୍ଧୁ ଦାଶ, ପ୍ରଧାନ ଶିକ୍ଷକ ଦିବାକର ସାହୁ, ସରୋଜ କୁମାର ମହାପାତ୍ର, ରାମଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ପାଣିଗ୍ରାହୀ, ବଂଶୀଧର ପାଣିଗ୍ରାହୀ, ସବିତା ରାୟ, ଅଶ୍ୱିନୀ କୁମାର ପଟ୍ଟନାୟକ, କୈଳାସ ନାଥ ପଟ୍ଟନାୟକ, ବିଭୁଚନ୍ଦ୍ର ଦାସ, ରାଜନ ପାତ୍ର, ଶରତ ଚନ୍ଦ୍ର ଚମ୍ପତି, କୃଷ୍ଣଚନ୍ଦ୍ର ବଳବନ୍ତରାୟ, ପତିତପାବନ ବଳବନ୍ତରାୟ, ବିଶ୍ୱନାଥ ସାହୁ, କୈଳାସ ଚନ୍ଦ୍ର ସାହୁ, ସୁରେନ୍ଦ୍ର ପାଲଟାସିଂହ, ଯୋଗୀ ପାତ୍ର, କାଳୁଚରଣ ନାୟକ, ପ୍ରବାସୀ ସାମଲ, ପିତାମ୍ବର ସାହୁ, ବଂଶୀଧର ପଣ୍ଡା, ଲାବଣ୍ୟ ସାହୁ ଓ ଦୀନବନ୍ଧୁ ମହାପାତ୍ର ସମେତ ବହୁ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଶେଷରେ କବୟିତ୍ରୀ ମାନସୀ ଦାସ ଉଦଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସଂସଦର ବରିଷ୍ଠ ସଦସ୍ୟ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାବାଜୀ ବିବେକାନନ୍ଦଙ୍କ ଦିବ୍ୟଧାମ ଯାତ୍ରା ମହୋତ୍ସବ



**ନୟାହାଟ,୨୪।୧୧/ଏନ୍ଏନ୍ଏସ୍:** ନୟାହାଟ ସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରର ପ୍ରତିଷ୍ଠାତା ପ୍ରେମାଚାର୍ଯ୍ୟ ବାବା ମଧୁସୁଦନଙ୍କ ଶିଷ୍ୟ ସ୍ୱର୍ଗତ ବାବାଜୀ ବିବେକାନନ୍ଦ ଦାସଙ୍କ ଦିବ୍ୟଧାମ ଯାତ୍ରା ମହୋତ୍ସବ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଶାଖା ଆଶ୍ରମ ପୋଦନା ସ୍ଥିତ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ର ଶାଖା ଆଶ୍ରମରେ ଯଥାରୀତି ଅନୁଯାୟୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ମହାମନ୍ତ୍ର ଓଁ କୃଷ୍ଣ ମଧୁସୁଦନ ବାସୁଦେବ ଜନାର୍ଦ୍ଦନ ନାମରେ ନଗର ପରିକ୍ରମା, ଗୀତାଯଜ୍ଞ ଓ ସମାଧି ପୂଜା କରାଯାଇଥିଲା। ଏହି ଗୀତ ଯଜ୍ଞ ପଣ୍ଡିତ ସୂର୍ଯ୍ୟଶଙ୍କର ମିଶ୍ର ଓ ସାଥୀ ମାନେ କରିଥିଲେ। ଏହି ଅବସରରେ ସ୍ୱର୍ଗତ ବାବାଜୀ ବିବେକାନନ୍ଦଙ୍କ ଗୁରୁଦେବ ବାବା ମଧୁସୁଦନଙ୍କ ଶ୍ରୀ ବିଗ୍ରହ ଓ ପାଦୁକା ସ୍ୱତନ୍ତ୍ର ପୂଜା ମଣ୍ଡପ ରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ବାବାଜୀ ଅକ୍ଷୟ କୁମାର ଦାସ କରିଥିଲେ। ଝରଣା ମା, ବାସନ୍ତୀ ମା, ନଳିନୀ ମା, କାମିନୀ ମା, ବାସନ୍ତୀ ମା, ପ୍ରମୁଖ ଗୁରୁଦେବଙ୍କୁ ବନ୍ଦାପନା କରିଥିଲା ବେଳେ ସେବିକା ସବିତା ଦାସ, ସୁଶ୍ରୀ ଶକୁନ୍ତଳା ଦାଶ, ଅମ୍ବିକା, ଗୁରୁକୃଷ୍ଣ ଭଜନ ଗାଇଥିଲେ। ବାବାଜୀ ଦାମୋଦର ଦାସ ଙ୍କ ଅଧ୍ୟକ୍ଷତାରେ ସତସଙ୍ଗ କରାଯାଇଥିଲା। ଏହି ସାଧୁସନ୍ଥ ସମାବେଶରେ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ, ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ, ବାବାଜୀ ଦିବାକର ଦାସ, ବାବା ଅଖଣ୍ଡା ନନ୍ଦ ସ୍ୱାମୀ, ବ୍ରହ୍ମଚାରୀ ସତ୍ୟ ଚେତନ, ବାବା ସୀତା ରାମ ଦାସ,ବାବା ସିଦ୍ଧେଶ୍ୱର ଦାସ, ବାବା ଦିବ୍ୟ କୃଷ୍ଣ ଦାସ, ବାବା ସତ୍ୟ ଦାସ, ବାବା ଦ୍ୱାରିକା ଦାସ, ବାବା ବାଇଧର ଦାସ, ବାବା ଜଗନ୍ନାଥ ଦାସ, ବାବା ରାମ ଚନ୍ଦ୍ର ଦାସ, ବାବା ନରହରି ଦାସ, ବାବା ଶିବ ଚରଣ ଜୀ, ବାବା ଗୋବିନ୍ଦ ଦାସ, ମହନ୍ତ ତ୍ରିଲୋକଶ୍ୱର ଭାରତୀ, ଠାକୁର ନିଗମାନନ୍ଦ ପରମହଂସଙ୍କ ସଭାପତି ଗୁରୁ ପ୍ରସାଦ ଛୋଟରାୟ, ବାବାଜୀ ଚିତ୍ତବିନୋଦ ଦାସ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ବାବାଜୀ ଆତ୍ମାକୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିଲେ।

# ଉତ୍କଳ ସମାଜର ସାଧାରଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା



**ସାଲେପୁର,୨୪।୧୧/ଏନ୍ଏନ୍ଏସ୍:** ସମ୍ବର୍ଦ୍ଧନା ଉତ୍ସବ ୨୦୨୫ ପାଳନ ଅବସରରେ ଉତ୍କଳ ସାହିତ୍ୟ ସମାଜର ନବ ନିର୍ବାଚିତ ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ଠାରେ ମନୋଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲୋକସେବା ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ହିମାଂଶୁ ମହାନ୍ତି ଯୋଗଦେଇ ଯଦି ସାହିତ୍ୟ ନାହିଁ ତେବେ ସମାଜ ନାହିଁ। ତେଣୁ ସାହିତ୍ୟକୁ ବ୍ୟାପକ କରିବା ପାଇଁ ନୂଆ ଯୁବପିଢିମାନଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସନାତନ ଦାଶ, ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ କୁଞ୍ଜମୋହନ ସେଠୀ, ମୀନକେତନ ଦାସ, ଶିକ୍ଷାବିତ ସମରେନ୍ଦ୍ର ଷଡ଼ଙ୍ଗୀ, ନିରୁପମା ସାମଲ, ସନ୍ଧ୍ୟାରାଣୀ ମଲ୍ଲିକ, ପ୍ରହଲ୍ଲାଦ ସାମଲ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସର୍ବ ପୁରାତନ ଉତ୍କଳ ସାହିତ୍ୟ ସମାଜର ନବନିର୍ବାଚିତ ହୋଇଥିବା ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରିତେଶ ଦାସ, ଶଶିକାନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀ ସଡ଼କ ଖାଲଖମାରେ ଭର୍ତ୍ତି

**କଣାସ,୨୪।୧୧/ଏନ୍ଏନ୍ଏସ୍:** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ପ୍ରଗତି ପାଇଁ ମୁଖ୍ୟତଃ ରାସ୍ତାଘାଟ ଉପରେ ଅଧିକ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ରାସ୍ତା ଘାଟ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଖାମଖିଆଲ ନୀତି ଯୋଗୁଁ ପୁରୀ ଜିଲ୍ଲା କଣାସ ବ୍ଲକର ଘଣ୍ଟପୁର ଠାରୁ ଗଡ଼ଖାରଦ ଦେଇ ଗୋପୀନାଥପୁରକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତାସାରା ଖାଲଖମା ସୃଷ୍ଟି ହୋଇଯାଇଥିଲେ ମଧ୍ୟ ରାସ୍ତା କାମ କରିଥିବା ଠିକାଦାର ରାସ୍ତା ମରାମତି କରୁ ନ ଥିବାବେଳେ ବିଭାଗୀୟ ଅଧିକାରୀମାନେ କାହିଁକି ଚୁପ୍ ହୋଇବସିଛନ୍ତି ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି। ଉକ୍ତ ରାସ୍ତା ୨୦୨୨ ମସିହାରେ ଆରମ୍ଭ ହୋଇ ୨୦୨୩ ମସିହାରେ ଶେଷ ହୋଇଥିଲା। ଉକ୍ତ ରାସ୍ତା ନିର୍ମାଣ କରିଥିବା ଠିକାଦାର ୨୦୨୮ମସିହା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ପାଇଁ ଚୁକ୍ତି କରିଥିଲେ ମଧ୍ୟ କାହିଁକି ମରାମତି ହେଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ୟାପକ ଖାଲଖମା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଶୁଦ୍ଧାନନ୍ଦ କଲେଜରେ କ୍ୟାମ୍ପସ୍ ଚୟନ




**କଣ୍ଟାପଡ଼ା,୨୪।୧୧/ଏନ୍ଏନ୍ଏସ୍:** ନଛିପୁରସ୍ଥ ଶୁଦ୍ଧାନନ୍ଦ ଇଂଜିନିୟରିଙ୍ଗ କଲେଜରେ କ୍ୟାମ୍ପସ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ହାଇଦରାବାଦ ଓ ବାଙ୍ଗାଲୋରଭିତ୍ତିକ ରିଭେରା ସୋଫ ଟେକନୋଲୋଜି କମ୍ପାନୀର ମାନବସମ୍ବଳ ଅଧିକାରୀ ସତ୍ୟବ୍ରତ ରାୟ ଓ ନିହାର ରଞ୍ଜନ ଯୋଗଦେଇଥିଲେ। ଏମବିଏ ଓ ଇଂଜିନିୟରିଙ୍ଗ ବିଭାଗରୁ ୧୦ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା। ଅନୁଷ୍ଠାନ ମୁଖ୍ୟ ଇଂ. ସୁନିଲ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ପଣ୍ଡା ଓ ଅଧ୍ୟକ୍ଷା ପ୍ରଫେସର ସରିତା ନାୟକ ଉପସ୍ଥିତ ଥିଲେ। ପବନ କୁମାର ସ୍ୱାଇଁ ଓ ପ୍ରଶାନ୍ତ କୁମାର ବେହେରା ଶିବିର ପରିଚାଳନା କରିଥିଲେ।

# ଏନ୍‌ସିସି କ୍ୟାଡେଟ୍‌ଙ୍କ ଦ୍ୱାରା କୁରାଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ



**ଓଡ଼ଗାଁ,୨୪।୧୧/ଏନ୍ଏନ୍ଏସ୍:** ଓଡ଼ଗାଁ ରଘୁନାଥ ବିଦ୍ୟାପୀଠରେ ୭୮ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ନାୟକ ଏନ୍ ସିସି ପତାକା ଉତ୍ତୋଳନ କରିବାସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଆଜିର ଜଟିଳ ସମୟରେ କ୍ୟାଡେଟମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ସୂଚାଇଥିଲେ। ପୂର୍ବରୁ କ୍ୟାଡେଟମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଗୁଡ଼ିକର କୃତୀ ଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ ଓ ଶପଥପାଠ କରାଇଥିଲେ। ଜଳପାନ ବିରତି ପରେ ୫୦ ଜଣ କ୍ୟାଡେଟଙ୍କ ସହ ଏନ୍ ସିସି ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ ସାଇକେଲରେ ୮ କିମି ଦୂର କୁରାଳ ଯାଇଥିଲେ।ସେଠାରେ ପଞ୍ଚୁ ତୁଳସୀ ସଂଗ୍ରହାଳୟ ବୁଲି ଦେଖିବାପରେ କୁରାଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରିଥିଲେ। ପଞ୍ଚୁ ତୁଳସୀ ସଂଗ୍ରହାଳୟର ତତ୍ତ୍ୱବଧାରକ ତଥା ଅବସରପ୍ରାପ୍ତ ଶିକ୍ଷକ ଶିବପ୍ରସାଦ ଖଟେଇଙ୍କ ଆତିଥ୍ୟରେ ଛାତ୍ରମାନେ ଅଭିଭୂତ ହୋଇଥିଲେ। ପରେ ସମସ୍ତେ ପୁଣି ସାଇକେଲରେ ବିଦ୍ୟାପୀଠକୁ ଫେରିଥିଲେ। ଏହାଏକ ଆନନ୍ଦଦାୟକ ଅନୁଭୂତି ଥିଲାବୋଲି ସମସ୍ତ ଛାତ୍ର ମତବ୍ୟକ୍ତ କରିଥିଲେ। କାର୍ଯ୍ୟକୁ ଏନ୍ ସି ସି ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ ପରିଚାଳନା କରିଥିବାବେଳେ ସମସ୍ତ ସହକର୍ମୀମାନେ ସହଯୋଗ କରିଥିବା ଜଣାପଡ଼ିଛି।

# ବାଉଁଶ ଖୁଣ୍ଟରେ ବିଦ୍ୟୁତ୍ ଯୋଗାଣ

**ନୟାହାଟ,୨୪।୧୧/ଏନ୍ଏନ୍ଏସ୍:** ଟାଟା କମ୍ପାନୀ ପକ୍ଷରୁ ଗ୍ରାମାଞ୍ଚଳ ଲୋକମାନଙ୍କୁ ସୁବିଧାରେ ଲାଇନ୍ ଯୋଗାଇଦେବା ପାଇଁ ତାର ଖୁଣ୍ଟ ନୂଆ ଟ୍ରାନ୍ସଫର୍ମର ବସାଯାଉଥିବା ବେଳେ ନୟାହାଟ ଅଞ୍ଚଳରେ ବାଉଁଶ ଖୁଣ୍ଟରେ ଲାଇନ୍ ଯୋଗାଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳୀ ପଞ୍ଚାୟତ ସୋହୋଣା ଗ୍ରାମର କେନାଲବନ୍ଧ ଉପରେ ବାଉଁଶ ଖୁଣ୍ଟରେ ବିଦ୍ୟୁତ୍ ତାର ଯାଇଥିବା ଦେଖିବାକୁ ମିଳିଛି। ତେବେ ଏହା ବିପଦ ସୃଷ୍ଟି କରିବ ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ବାବା ସିଦ୍ଧେଶ୍ୱରଦେବଙ୍କ ବାର୍ଷିକ ଉତ୍ସବ

**ଫୁଲନଖରା,୨୪।୧୧/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ କୁରାଙ୍ଗ-ଭିଙ୍ଗାରପୁର ରାସ୍ତାପାର୍ଶ୍ୱ ନଛିପୁରଠାରେ ଥିବା ଶୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ପରିସରସ୍ଥ ବାବା ସିଦ୍ଧେଶ୍ୱରଙ୍କ ୧୩ତମ ବାର୍ଷିକ ଉତ୍ସବ ଡଃ.ରଞ୍ଜନକୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ତିନିଦିନ ଧରି ପାଳିତ ହୋଇଥିବା ଏହି ଧର୍ମାନୁଷ୍ଠାନରେ ପ୍ରତିଷ୍ଠାନ ମୁଖ୍ୟ ଇଂ.ସୁନିଲକୁମାର ପଟ୍ଟନାୟକଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଭଜନ ସଂଧ୍ୟା ଓ ନାମସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଯଜ୍ଞ ପୂର୍ଣ୍ଣାହୁତି ସଂଧ୍ୟାରେ ଗଙ୍ଗେଶ୍ୱର, ନଛିପୁର, ଦୁଦୁରାବସ୍ତ, ଭିଙ୍ଗାରପୁର, ଇଛାଦେଇପାଟଣା ଓ ଉତ୍ତମାପୁର ଅଞ୍ଚଳର ଶ୍ରଦ୍ଧାଳୁ ଯୋଗଦେଇଥିଲେ। କର୍ତ୍ତା ହେମନ୍ତ କୁମାର ପଣ୍ଡାଙ୍କ ସମେତ ପ୍ରଫେସର ସରିତା ନାୟକ, ଡଃ. ଚିତ୍ତରଞ୍ଜନ ପଣ୍ଡା, ଫକୀର ମହାରଣା, ଭାଗବତ ମିଶ୍ର, ଶୁଭାଶିଷ ତ୍ରିପାଠୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ମଣିଭଦ୍ରାରେ ୩୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ

## ଟ୍ରାଫିକ୍ ଓ ଶାନ୍ତିଶୃଙ୍ଖଳା ପାଇଁ ୩ ପ୍ଲାଟୁନ୍ ଫୋର୍ସ ମୁତୟନ



**ଗଣିଆ,୨୪।୧୧/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ପୁରାଣ ବର୍ଣ୍ଣିତ ମଣିଭଦ୍ରା ପର୍ବତ ପାଦଦେଶରେ ଅବସ୍ଥିତ ମା' କଳାପାଟଙ୍କ ପୀଠରେ ୩୩ତମ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଶୁଭାରମ୍ଭ ହୋଇଯାଇଛି। ଚଳିତ ବର୍ଷ ସିଦ୍ଧଯୋଗୀ ସ୍ୱର୍ଗତଃ ବାବା ରାମଦାସଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ଅନୁଷ୍ଠିତ ଏହି ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାଧିବାସ ଅବସରରେ ସକାଳୁ ଯାଜ୍ଞିକ ବ୍ରାହ୍ମଣମାନଙ୍କ ଦ୍ୱାରା ଯଜ୍ଞକର୍ତା ଓ କର୍ତିଙ୍କ କାୟାଶୁଦ୍ଧି ଓ ସଙ୍କଳ୍ପ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ମଧ୍ୟାହ୍ନରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା କରାଯିବା ସହ ଓଡିଶାର ଗଙ୍ଗା ମହାନଦୀରୁ ଗଙ୍ଗା ଆବାହନ ହୋମ କରି ମାଳତିପୁଟ ଗ୍ରାମବାସୀ ଓ ଶ୍ରଦ୍ଧାଳୁମାନେ ୧୦୮ କଳସ ଶୋଭାଯାତ୍ରାରେ ଆଣି ଘଟକଳସ ସ୍ଥାପନ କରାଯାଇ ଶୁଭାଧିବାସ କରାଯାଇଥିଲା। ଏହି ଅବସରରେ ବାବା ରାମଦାସଙ୍କର ଅନୁଗାମୀମାନେ ମା' କଳାପାଟଙ୍କ ଚରଣରେ ଓ ଯଜ୍ଞ ମଣ୍ଡପରେ ଗୁରୁ ରାମଦାସଙ୍କ ପାଦୁକାତଳେ ଦୀପଜାଳି ମହାଜ୍ଞର ସଫଳତା ନିମନ୍ତେ କୃପାଭିକ୍ଷା କରିବା ସହିତ ଉଦ୍‌ଘାଟନ କରିଥିଲେ। ଆସିଥିବା ଭକ୍ତମାନେ କିଭଳି ଭାବରେ ଶନ୍ତିପୂର୍ଣ୍ଣ ଭାବରେ ଯଜ୍ଞ ଦେଖି ଆନନ୍ଦ ବଜାରରେ ଅନ୍ନପ୍ରସାଦ ଖାଇବାସହ ଶାନ୍ତିପୂର୍ଣ୍ଣ ଭାବରେ ଘରକୁ ଫେରିବେ ସେଥିପ୍ରତି ଯଜ୍ଞ କମିଟି ଓ ପ୍ରଶାସନ ତରଫରୁ ଚେଷ୍ଟା କରାଯାଇଛି। ପ୍ରକାଶଥାଉ କି ସ୍ୱର୍ଗତ ବାବାରାମ ଦାସଜୀ ମହାରାଜଙ୍କ ଦ୍ୱାରା ୧୯୯୩ ମସିହାରୁ ପ୍ରତିବର୍ଷ ଆୟୋଜିତ ଏହି ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ପ୍ରତିବର୍ଷ ଓଢଣୀ ଷଷ୍ଠୀ ତିଥିରେ ହୋଇଥାଏ। ଏହି ଯଜ୍ଞରେ ପୂର୍ବରୁ ୪ଦିନ ବ୍ୟାପୀ ମହାଯଜ୍ଞ କାର୍ଯ୍ୟକ୍ରମ ହେଉଥିବା ବେଳେ ଚଳିତ ବର୍ଷ ୩ଦିନ ଧରି ଘୃତଯଜ୍ଞ, ନାମ ସଂକୀର୍ତ୍ତନ, ହନୁମାନ ଚାଳିଶା ପଠନ, ସାଧୁ ସମ୍ମିଳନୀ, ପ୍ରବଚନ, ଭଜନ ସମାରୋହ, ଭାଗବତ ପାଠ ଇତ୍ୟାଦି କାର୍ଯ୍ୟକ୍ରମ ହେବାର ରହିଛି ବୋଲି ବାବାଙ୍କର ପଟ୍ଟ ଶିଷ୍ୟ ତଥା ଯଜ୍ଞ ଆୟୋଜକ କମିଟିର ସଭାପତି ଅଜୟ ପଟ୍ଟନାୟକ, ପାର୍ଥସାରଥୀ ମହାନ୍ତିଙ୍କ ଠାରୁ ସୂଚନା ମିଳିଛି। ୩ ଦିନ ଧରି ଆୟୋଜିତ ଏହି ମେଳାରେ ଲକ୍ଷାଧିକ ଭକ୍ତଙ୍କର ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଘଟଣାସ୍ଥଳରେ ଖଣ୍ଡପଡା ଏସ୍‌ଡିପିଓ ମଦନମୋହନ ପ୍ରଧାନ, ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ, ବିଡିଓ ଅଙ୍କୁର ଅଭିଳାଷ, ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପହଞ୍ଚି ତଦାରଖ କରିଥିଲେ। ଅନୁରୂପ ଭାବେ ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ମହାଯଜ୍ଞ ପରିସରରେ ଉପସ୍ଥିତ ରହିଛନ୍ତି। ଟ୍ରାଫିକ୍ ଓ ଆଇନଶୃଙ୍ଖଳା ସମସ୍ୟା ସୁଧାରିବା ପାଇଁ ଛାମୁଣ୍ଡିଆ, କଳାପାଟ, ଡଙ୍କାରିସାହି ଆଦି ସ୍ଥାନରେ ପ୍ରାୟ ୩ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥିବା ସୂଚନାରୁ ଜଣାପଡ଼ିଛି।

ନୀତି ଭାରତୀ

ଜଳରେ ଥିବା ମାଛ ତୃଷାର୍ତ୍ତ ଅଛି ବୋଲି ଶୁଣିଲେ ମୋତେ ହସ ଲାଗେ। ସେହିପରି ଈଶ୍ୱରଙ୍କୁ ପାଇବାକୁ ଲୋକମାନେ ତୀର୍ଥଯାତ୍ରାରେ ଯାଉଛନ୍ତି ଶୁଣିଲେ ହସ ଲାଗେ। - କବୀର

NITIDIN ନିତିଦିନ
ମଙ୍ଗଳବାର, ୨୫ ନଭେମ୍ବର, ୨୦୨୫

# ବିଶ୍ୱାସ ଓ ଅବିଶ୍ୱାସର ଦୋଛକିରେ ମଣିଷ



ବିମଳ ଷଡ଼ଙ୍ଗୀ

ମଣିଷ ଏକ ସମ୍ବେଦନଶୀଳ ପ୍ରାଣୀ, ଯାହାର ଜୀବନ ନିର୍ଭର କରେ ଅନ୍ୟମାନଙ୍କ ସହ ସମ୍ପର୍କ ଓ ସମ୍ବନ୍ଧରେ। ଏହି ସମ୍ପର୍କ ସ୍ଥାପନରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଏ ବିଶ୍ୱାସ। ବିଶ୍ୱାସର ଅର୍ଥ କେବଳ ଆତ୍ମୀୟତା ନୁହେଁ, ଏହା ମଣିଷର ମନୋବଳ, ସମ୍ପର୍କର ଶକ୍ତି ଓ ସମାଜର ମଜଭୁତିକୁ ନିର୍ମାଣ କରେ। କିନ୍ତୁ ଜୀବନର ଯାତ୍ରା ସବୁବେଳେ ସରଳ ନୁହେଁ। ବିଶ୍ୱାସ ଯେତେବେଳେ ଭାଙ୍ଗି ଯାଏ, ସେତେବେଳେ ମଣିଷ ଅବିଶ୍ୱାସର ଗଭୀର ଗହ୍ୱରରେ ପଡ଼ିଯାଏ। ଅବିଶ୍ୱାସ ହେଉଛି ସନ୍ଦେହ, ଆଶଙ୍କା ଓ ମନୋବଳ କମିବାର ସୂଚକ। ଯେତେବେଳେ ବିଶ୍ୱାସ ହୃଦୟକୁ ଆଲୋକିତ କରେ, ସେତେବେଳେ ଅବିଶ୍ୱାସ ଅନ୍ତଃକଳହ, ପାରସ୍ପରିକ ସନ୍ଦେହ ଓ ଦୂରତା ଉତ୍ପନ୍ନ କରେ। ମଣିଷ ଜୀବନର ଅନେକ ନିଷ୍ପତ୍ତି, ଚୟନ ଓ କାର୍ଯ୍ୟ ବିଶ୍ୱାସ ଏବଂ ଅବିଶ୍ୱାସର ସମନ୍ୱୟ ଉପରେ ନିର୍ଭର କରେ। ପରିବାର, ସମ୍ପର୍କ, କାର୍ଯ୍ୟସ୍ଥଳ ଓ ମିତ୍ରତାରେ ବିଶ୍ୱାସ ଥିଲେ ମଣିଷ ସୁଖୀ, ସ୍ଥିର ଓ ସଫଳ ହୁଏ। ଏହି ବିଶ୍ୱାସର ମନ୍ତ୍ରକୁ ଆୟୁଧ କରି ଅନେକ ବ୍ୟବସାୟୀ, ରାଜନେତା, ଶିକ୍ଷକ, ଡାକ୍ତର, ଅଫିସର ଆଦି ସାଧାରଣ ଜନତାଙ୍କୁ ଭେଜାଲ ଦ୍ରବ୍ୟ ବିକି, ମିଛ ବିଜ୍ଞାପନ, ଶଠତାପୂର୍ଣ୍ଣ ନିର୍ବାଚନୀ ଇସ୍ତାହାର, ଜାଲ କାଗଜପତ୍ର ଆଦି ମାଧ୍ୟମରେ ତା'ର ସରଳ ବିଶ୍ୱାସ ଯୋଗୁଁ ମୃତ୍ୟୁ ପର୍ଯ୍ୟନ୍ତ ଠକି ଚାଲନ୍ତି। ପୁଣି ଏହି ବିଶ୍ୱାସ ଅଭାବରେ ସ୍ୱାମୀ ସ୍ତ୍ରୀ ଭଳି ପବିତ୍ର ବନ୍ଧନ ତୁଟିଯାଏ।

ଗୋଟିଏ ଛୋଟ ଉଦାହରଣ। ଭାରତରେ ଘରୋଇ ଇଞ୍ଜିନିୟରିଂ, ଫାର୍ମାସି, ମେଡିକାଲ, ମ୍ୟାନେଜମେଣ୍ଟ ଓ ପଲିଟେକନିକ୍ କଲେଜମାନଙ୍କ ସଂଖ୍ୟା ବହୁତ ବଢ଼ିଛି, କାରଣ ଭାରତ ସରକାର ବର୍ଦ୍ଧିତ ଜନସଂଖ୍ୟା ଅନୁସାରେ ଶିକ୍ଷା ପାଇଁ ଏତେ ଅଧିକ ଟଙ୍କା ଖର୍ଚ୍ଚ କରି ପାରିବେ ନାହିଁ। ଫଳରେ ଘରୋଇ ଅନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଓ ନୀତିଗତ ନିୟନ୍ତ୍ରଣ ଏହି ଦୁଇଟି ଦିଗରେ ସରକାରଙ୍କ ତଦାରଖର ଅଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଅନେକ ଘରୋଇ ଅନୁଷ୍ଠାନ ଏଆଇସିଟିଇ, ନ୍ୟାକ୍, ଏନବିଏ, ଏନ୍ଆଇଆରଏଫ୍, ୟୁନିଭର୍ସିଟି ଭଳି ଅନୁମୋଦନ ସଂସ୍ଥାଙ୍କୁ ଭୁଆଁ ବୁଲାଇ ବା ଲାଞ୍ଚ ଦେଇ ମାନ୍ୟତା ଲାଭ କରି ସମାଜକୁ ଗଣମାଧ୍ୟମ ଜରିଆରେ ନିଜର ଉତ୍କର୍ଷ ନଥାଇ ଭଲ ସଂସ୍ଥା କହି ପ୍ରଚାର କରୁଛନ୍ତି। ସାଧାରଣ ବ୍ୟକ୍ତି ନିଜର କଷ୍ଟାର୍ଜିତ ସମ୍ପତ୍ତି ବଦଳରେ ନିଜ ପିଲାମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ଆଶାରେ ସେଭଳି ଅନୁଷ୍ଠାନରେ ପାଠ ପଢ଼ାଉଛନ୍ତି। ମାତ୍ର ପରିଶେଷରେ ପିଲାଟି ବିନା ଗୁରୁ, ବିନା ଜ୍ଞାନରେ ଗୋଟିଏ ମୁଦ୍ରିତ ପ୍ରମାଣପତ୍ର ହାତରେ ଧାରଣ କରି କୌଣସି କର୍ମ କରିବାକୁ ଉପଯୁକ୍ତ ହୋଇପାରୁ ନାହିଁ, ଯାହା ନାସ୍କମ୍ ଓ ଭାରତ ସରକାରଙ୍କ ମନ୍ତବ୍ୟର ଅଂଶ। ଜନତାଙ୍କ ବିଶ୍ୱାସ ଥାଏ ସରକାରଙ୍କ ଉପରେ ଓ ସେମାନେ ଭାବନ୍ତି ସରକାର ସମସ୍ତ ଘରୋଇ ଅନୁଷ୍ଠାନର ଆପକର୍ମକୁ ଜଗି ଜନତାଙ୍କ ମଙ୍ଗଳରେ କାର୍ଯ୍ୟ କରୁଛନ୍ତି। ମାତ୍ର ଯେତେବେଳେ ସରକାର ଉପରୋକ୍ତ ଅନୁଷ୍ଠାନଗୁଡ଼ିକର ମନ୍ଦ କାର୍ଯ୍ୟକୁ ପ୍ରୋତ୍ସାହନ କରିବା ଭଳି ମନେ କରାଯାଏ, ସେତେବେଳେ ଜନତାଙ୍କର ସରକାରଙ୍କ ଉପରେ ଅବିଶ୍ୱାସ ଆସିଥାଏ। ଉଦାହରଣ ସ୍ୱରୂପ, ଓଡ଼ିଶାରେ ପାଖାପାଖି ୧୦୦ଟିରୁ ଅଧିକ ବୈଷୟିକ ମହାବିଦ୍ୟାଳୟ ବିପିୟୁଟି ବିଶ୍ୱବିଦ୍ୟାଳୟ ଅଧୀନରେ ଅଛି। ମାତ୍ର ବିପିୟୁଟିର ସେହି ଅନୁଷ୍ଠାନଗୁଡ଼ିକୁ ସଠିକ୍ ଭାବରେ ତଦାରଖ କରିବାର ଅଭିପ୍ରାୟ ନଥାଏ। ସରକାର ଓ ଲୋକମାନଙ୍କୁ ଭୁଆଁ ବୁଲାଇ ସେଠାକାର ସର୍ବୋଚ୍ଚ ଅଧିକାରୀ ମୋଟା ଅଙ୍କର ଦରମା ନେଇ ସବୁ ଅନୁଷ୍ଠାନକୁ ବିନା ଯାଞ୍ଚରେ ଚଞ୍ଚକତାର ସହିତ ଅନୁମୋଦନ ଦିଅନ୍ତି । ସବୁ କଲେଜରେ ପ୍ରାୟ ୬୦%ରୁ ଅଧିକ ଭୂତ ଅଧ୍ୟାପକ ଅଛନ୍ତି। କେଉଁଠି ପିଅନ ଓ କିରାଣି ତ କେଉଁଠି ମୃତ ବ୍ୟକ୍ତିଙ୍କ ନାମ ଓ ଆଧାର ନମ୍ବର ଅଧ୍ୟାପକଙ୍କ ନାମ ମଣ୍ଡନ କରିଥାଏ। ବହୁସ୍ତରୀୟ ଯାଞ୍ଚ ବ୍ୟବସ୍ଥା ରହି ମଧ୍ୟ କିପରି କାହାର ନଜର ଏହା ଉପରେ ଆସି ନଥାଏ, ତାହା ପ୍ରଣିଧାନଯୋଗ୍ୟ। ଅସ୍ତିତ୍ୱହୀନ ଲାବୋରେଟୋରୀ ଓ ଗବେଷଣା ତଥ୍ୟ, ଛାତ୍ର ଓ ପ୍ଲେସ୍‌ମେଣ୍ଟ୍ ତଥ୍ୟର ନକଲ କରାଯାଇ ସାଧାରଣ ଲୋକଙ୍କ ବିଶ୍ୱାସରେ ବିଷ ଦିଆ ଯାଇଥାଏ। ୨୦୨୫ ମସିହା ସେପ୍ଟେମ୍ବର ମାସ ୨୫ ତାରିଖରେ www.team@retractionwatchr.com ଦ୍ୱାରା ବିପିୟୁଟିର କୁଳପତିଙ୍କ ଶିକ୍ଷାଗତ ଅଯୋଗ୍ୟତାର ପ୍ରମାଣର ଏକ ସଙ୍ଗୀନ ତଥ୍ୟ ଉନ୍ମୋଚିତ ହୋଇଥିଲା, ଯାହା ତଦନ୍ତସାପେକ୍ଷ, ମାତ୍ର ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ ? ଯେଉଁଠି ସର୍ବୋଚ୍ଚ ଅଧିକାରୀ ଚଞ୍ଚକତା ମାଧ୍ୟମରେ



ନିଜର ଚାକିରି ଅକ୍ତିଆର କରନ୍ତି, ତାଙ୍କ ହାତରେ ଅନ୍ୟର ଭୁଲ୍ ଧରାହେବା କେତେ ଯୁକ୍ତିଯୁକ୍ତ ? ଏହି ଅସ୍ୱଚ୍ଛତା ଓ ଅନୁତ୍ତରଦାୟିତ୍ୱ ଫଳରେ ଶିକ୍ଷା କ୍ଷେତ୍ରରେ ନୀତିହୀନତା ବଢ଼ି ଯାଇଛି। ଅନେକ କଲେଜରୁ ପାସ୍ କରୁଥିବା ଛାତ୍ରଛାତ୍ରୀମାନେ ନିଯୁକ୍ତିଯୋଗ୍ୟ ହେଉ ନାହାନ୍ତି। ସମ୍ବାଦପତ୍ର ଓ ସାମାଜିକ ଗଣମାଧ୍ୟମ ଜରିଆରେ ରଙ୍ଗୀନ ବିଜ୍ଞାପନ ଦ୍ୱାରା ଦେଶୀ, ବିଦେଶୀ ମାନ୍ୟତା ଓ ଶିକ୍ଷାର ମିଥ୍ୟା ଗୁଣାତ୍ମକତା ବିଷୟର ପ୍ରଚାର ଅବିଶ୍ୱସନୀୟ ହେବା ସହିତ ରାଜ୍ୟ ତଥା ଦେଶର ଶିକ୍ଷା ପ୍ରଣାଳୀରେ ସାଧାରଣ ଲୋକଙ୍କ ବିଶ୍ୱାସ କମି ଯାଉଛି ଓ ଦୀର୍ଘ ବର୍ଷ ଧରି ଭାରତର ଭବିଷ୍ୟତଙ୍କୁ ଏହି ମନ୍ଦ କାର୍ଯ୍ୟଦ୍ୱାରା ଅକର୍ମଣ୍ୟ କରାଯାଉଛି।

ସେହିପରି ଅତୀତରେ ଓଡ଼ିଶାର ଲକ୍ଷ ଲକ୍ଷ ସାଧାରଣ ଲୋକ ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇ କୋଟି କୋଟି ଟଙ୍କା ହରାଇ ଥିଲେ, ଯାହା ଜନତାଙ୍କ ବିଶ୍ୱାସ ଯୋଗୁଁ ସୃଷ୍ଟି ହୋଇଥିଲା ଏବଂ ଆଜି ବି ଏହି ସମସ୍ୟା ଅସମାହିତ। ଭାରତୀୟ ରିଜର୍ଭ ବ୍ୟାଙ୍କ ୧୨୨ କୋଟି ଟଙ୍କାର ଏକ ଠକେଇ ପରେ ନ୍ୟୁ ଇଣ୍ଡିଆ କୋଅପରେଟିଭ୍ ବ୍ୟାଙ୍କର ବୋର୍ଡକୁ ପଦଚ୍ୟୁତ କରିଛି, ଯେଉଁଠାରେ ବର୍ଷ ବର୍ଷ ଧରି ବ୍ୟାଙ୍କରୁ ପାଣ୍ଠିର ଅପବ୍ୟବହାର କରାଯାଇଥିଲା। ଭାରତରେ ଆୟକର ବିଭାଗ ୧୭୦ଟି ସେଲ୍ କମ୍ପାନୀ ମାଧ୍ୟମରେ ପଠାଯାଇଥିବା ସିଏସଆର ପାଣ୍ଠି ବ୍ୟବହାର କରି କୋଡ଼ିଏ ହଜାର କୋଟି ଟଙ୍କା ଠକେଇର ପର୍ଦ୍ଦାଫାସ କରିଛି, ଯାହା ଦାତବ୍ୟ କାର୍ଯ୍ୟକଳାପର ପରିଚୟ ଦେଇ ବିଦେଶକୁ ଟଙ୍କା ପଠାଇବା ଏବଂ ଚୋରା ଚାଲାଣ ପାଇଁ ବ୍ୟବହାର କରାଯାଉଛି। ଭାରତରେ କମ୍ପାନୀଗୁଡ଼ିକ ସେମାନଙ୍କର ସିଏସଆର ପାଣ୍ଠି ବ୍ୟବହାର ପଦକ୍ଷେପକୁ ପ୍ରୋତ୍ସାହିତ କରି ଜନସାଧାରଣଙ୍କ ବିଶ୍ୱାସକୁ ଉପହାସ କରୁଛନ୍ତି। ବିଶ୍ୱାସର ଅପବ୍ୟବହାର ମାଧ୍ୟମରେ ଜନସାଧାରଣଙ୍କ ଅର୍ଥକୁ ଭୁଲ୍ ଭାବରେ ବ୍ୟବହାର କରାଯାଉଛି ଏବଂ ଏହିପରି ଅବିଶ୍ୱାସ କାର୍ଯ୍ୟ ପ୍ରତ୍ୟେକ ଦିନ ଭାରତରେ ସଂଘଟିତ ହୋଇ ଚାଲିଛି ଓ ପରେ ଧରାଇବା, ଜେଲ ପଠାଇବା ଆଦି କାର୍ଯ୍ୟ ମାଧ୍ୟମରେ କରାଯିବା ସମୟକୁ ନେଡ଼ିଗୁଡ଼ କହୁଣିକୁ ବୋହି ଯାଇଥାଏ।

ଏହା କେବଳ ଭାରତରେ ସୀମିତ ହୋଇ ରହିନାହିଁ; ବିଶ୍ୱସ୍ତରୀୟ ସଙ୍କଟରେ ପରିଣତ ହୋଇ ସାରିଛି। ଏକ ସର୍ଭେରୁ ଜଣାପଡ଼ିଛି ଯେ ୨୦୨୪ ମସିହାରେ ୯୦% ଆମେରିକୀୟ କମ୍ପାନୀ ଡିପ୍ ଫେକ୍, ପ୍ରତିରୂପଣ ଇତ୍ୟାଦି ସାଇବର ଠକେଇ ଦ୍ୱାରା ଟାର୍ଗେଟ ହୋଇଥିଲେ। ସେହିପରି ସମାଜରେ ଧର୍ମ ମନୁଷ୍ୟ ଜୀବନର ଅବିଭାଜ୍ୟ ଅଂଶ। ଏହା ନୀତି, ସଂସ୍କୃତି ଓ ଆସ୍ଥା ସହିତ ଗଭୀର ସମ୍ପର୍କ ରଖେ। କିନ୍ତୁ ଦୁଃଖର କଥା ଯେ ଆଜି ରାଜନୀତିରେ ଧର୍ମକୁ ଏକ ଶକ୍ତିଶାଳୀ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଛି। ରାଜନେତାମାନେ ଲୋକଙ୍କ ଧର୍ମୀୟ ଭାବନାକୁ ଉତ୍ତେଜିତ କରି ଭୋଟ୍ ଓ ଶକ୍ତି ଦଖଲ କରିବାର ଚେଷ୍ଟା କରୁଛନ୍ତି। ଧର୍ମ ମନୁଷ୍ୟ ଭିତରେ ଗଭୀର ଭାବନା ଓ ଆସ୍ଥା ଜନ୍ମାଏ, ଯାହାକୁ ରାଜନୀତିଜ୍ଞମାନେ ସହଜରେ ଏକ ଅସ୍ତ୍ର ଭାବରେ ବ୍ୟବହାର କରନ୍ତି। ସେମାନେ ନିଜକୁ ଧର୍ମର ରକ୍ଷକ ଭାବରେ ପ୍ରଦର୍ଶନ କରି ଲୋକଙ୍କ ଭିତରେ ଭୟ, ଘୃଣା ଓ ଅନ୍ୟ ଧର୍ମ ପ୍ରତି ଅବିଶ୍ୱାସ ସୃଷ୍ଟି କରନ୍ତି, ଯେପରି ୨୦୨୪-୨୫ ମସିହାରେ ଆମେରିକାର ନିର୍ବାଚନରେ ରାଷ୍ଟ୍ରପତି ଟ୍ରମ୍ପ୍ କରିଥିଲେ। ଏଭଳି ପରିସ୍ଥିତିରେ ମାନବ ସମାଜରେ ଏକତା ଭଙ୍ଗ ହୋଇ ଲୋକମାନେ ଧର୍ମ ଆଧାରିତ ଦଳରେ ବିଭକ୍ତ ହୋଇଯାନ୍ତି। ଇତିହାସରୁ ଦେଖାଯାଏ ଯେ ରାଜା ଓ ଶାସକମାନେ ନିଜର ଶାସନକୁ ନ୍ୟାୟିକ କରିବା ପାଇଁ ଧର୍ମକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିଲେ। ଆଜିର ଦୁନିଆରେ ଏହି ପରମ୍ପରା ନୂଆ ଆକାର ନେଇଛି, ଯେଉଁଠି ରାଜନେତାମାନେ ଧର୍ମୀୟ ସଂଗଠନ, ମନ୍ଦିର, ମସଜିଦ, ଗୀର୍ଜା, ଗୁରୁଦ୍ୱାର ଆଦି ଧାର୍ମିକ ସ୍ଥଳ ଓ ଧାର୍ମିକ ସମାରୋହକୁ ରାଜନୀତିକ ମଞ୍ଚ ଭାବେ ବ୍ୟବହାର କରୁଛନ୍ତି। ଧର୍ମ ଯେଉଁଠି ମନୁଷ୍ୟକୁ ନୀତି, ଦୟା ଓ ଭ୍ରାତୃତ୍ୱ ଶିଖାଏ, ସେଠି ରାଜନୀତି ଏହାକୁ ଭୋଟ ବ୍ୟାଙ୍କର ହିସାବ ଭାବେ ଦେଖୁଛି। ଏହି ଭୁଲ୍ ଧାରଣା ଫଳରେ ମାନବତା ଦୁର୍ବଳ ହେଉଛି ଓ ସମାଜ ହିଂସାପ୍ରବଣ ହେଉଛି। ସତ୍ୟ, ଧର୍ମ କେବେ ବି ରାଜନୀତିର ଉପକରଣ ହେବା ଉଚିତ୍ ନୁହେଁ। ଧର୍ମ ମାନବ ଜୀବନକୁ ସତ୍ୟ, ଅହିଂସା ଓ ପ୍ରେମର ପଥେ ନେଇଯିବା ଉଚିତ୍। ଏଥିପାଇଁ ଆମେ ସଚେତନ ନାଗରିକ ଭାବେ ରାଜନୀତିରେ ଧର୍ମର ଅସ୍ତ୍ରୀକରଣକୁ ଅସ୍ୱୀକାର କରିବା ଆବଶ୍ୟକ। ଯେତେବେଳେ ଆମେ ଧର୍ମ ଓ ରାଜନୀତିକୁ ଅଲଗା କରିବା ଶିଖିବୁ, ସେତେବେଳେ ହିଁ ଏକ ସତ୍ୟ ସମାଜବାଦୀ ଓ ଶାନ୍ତିପୂର୍ଣ୍ଣ ସମାଜ ଗଠିତ ହେବା ସହିତ ବିଶ୍ୱାସ ଏବଂ ଅବିଶ୍ୱାସ ମଧ୍ୟରେ ମଣିଷ ସଫଳତା, ସମ୍ପର୍କ ଓ ଆନନ୍ଦକୁ ଖୋଜି ପାଇବ। କୋଭିଡ୍ ସମୟରେ ଲୋକମାନେ ଟିକାକୁ ନେଇ ସରକାର ଓ ଡାକ୍ତରମାନଙ୍କ ଉପରେ ବିଶ୍ୱାସ କରି ସ୍ୱଇଚ୍ଛାରେ କୋଭିଡ୍ ଟୀକା କାର୍ଯ୍ୟକ୍ରମରେ ସମସ୍ତେ ଟିକା ନେଇଥିଲେ। ଖେଳ ପଡ଼ିଆରେ ବା ଯୁଦ୍ଧ କ୍ଷେତ୍ରରେ ପରସ୍ପର ସହିତ ବିଶ୍ୱାସ କରି ଖେଳାଳି ଓ ସୈନିକ ବିଜୟର ଟୀକା ପିନ୍ଧି ଥାଆନ୍ତି। ଶିଶୁଟିଏ ବିଶ୍ୱାସରେ ମା' କୋଳରେ ସୁରକ୍ଷିତ ମନେକରି ନିଘୋଡ଼ ନିଦରେ ଶୋଇଥାଏ। ଏମିତି ବିଶ୍ୱାସର ନଜିର ଆମେ ବହୁତ ସ୍ଥାନରେ ଦେଖି ପାରିବା। ମାତ୍ର ଏହି ବିଶ୍ୱାସକୁ ଆୟୁଧ କରି ଅନେକ ବ୍ୟକ୍ତି ଅବିଚାରିତ ଭାବରେ ସାଧାରଣ ଲୋକଟିକୁ ଠକି ଚାଲନ୍ତି, ଯାହା ଯୋଗୁଁ ଆଜି ମଣିଷ ସମାଜ ବିଶ୍ୱାସ ଓ ଅବିଶ୍ୱାସ ମଝିରେ ଅଣନିଃଶ୍ୱାସୀହୋଇ ପଡ଼ିଛି। ମାତ୍ର ଆମକୁ ମାନିବାକୁ ପଡ଼ିବ ଯେ ଏହା ପ୍ରକୃତରେ ଏକ ସନ୍ତୁଳନ, ଯାହାକୁ ଜୀବନ ଦ୍ୱାରା ଶିଖିବା ଏବଂ ପାଳନ କରିବା ଦରକାର। ଯେତେବେଳେ ମଣିଷ ଅନ୍ୟମାନଙ୍କୁ ବିଶ୍ୱାସ କରିଥାଏ, ସେ ନିଜର ମନକୁ ଶାନ୍ତି ଓ ଶକ୍ତି ଦିଏ। ଏହା ସମ୍ପର୍କରେ ମଧୁରତା ଆଣିଥାଏ ଓ ସମାଜକୁ ଶକ୍ତିଶାଳୀ କରେ। ସଂକ୍ଷେପରେ, ମଣିଷ ସବୁବେଳେ ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟରେ ସଂଘର୍ଷ କରୁଥାଏ ଏବଂ ଏହି ଦୁଇ ଅଭିଭାସକୁ ସନ୍ତୁଳିତ ରଖିବା ଉପରେ ଜୀବନର ସଫଳତା ନିର୍ଭର କରେ। ବିଶ୍ୱାସ ଏକ ଆଲୋକ, ଯାହା ମଣିଷଙ୍କୁ ଆଗକୁ ନେଉଥାଏ। ଅବିଶ୍ୱାସ ଏକ ଛାୟା, ଯାହା ମଣିଷକୁ ଭ୍ରମରେ ପକାଇ ଥାଏ। ସନ୍ତୁଳନ ମାନିବାରେ ନିଜର ମନ, ସମ୍ପର୍କ ଓ ସମାଜ ସୁସ୍ଥ ଓ ସମୃଦ୍ଧ ହୁଏ। ତଥାପି ମଣିଷକୁ ମାନିବାକୁ ପଡ଼ିବ ସଦାସର୍ବଦା ବିଶ୍ୱାସଯୋଗ୍ୟ କାର୍ଯ୍ୟ ମାଧ୍ୟମରେ ଏକ ସୁସ୍ଥ ପରମ୍ପରା କେବଳ ବର୍ତ୍ତମାନର ନୁହେଁ, ଭବିଷ୍ୟତ ଜାତି ଗଠନରେ ଏକ ଗୁରୁ ଦାୟିତ୍ୱ ବହନ କରେ। ମଣିଷର ଜୀବନ କ୍ଷଣସ୍ଥାୟୀ। ଏହି କ୍ଷଣିକ ଜୀବନ କାଳରେ କେବଳ ନିଜର ଆଦର୍ଶ ଓ ନୀତି ଚିର ଅମର ରହିବ; ଧନ, ଅହଙ୍କାର, ପ୍ରାଚୁର୍ଯ୍ୟ, ହୀନ ନୀତି, ଭ୍ରଷ୍ଟାଚାର କେବଳ ଭବିଷ୍ୟତ ବଂଶଧରଙ୍କ ଦ୍ୱାରା ଲାଞ୍ଛିତ ହୋଇ ଏକ କଳଙ୍କିତ ନାୟକ ଭାବରେ ପରିଚୟ ସୃଷ୍ଟି କରିବ- ଆଉ କିଛି ନୁହେଁ।■

Bimal.sarangi1234@gmail.com

# ଜି-୨୦ ଓ ବଡ଼ଭାଇପଣିଆ

ଦକ୍ଷିଣ ଆଫ୍ରିକାର ଜୋହାନେସ୍‌ବର୍ଗଠାରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀ ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର- ଦକ୍ଷିଣ ଆଫ୍ରିକାର ସରକାର ଶ୍ୱେତାଙ୍ଗ-ବିରୋଧୀ ନୀତିଗୁଡ଼ିକୁ ଅନୁସରଣ କରୁଥିବା ନେଇ ଡୋନାଲ୍ଡ ଟ୍ରମ୍ପ୍ ଅଭିଯୋଗ ଉଠାଇବା ପରେ ଯୁକ୍ତରାଷ୍ଟ୍ର ଆମେରିକାର ଏଥିରେ ଯୋଗଦାନକୁ ବର୍ଜନ, ଆମେରିକା ବିରୋଧ କରିଥିବା ଏକ ନିଷ୍ପତ୍ତିପତ୍ର ସପକ୍ଷରେ ୟୁରୋପୀୟ ମିତ୍ର ରାଷ୍ଟ୍ରମାନେ ଭୋଟ୍ ଦେବା ଏବଂ ଶିଖର ସମ୍ମିଳନୀ ଶେଷ ହେବା ପରେ ଏକ ଘୋଷଣାନାମା ପାରିତ କରିବା ପରିବର୍ତ୍ତେ ଆରମ୍ଭରୁ ଏହାକୁ ପାରିତ କରିବା। ସୂଚନାଯୋଗ୍ୟ ଯେ ୨୦୦୮ରେ ଏହି ମଞ୍ଚ ସ୍ଥାପିତ ହେବା ପରଠାରୁ ପ୍ରଥମ ଥର ପାଇଁ ଚଳିତ ଥରର ଜି-୨୦ ଶିଖର ସମ୍ମିଳନୀ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହେଉଛି। ଏହା ହେଉଛି ଆନ୍ତଃସରକାରୀ ମଞ୍ଚ, ଯାହା ସମଗ୍ର ବିଶ୍ୱର ଜିଡିପିର ପ୍ରାୟ ୮୫ ପ୍ରତିଶତ, ବିଶ୍ୱ ବାଣିଜ୍ୟ କାରବାରର ୭୫ ପ୍ରତିଶତ ଏବଂ ବିଶ୍ୱ ଜନସଂଖ୍ୟାର ଅଧାରୁ ଅଧିକ ସଂଖ୍ୟକ ଲୋକଙ୍କର ପ୍ରତିନିଧିତ୍ୱ କରିଥାଏ। ତେଣୁ ଜି୨୦ ବୈଠକରେ କୌଣସି ପ୍ରସଙ୍ଗ ଉପରେ ସହମତି ପ୍ରକାଶ ପାଇବାର ଅର୍ଥ ହେଉଛି ସମଗ୍ର ବିଶ୍ୱ ଉପରେ ଏହାର ପ୍ରଭାବ ପଡ଼ିବା। ତେବେ ଏଭଳି ଏକ ଅଧିକ ମହତ୍ତ୍ୱ ବହନ କରୁଥିବା ସମ୍ମିଳନୀ ଉପରେ ଚଳିତ ଥର ଆମେରିକା-ଦକ୍ଷିଣ ଆଫ୍ରିକା ବିବାଦ ପ୍ରାଧାନ୍ୟ ବିସ୍ତାର କରିଛି, ଯଦିଓ ଏହା ଆହୁରି କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛି। ଏହି ସମ୍ମିଳନୀରେ ଦକ୍ଷିଣ ଆଫ୍ରିକା ଯେଉଁ କେତେକ ବିଷୟବସ୍ତୁ ଉପରେ ସମ୍ମିଳିତ ନେତାମାନଙ୍କ ସମ୍ମୁଖରେ ପରିସମାପ୍ତି କରିବାକୁ ଆହ୍ୱାନ ଦେଇଥିଲା, ସେଥି ମଧ୍ୟରୁ ଏକ ପ୍ରମୁଖ ବିଷୟ ହେଉଛି ଅସମାନତା। ସମ୍ମିଳନୀ ଏହାର ସଦସ୍ୟ ରାଷ୍ଟ୍ରମାନଙ୍କୁ ନିଜର ଦେଶ ଭିତରେ ଏବଂ ଦେଶ-ଦେଶ ମଧ୍ୟରେ ସମ୍ପଦ ଏବଂ ବିକାଶରେ ରହିଥିବା ଅସମାନତା ରୂପୀ ସମସ୍ୟାର ସମାଧାନ କରିବାକୁ ଆହ୍ୱାନ ଦେଇଥିଲା। ଉପସ୍ଥିତ ନେତାମାନେ ମଧ୍ୟ ସେମାନଙ୍କ କରଜ ସହିତ ଖାପ ଖୁଆଇ କାମ କରିବାକୁ ନିମ୍ନ-ଆୟକାରୀ ରାଷ୍ଟ୍ରମାନଙ୍କ ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ, ଯାହା ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିବା ସହିତ ଭିତ୍ତିଭୂମି, ବିପର୍ଯ୍ୟୟ ସ୍ଥିତିସ୍ଥାପକତା, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା କ୍ଷେତ୍ରରେ କରାଯିବାକୁ ଥିବା ନିବେଶଗୁଡ଼ିକୁ ଭକ୍ଷଣ କରି ଦେଉଛି।

ଏକ ଅଟକଳ ଅନୁସାରେ, ୮୭ଟି ଦେଶ ସେମାନଙ୍କ ବଜେଟ୍‌ର ୧୦ ପ୍ରତିଶତରୁ ଅଧିକ ପରିମାଣରେ ଅର୍ଥ କରଜ ସେବା ଅର୍ଥାତ୍ ସୁଧ ସହିତ କିଛି ପରିମାଣର ମୂଳ ଦେଇ ତାକୁ ବଜାୟ ରଖିବାରେ ଖର୍ଚ୍ଚ କରିଥାନ୍ତି। ଶ୍ରୀଲଙ୍କା ସମେତ ଛଅ ଗୋଟି ଦେଶ ସେମାନଙ୍କ ରାଜସ୍ୱର ୪୦ ପ୍ରତିଶତ ବାହ୍ୟ ଋଣ ସେବା ବାବଦରେ ଖର୍ଚ୍ଚ କରିଥାନ୍ତି। ଗୋଟିଏ ପକ୍ଷରେ ଆର୍ଥିକ ଶୃଙ୍ଖଳା ଯେତେବେଳେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ବୈଶ୍ୱିକ କରଜଦାତାମାନେ ଏହିସବୁ ଦେଶଙ୍କୁ ସେମାନଙ୍କ ନାଗରିକମାନଙ୍କୁ ମୌଳିକ ସୁବିଧାଗୁଡ଼ିକ ପ୍ରଦାନ କରିବା ନିମନ୍ତେ ପ୍ରଭାବିତ କରୁଥିବା କରଜଗୁଡ଼ିକୁ ପ୍ରତିରୋଧ କରିବା ପାଇଁ ପଦକ୍ଷେପମାନ ନେବା ଉଚିତ। ଚୀନ୍‌ର ବିରଳ ମୃତ୍ତିକା ରପ୍ତାନୀ ଉପରେ ନିଷେଧାଦେଶ ବାବଦରେ କିଛି ଉଲ୍ଲେଖ ନ କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟଗୁଡ଼ିକର ବୈଶ୍ୱିକ ମୂଲ୍ୟ ଶୃଙ୍ଖଳକୁ 'ବ୍ୟାଘାତ'ରୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଏହି ସମ୍ମିଳନୀ ଆହ୍ୱାନ ଦେଇଛି- ସେହି ବ୍ୟାଘାତ ଭୂରାଜନୀତିକ ଉତ୍ତେଜନା ପାଇଁ ହେଉ କି ବିଶ୍ୱ ବାଣିଜ୍ୟ ସଂଗଠନର ନିୟମଗୁଡ଼ିକ ସହିତ ମେଳ ଖାଉ ନଥିବା ଏକପାଖିଆ ବାଣିଜ୍ୟିକ ପଦକ୍ଷେପଗୁଡ଼ିକ ଯୋଗୁଁ ହେଉ। ଏହି ସମ୍ମିଳନୀ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆର୍ଥିକ, ଶାସନଗତ ଏବଂ ସୁରକ୍ଷାଗତ ଢାଞ୍ଚାଗୁଡ଼ିକ ଜରିଆରେ ଡ୍ରଗ୍-ଆତଙ୍କବାଦ ମଧୁଚନ୍ଦ୍ରିକାକୁ ମୁକାବିଲା କରିବାର ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଆତଙ୍କବାଦୀ ସଂଗଠନଗୁଡ଼ିକ ଦୀର୍ଘ ବର୍ଷ ହେବ ସେମାନଙ୍କର କାର୍ଯ୍ୟକଳାପକୁ ଚଳାଇ ରଖିବା ପାଇଁ ଆବଶ୍ୟକ ପଡୁଥିବା ଅର୍ଥକୁ ଯୋଗାଡ଼ କରିବା ଉଦ୍ଦେଶ୍ୟରେ ଜି-୨୦କୁ ପ୍ରତିନିଧିତ୍ୱ କରୁଥିବା ବିକଶିତ ବା ବିକାଶଶୀଳ ଦେଶମାନଙ୍କୁ ସିନ୍ଥେଟିକ୍ ଡ୍ରଗ୍ ଚୋରାରେ ପ୍ରେରଣ କରି ଚାଲିଛନ୍ତି।

ଭାରତ ଦ୍ୱାରା ଉପସ୍ଥାପନ କରାଯାଇଥିବା ଅନ୍ୟାନ୍ୟ ପ୍ରସ୍ତାବଗୁଡ଼ିକ ମଧ୍ୟରେ ରହିଥିଲା ଜି-୨୦ ବିଶ୍ୱ ସ୍ୱାସ୍ଥ୍ୟସେବା ପ୍ରତିକ୍ରିୟା ପ୍ରକାଶକାରୀ ଗୋଷ୍ଠୀ- ଯାହା ଚିକିତ୍ସା ବିଶେଷଜ୍ଞମାନଙ୍କର ଏକ ଭଣ୍ଡାର ସୃଷ୍ଟି କରିବ, ଯେଉଁମାନଙ୍କୁ ଜରୁରୀକାଳୀନ ପରିସ୍ଥିତି ଏବଂ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ସମୟରେ ତ୍ୱରିତ ବେଗରେ ଯେ କୌଣସି ସ୍ଥାନରେ ମୁତୟନ କରାଯାଇ ପାରିବ- ଏବଂ ଏକ କୌଶଳ କାର୍ଯ୍ୟକ୍ରମ, ଯାହା ଆଫ୍ରିକୀୟ ଯୁବ ପିଢ଼ିଙ୍କର ଦକ୍ଷତାକୁ ଶାଣିତ କରିବା ପାଇଁ ଏକ ମିଲିଅନ୍ ପ୍ରଶିକ୍ଷକ ସୃଷ୍ଟି କରିବ। ଜି-୨୦ ସମ୍ମିଳନୀ ଅବସରରେ ଭାରତ, କାନାଡା ଏବଂ ଅଷ୍ଟ୍ରେଲିଆ- ପୂର୍ବରୁ ତିନି ଗୋଟି ବ୍ରିଟିଶ ଉପନିବେଶବାଦୀ ଶାସନ ଦ୍ୱାରା ଶାସିତ ରାଷ୍ଟ୍ର ତଥା ଉଦୀୟମାନ ମଧ୍ୟମ ଶକ୍ତି- ଏକ ତ୍ରିପାକ୍ଷିକ ବୈଷୟିକ ଭାଗିଦାରୀ ସମ୍ପର୍କରେ ଘୋଷଣା କରିଛନ୍ତି। ପ୍ରଥମ ଥର ପାଇଁ ସମ୍ଭବତଃ ଅଷ୍ଟ୍ରେଲିଆ ଏବଂ କାନାଡା ଯୁକ୍ତରାଜ୍ୟ (ୟୁକେ) ବା ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ପ୍ରତ୍ୟାଖ୍ୟାତ ନହେବା ସତ୍ତ୍ୱେ ଭାରତ ସହିତ ହାତ ମିଳାଇଛନ୍ତି। କୃତ୍ରିମ ଧୀମତ୍ତା, କ୍ୱାଣ୍ଟମ୍ ପ୍ରଯୁକ୍ତି, ବାୟୋଟେକ୍ନୋଲୋଜି, ସ୍ୱଚ୍ଛ ଶକ୍ତି ଏବଂ ମହାକାଶ ରୋବୋଟିକ୍ସରେ କାନାଡା ନିକଟରେ ବଳିଷ୍ଠ ବିଶେଷଜ୍ଞତା ରହିଥିବା ବେଳେ ଅଷ୍ଟ୍ରେଲିଆ ନିକଟରେ ଖଣି ରୋବୋଟିକ୍ସ, କୃଷି ପ୍ରଯୁକ୍ତି, ସୌର ନବୋନ୍ମେଷ ଏବଂ ସାଇବର ସୁରକ୍ଷା କ୍ଷେତ୍ରରେ ଦୃଢ଼ ସାମର୍ଥ୍ୟ ରହିଛି। ଏହି ଭାଗିଦାରୀ ଭାରତର ବର୍ତ୍ତମାନର ଆମେରିକା-କେନ୍ଦ୍ରିକ ବୈଷୟିକ ସହଯୋଗ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବ, ବିଶେଷକରି ସାମ୍ପ୍ରତିକ ସମୟରେ ଆମେରିକା ଦ୍ୱାରା ଏହାର ଭାଗିଦାରମାନଙ୍କ ପାଇଁ ସୃଷ୍ଟି କରାଯାଇଥିବା ଏକପାଖିଆ ନୀତିଜନିତ ସୃଷ୍ଟ ଅନିଶ୍ଚିତତା ପରିପ୍ରେକ୍ଷୀରେ।■

# ସବୁ ଠିକ୍ ଚାଲିଛି, କିନ୍ତୁ...



ସୁରେଶ ଚନ୍ଦ୍ର ବେହେରା

'ସବୁ ଠିକ୍ ଚାଲିଛି, କିନ୍ତୁ...'- ଏହି ଅପୂର୍ଣ୍ଣ ବାକ୍ୟଟି ଆମ ସମୟର ଏକ ଅଦେଖା ଅନ୍ଧାର। ଦୃଶ୍ୟରେ ସବୁ ଠିକ୍ ଦେଖାଯାଉଥିବା ସତ୍ତ୍ୱେ ମନର ଅଭ୍ୟନ୍ତରରେ ଅଛି କିଛି ଅପୂର୍ଣ୍ଣତା, ଅସନ୍ତୋଷ, ଅସହାୟତା କିମ୍ବା ଅପ୍ରକାଶ୍ୟ ଦୁଃଖ ଘୂରି ବୁଲିବାର ମନଃସ୍ଥିତି ଓ ବ୍ୟଥାର ନିରବ ପରିପ୍ରକାଶ। ଦୈନନ୍ଦିନ ଜୀବନରେ ଆମେ ଅଧିକାଂଶ ଲୋକଙ୍କୁ ଦେଖୁଛୁ- ସେମାନେ ହସୁଛନ୍ତି, କାମ କରୁଛନ୍ତି, ଅନ୍ୟମାନଙ୍କ ସହ ମିଶି ଯାଉଛନ୍ତି, ସମ୍ମାନ ଓ ସଫଳତା ସାଉଁଟୁଛନ୍ତି। ତଥାପି କେତେବେଳେ ପଚାରି ଦେଲେ, 'କେମିତି ଅଛ ?' ଉତ୍ତର ମିଳେ, 'ସବୁ ଠିକ୍ ଅଛି, କିନ୍ତୁ...।' ଏହି 'କିନ୍ତୁ' ଶବ୍ଦଟିର ଅର୍ଥ ଅନେକ, ଯାହା କେବଳ ଅନୁଭବସାପେକ୍ଷ, ବୁଝିବା କଷ୍ଟକର ଏବଂ ବ୍ୟକ୍ତ କରିବା କାଠିକର ପାଠ।

'ସବୁ ଠିକ୍ ଚାଲିଛି' ବାହ୍ୟ ଅଭିବ୍ୟକ୍ତିଟି ବ୍ୟକ୍ତିର ନିଜ ଭିତରର ଯନ୍ତ୍ରଣାକୁ ଚାପି ଦେଉଛି, ଯେଉଁଥିରେ ସେ ବାସ୍ତବରେ କିଛି କହିପାରୁ ନାହିଁ କି ସେ ନିଜେ ବୁଝି ପାରୁନାହିଁ କି ପ୍ରକାର ଅସୁବିଧା କେଉଁଠି ଅଛି; କିନ୍ତୁ କିଛି ଅଛି। ଏହି ଅଭିବ୍ୟକ୍ତି ବିଶେଷକରି ସାମ୍ପ୍ରତିକ ସମୟରେ ଅଧିକ ଦେଖାଯାଉଛି, ଯେଉଁଠାରେ ମୁହଁରେ ବହଳିଆ ପ୍ରବଞ୍ଚନାର ପ୍ରସାଧନ ବୋଳିଥିବା ମଣିଷ ସଫଳତା ଦେଖାଏ, ଉତ୍ସବ କରେ, ଅନ୍ୟମାନଙ୍କୁ ସମାଲୋଚନା କରେ। କିନ୍ତୁ ଅଭ୍ୟନ୍ତରରେ ସେ ସାଂଘାତିକ ଭାବେ ବିଚଳିତ ଓ ଅପୂର୍ଣ୍ଣତାରେ ଟଳମଳ। ସୁତରାଂ, ଏହି 'କିନ୍ତୁ' ଶବ୍ଦଟି ହେଉଛି ମାନସିକ ଅବସାଦ, ସନ୍ଦେହ, ବିବ୍ରତ ଓ ଅନୁତାପର ଅନ୍ତର୍ନିହିତ ସଙ୍କେତ।

ଏହି ସ୍ଥିତିରୁ ମୁକୁଳିବା ପାଇଁ ଆମ ମନକୁ ଶୁଣିବାକୁ, ଆତ୍ମପରିଚୟ ଓ ଆତ୍ମ-ସ୍ୱୀକୃତିକୁ ବଢ଼ାଇବାକୁ ହେବ। ଆମେ ଆପଣା ମନକୁ 'ଆଉସବୁ ଠିକ୍ ଅଛି ତ ?' ପଚାରିବା ପରିବର୍ତ୍ତେ 'ମୁଁ ଠିକ୍ ଅଛି ତ ?' ପଚାରିବା ଉଚିତ। ଆମେ ବିପଦ, ବିପର୍ଯ୍ୟୟ, ବଦନାମ ଓ ବିଫଳତାକୁ ଭୟକରୁ। ଏହାକୁ ଏଡ଼ାଇବା ପାଇଁ ଯାହା ସମ୍ଭବ, ତାହା କରୁ, ଯଦିଓ ଆମେ ଜାଣିବା ଉଚିତ ଯେ ଏହା ପୃଥିବୀର ପ୍ରତ୍ୟେକ ପ୍ରଜାତିର ବାସିନ୍ଦାଙ୍କ ପାଇଁ ଜୀବନର ଏକ ଅନିବାର୍ଯ୍ୟ ଅଂଶ। ଆମେ ଏହାର ସମ୍ମୁଖୀନ ହେବା କି ନାହିଁ, ତାହା ଆଦୌ ପ୍ରସଙ୍ଗ ନୁହେଁ, କେବଳ କେବେ ଘଟିବ, ତାହା ହିଁ ପ୍ରସଙ୍ଗ। ଆମେ ସହାନୁଭୂତିଶୀଳ ହେଲେ 'କିନ୍ତୁ' ଶବ୍ଦର ଅନ୍ତର୍ନିହିତ ନିରବ ଦୁଃଖକୁ ଶୁଣି ପାରିବା। ଯଦି ଠିକ୍ ସମୟରେ ଧ୍ୟାନ ନ ଦିଆଯାଏ, ମନର ଏହି ଅଦୃଶ୍ୟ ଯନ୍ତ୍ରଣା ବିପଦ ସୂଚକ ବନିଯାଇ ପାରେ। ଫଳତଃ ସୌମ୍ୟାଶ୍ରୀଙ୍କ ପରି ସୃଷ୍ଟିର ସୁନ୍ଦର ଦରଫୁଟା କଳିକାମାନେ ଫୁଟିବା ଆଗରୁ ଝରି ପଡ଼ିବେ।

ଅତଏବ, ଯେତେବେଳେ କାହାରି ପାଖରୁ ଶୁଣିବେ- ସବୁ ଠିକ୍ ଚାଲିଛି, କିନ୍ତୁ..., ସେତେବେଳେ ତାଙ୍କ ସହ କିଛି ସମୟ ବିତାନ୍ତୁ, ଅନୁଭବ କରନ୍ତୁ ଓ ତାଙ୍କ କଥା ଟିକିଏ ଶୁଣନ୍ତୁ, କାହିଁକି ନା ବାକ୍ୟଟି ତ ଠିକ୍ ଅଛି, ମାତ୍ର ବୁଝି ହେଉ ନଥିବା ଅର୍ଥଟି ମଧ୍ୟ ସେଇଠି ଲୁଚିଛି। ଆମେ ଯେତେବେଳେ ଏକ ବିକାଶର ଜଳଛବିକୁ ଅଭ୍ୟନ୍ତରରୁ ଦେଖୁଛୁ, ସେତେବେଳକୁ ଗଭୀର ଅସନ୍ତୋଷ ଓ ଅସମତୁଲ ଚିତ୍ର ପ୍ରକାଶ ପାଉଛି। ଅନେକ ଗ୍ରାମ ଆଜି ମଧ୍ୟ ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାର ଅଭାବରେ ସଢ଼ୁଛନ୍ତି। ବୃଦ୍ଧ ଓ ଅସହାୟ ଲୋକେ ଭତ୍ତା ଅପେକ୍ଷାରେ ଅଛନ୍ତି। ଯୁବ ସମାଜ ଚାକିରି ନ ପାଇ ସହରରେ କୁଲିଗିରି ଓ ଅନ୍ୟ ରାଜ୍ୟରେ ଦାଦନ ଖଟୁଛନ୍ତି।

ଦେଶର ମାନସିକ ଅବସ୍ଥା ଆଜି ବହୁତ ଅସ୍ଥିର ଓ ଅସୁସ୍ଥ। ଅସହିଷ୍ଣୁତା, ସାମ୍ପ୍ରଦାୟିକ ବିବାଦ ଓ ସାମାଜିକ ତତ୍ତ୍ୱର ଅନୁଚିତ ବ୍ୟାଖ୍ୟା ଆମ ସମାଜକୁ ଭାଗ ଭାଗ କରି ଚାଲିଛି। ବିଦେଶରେ ଯେଉଁଠି ଆମେ ମାନ୍ୟତା ଚାହୁଁଛୁ, ସେଠାରେ ଆମ ଲୋକଙ୍କୁ ବିତାଡ଼ିତ କରାଯାଉଛି। ମାନବିକ ଅଧିକାର ଉଲ୍ଲଙ୍ଘନ ହେଉଛି। ଏସବୁ ଦେଖିଲେ ପ୍ରଶ୍ନ ଉଠେ, ଯଦି ସବୁଠି ଠିକ୍‌ଠାକ୍ ଅଛି, ତେବେ ଏତେ ଅସନ୍ତୋଷ କାହିଁକି ?

ଆଜି ଦେଶର ମହିଳା ଅସୁରକ୍ଷିତ। ଆଇନ ଅଛି, କିନ୍ତୁ ନ୍ୟାୟ ନାହିଁ କି ଶୃଙ୍ଖଳା ନାହିଁ। ଧାର୍ମିକ ସମାବେଶ ବଢ଼ୁଛି, ହେଲେ ପ୍ରତି ମୁହୂର୍ତ୍ତରେ ଅଧର୍ମର ଉତ୍ପାତ ବି ବଢ଼ୁଛି। ତେବେ ଆମେ କେଉଁ ପ୍ରକାରର ଠିକ୍ ବ୍ୟବସ୍ଥା ଅଛି ବୋଲି ଗର୍ବ କରି ପାରିବା ? ଏହି ବ୍ୟବସ୍ଥା ତ କେବଳ ପ୍ରଭାବଶାଳୀ ଓ କ୍ଷମତାଧାରୀଙ୍କ ସ୍ୱାର୍ଥ ପାଇଁ ବ୍ୟବହୃତ ହେଉଛି, ଦୁର୍ବଳଙ୍କ ସୁରକ୍ଷା ବା ଉତ୍ଥାନ ସକାଶେ ନୁହେଁ ! ଧରନ୍ତୁ, ଯଦି ନାରୀ ଅସୁରକ୍ଷିତ ବୋଲି ମାନିବା, ତେବେ ଏକ ସମାଜ ତା'ର ଅର୍ଦ୍ଧାଙ୍ଗଙ୍କୁ ବଞ୍ଚିତ କରୁଛି ବୋଲି ବୁଝିବା। ଏହି ବଞ୍ଚିତକରଣ କେବଳ ଶାରୀରିକ ନୁହେଁ, ବେକାରୀ, ଅଶିକ୍ଷା, ଅପମାନ ଓ ଭୟର ବାତାବରଣକୁ ମଧ୍ୟ ସୂଚାଉଛି। ନାରୀ ପାଇଁ ଆଜି ଘର, ବାହାର, ଦେବାଳୟ, ବିଦ୍ୟାଳୟ, କାର୍ଯ୍ୟାଳୟ କେଉଁଠି ହେଲେ ନଜର ଏଡ଼ିଯାଉ ନାହିଁ, ଯେଉଁଠି ସେ ସେକେଣ୍ଡ ଜେଣ୍ଡର ଭାବେ ଅପମାନର ଶିକାର ହେଉନାହିଁ। ଏହି ବେଦନାକ୍ତ ଅନୁଭବକୁ ପରଖିବା ପାଇଁ କେବଳ ଆଖି ନୁହେଁ, ହୃଦୟ ଦରକାର।

ଏହି ପରିପ୍ରେକ୍ଷୀରେ ବୁଝିବାକୁ ହେବ ଯେ ଆଇନ ଓ ଆଇନ ଶୃଙ୍ଖଳା କେବଳ ସମ୍ବିଧାନ, ଅନୁଚ୍ଛେଦ ଓ ଧାରା ନୁହେଁ। ସେଗୁଡ଼ିକ ଜୀବନକୁ ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ




ନିଶ୍ଚୟ, କିନ୍ତୁ ଯଦି ତାହା କେବଳ ଅମୁକ ଶ୍ରେଣୀଙ୍କ ପାଇଁ କାମ କରେ ଏବଂ ତାହା ପ୍ରତି ଜନସାଧାରଣ ଆଶା ରଖି ନିରାଶ ହୁଅନ୍ତି, ତେବେ ଏହା ଏକ ଫମ୍ପା ବ୍ୟବସ୍ଥା। ଗରିବ, ଅସହାୟ ଓ ଦୁର୍ବଳ ଲୋକମାନେ ଏହି ଅନ୍ୟାୟ ବ୍ୟବସ୍ଥାର ଶିକାର ନା ଧାରକ ? କାହାକୁ ମିଳୁଛି ଏହାର ସୁଫଳ ? ପ୍ରଭାବଶାଳୀ, ନିୟନ୍ତ୍ରଣକାରୀ ଓ ଧନୀକ ଶ୍ରେଣୀ ଆଇନକୁ ଅନୁସରଣ କରୁ ନାହାନ୍ତି, ବରଂ ଆଇନକୁ ଆପଣା ସ୍ୱାର୍ଥ ନିମନ୍ତେ କିଣାବିକା କରି ଚାଲିଛନ୍ତି। ଏହି ବ୍ୟବସ୍ଥା ନୂଆ ନୁହେଁ, ବରଂ ଚିରାଚରିତ। ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଦେଖିଲେ ଏହି ଅନ୍ୟାୟ ଏବଂ ଅସମାନତା ଆମ ମାନସିକ ଅବସ୍ଥାକୁ ମଧ୍ୟ କ୍ଷୟ କରୁଛି। ବ୍ୟବସ୍ଥା କିଛି ଲୋକଙ୍କୁ ସୁବିଧା ଦେଉଛି ହେଲେ ଅଧିକାଂଶ ଲୋକଙ୍କୁ ଦ୍ୱିଧାରେ ପକାଉଛି। ଜଣେ ନାରୀ ଜଣେ ପୁରୁଷଙ୍କ ସହଯାତ୍ରୀ ହେବାକୁ ଶଙ୍କା କରୁଛନ୍ତି। ଆମେ ଧର୍ମ ନାମରେ ପଡ଼ୋଶୀଙ୍କ ପ୍ରତି ଦ୍ୱେଷପୂର୍ଣ୍ଣ ଆଚରଣ କରୁଛୁ, ଅନ୍ୟାୟ ଦେଖିଲେ ଚୁପ୍ ରହୁଛୁ। ଏହା ହିଁ ମାନସିକ ଦାସତ୍ୱ।

ଯେଉଁ ଦିନ ଆମେ ଏହି ମାନସିକ ଦାସତ୍ୱର ଶୃଙ୍ଖଳକୁ ଭଙ୍ଗ କରି ପାରିବୁ, ଅନ୍ୟାୟ ବ୍ୟବସ୍ଥା ଓ ଉତ୍ପୀଡ଼ନ ଉପରେ ପ୍ରଶ୍ନ ଉଠାଇ ପାରିବୁ, ସେଇ ଦିନଠାରୁ ଆପାତତଃ ଏକ ସତ୍ୟ ବ୍ୟବସ୍ଥା ଗଠନ ହେବ। ସେତେ ପର୍ଯ୍ୟନ୍ତ ନିରୀହ ଜନସାଧାରଣ ନିଜ ଦୁର୍ଲଭ ଜୀବନର ମୂଲ୍ୟ ଦେଇ ଚାଲୁଥିବେ, ଫଳ ଅନ୍ୟମାନେ ଭୋଗ କରୁଥିବେ ଏବଂ ବ୍ୟବସ୍ଥା କେବଳ ଆଖିରେ କଳାପଟି ବାନ୍ଧି କୃତ୍ରିମ ଅନ୍ଧକାରରେ ବଞ୍ଚି ରହି କହୁଥିବ- ମୁଁ ଭାବୁଛି, ମୁଁ ଅଛି। ଦୁର୍ଗୁଣରୁ ଦୁର୍ଗୁଣ ଉତ୍ପନ୍ନ ହୁଏ, ମାତ୍ର ସୁଗୁଣରୁ ବି ଦୁର୍ଗୁଣ ଉତ୍ପନ୍ନ ହୁଏ- ତାହା ହେଉଛି ଅଭିମାନ। ଏ ଅଭିମାନ ବିଦ୍ୟାରୁ, ଧନରୁ, କ୍ଷମତାରୁ, ପଦବୀରୁ, ଅତିଶୟ ଭୋଗ ବିଳାସରୁ ସୃଷ୍ଟି ହୁଏ। ସୁଗୁଣସମ୍ପନ୍ନ ବ୍ୟକ୍ତିମାନଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ଥିବା ଯାଏଁ ବୁଝିବାକୁ ହେବ ସବୁ ଠିକ୍ ଚାଲିଛି, କିନ୍ତୁ ଏମାନେ ଯଦି ଅଭିମାନର ବଶବର୍ତ୍ତୀ ହୁଅନ୍ତି, ତେବେ କାହାକୁ କହିବା, କପାଳରେ ସିନା କର ମାରିବା।■

ମିର୍ଜା ପୋଖରୀ, ବାଲେଶ୍ୱର
ମୋ: ୭୮୧୫୦୪୭୧୬୭

# ଚାରି ଶ୍ରେଣୀର ମଣିଷ

ପରମାତ୍ମାଙ୍କ କୃପାରୁ ଆମକୁ ମଣିଷର ଶରୀର ମିଳିଛି। ଆମ ଅଧିକାଂଶଙ୍କର ହାତ, ଗୋଡ଼, ଆଖି, ପାଟି ଭଳି ଅଙ୍ଗପ୍ରତ୍ୟଙ୍ଗ ସଂଖ୍ୟା ଓ ପ୍ରକାର ପ୍ରାୟତଃ ସମାନ। ଅନ୍ୟ ଜୀବଙ୍କ ତୁଳନାରେ ମଣିଷର ଗଢ଼ଣ ସ୍ୱତନ୍ତ୍ର। ହେଲେ ମଧ୍ୟ ମଣିଷର ଗୁଣରେ ରହିଛି ତାରତମ୍ୟ। ଏହି ଗୁଣକୁ ଦୃଷ୍ଟିରେ ରଖି ମଣିଷକୁ ଚାରି ଶ୍ରେଣୀରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା- ପାମର, ବିଷୟୀ, ସାଧକ ଏବଂ ସିଦ୍ଧ।

ପାମର- ଆମରି ଭିତରେ କିଛି ମଣିଷ କେବଳ ଭୋଗବାଦକୁ ଗୁରୁତ୍ୱ ଦେଇ ଥାଆନ୍ତି। ଶାରୀରିକ କ୍ଷୁଧା ତଥା ଇନ୍ଦ୍ରିୟଜନିତ ପିପାସା ମେଣ୍ଟାଇବାକୁ ସେମାନଙ୍କର ଆପ୍ରାଣ ଉଦ୍ୟମ ଜାରି ରଖି ଥାଆନ୍ତି। ଯେପରି ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଆଦି ତନ୍ମାତ୍ରାକୁ ତୃପ୍ତ କରିବା ପାଇଁ ସର୍ବଦା ଚେଷ୍ଟା ଚଳାଇ ଥାଆନ୍ତି। ଏମାନେ ସର୍ବଦା କାମ, କ୍ରୋଧ, ଲୋଭ ଭଳି ତମୋଗୁଣପ୍ରଧାନ ଆସୁରୀ ପ୍ରବୃତ୍ତିରେ ବୁଡ଼ି ରହି ଥାଆନ୍ତି। ଏମାନଙ୍କୁ ଶାସ୍ତ୍ରରେ ପାମର ବୋଲି କୁହାଯାଇଛି।

ବିଷୟୀ- ଭୋଗବାଦକୁ ଆପଣେଇ ନେଉଥିବା ଲୋକଙ୍କ ଭିତରେ କିଛି ଭିନ୍ନ ମଣିଷ ବି ଅଛନ୍ତି। ସେମାନେ ଭୋଗକୁ ଏତେଟା ଗୁରୁତ୍ୱ ଦେଇ ନଥାନ୍ତି। ଭୋଗକୁ ଜୀବନର ଶ୍ରେଷ୍ଠ ଓ ଶେଷ ବିକଳ୍ପ ବୋଲି ଚିନ୍ତା କରି ନଥାନ୍ତି। ଏମାନଙ୍କ ଭିତରେ ଥାଏ ବିବେକ। ଦାନ, ତୀର୍ଥ, ବ୍ରତ, ଉପାସନା, ପ୍ରାର୍ଥନା ଆଦି ଦିଗରେ ମଧ୍ୟ ଏହି ଶ୍ରେଣୀର ମଣିଷଙ୍କ ଆଗ୍ରହ ଥାଏ। ଯଦିଓ ଏମାନେ ପୂଜାପାଠ କରି ଥାଆନ୍ତି, ତଥାପି ତା'ରି ଭିତରେ ବି ସୁଖରେ ରହିବାକୁ ଈଶ୍ୱରଙ୍କୁ ପ୍ରାର୍ଥନା କରି ଥାଆନ୍ତି। ସେ ସୁଖ ଟିକକ ପୁଣି ଭୋଗବାଦକୁ ନେଇ। ଏମାନଙ୍କୁ ଶାସ୍ତ୍ର ବିଷୟୀ ବୋଲି କହିଛନ୍ତି। ବିଷୟୀମାନେ ପାମରମାନଙ୍କଠାରୁ ଉନ୍ନତ।

ସାଧକ- ସଂସାର ଭିତରେ ଥିବା ଅନ୍ୟ ଏକ ପ୍ରକାର ମଣିଷ, ଯେଉଁମାନେ ଭୋଗ କଲା ଭଳି ଲାଗୁଥିଲେ ହେଁ ସେମାନେ ଏଥିରେ ବୁଡ଼ି ରହି ନଥାନ୍ତି। ସଂସାର ରୂପକ ପଦ୍ମ ପତ୍ରରେ ସାଧକମାନେ ଜଳ ଭଳି ଥାଆନ୍ତି। ଏମାନେ ଭୋଜନ କରି ଥାଆନ୍ତି। ମାତ୍ର ସ୍ୱାଦକୁ ଗୁରୁତ୍ୱ ଦେଇ ନଥାନ୍ତି। କେବଳ ଶରୀର ରକ୍ଷା ଓ ସାଧନ ନିମିତ୍ତ ଏମାନଙ୍କର ଚଳଣି। ବିଷୟୀମାନେ ଧନ, ସମ୍ମାନ, ପ୍ରତିଷ୍ଠା ଇତ୍ୟାଦି ପଛରେ ପଡ଼ିଥିଲା ବେଳେ ସାଧକମାନଙ୍କ ସେ ଆଶା ମଧ୍ୟ ନଥାଏ। ସେମାନଙ୍କର ଏକ ମାତ୍ର ଆଶା, ଭରସା, ଲକ୍ଷ୍ୟ ହେଉଛନ୍ତି ପରମାତ୍ମା।

ସିଦ୍ଧ- ଏମାନେ ସ୍ୱତନ୍ତ୍ର। ସବୁଥିରେ ଥାଇ କେଉଁଥିରେ ନଥିଲା ଭଳି। ଏମାନେ ଈଶ୍ୱର ପ୍ରାପ୍ତି କରି ଥାଆନ୍ତି। ପ୍ରତିଟି ସ୍ଥିତିରେ ପରମ ଆନନ୍ଦ ଲାଭ କରି ଥାଆନ୍ତି। ସିଦ୍ଧମାନେ ସର୍ବଦା ନିଜ ଭିତରେ ବୁଡ଼ି ରହିଥାନ୍ତି। ବାହାରର କୌଣସି କୋଳାହଳ ଏମାନଙ୍କୁ ପ୍ରଭାବିତ କରିପାରି ନଥାଏ। ନିରବ ରହିବା ଏମାନଙ୍କ ସ୍ୱଭାବ। ଏମାନଙ୍କ ଦର୍ଶନ କଲେ ମଧ୍ୟ ଅଶେଷ ଆନନ୍ଦ ମିଳିଥାଏ।■

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ଶ୍ରୀ ପଲିଟେକ୍ନିକ୍‌ରେ ବନ୍ୟଜନ୍ତୁ ସଂରକ୍ଷଣ ସଚେତନତା ଅଭିଯାନ

# 'ପରିବେଶ ସନ୍ତୁଳନରେ ବନ୍ୟଜନ୍ତୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଓଡ଼ଗାଁ,୨୪।୧୧/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ପଞ୍ଚାୟତ ମକରପଦା ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀ ପଲିଟେକନିକ୍ ଓ ଏଭର୍ ଗ୍ରୀନ ଫୋରମର ମିଳିତ ଆନୁକୁଲ୍ୟରେ ଶନିବାର ବନ୍ୟଜନ୍ତୁ ସଂରକ୍ଷଣ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ପଲିଟେକନିକ୍ ର ଅଧ୍ୟକ୍ଷ ଡ଼. ଶ୍ରୀନିବାସ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ବ୍ୟାଘ୍ର ପ୍ରକଳ୍ପର ପୂର୍ବତନ ମୁଖ୍ୟ ଡ଼. ଅନୁପ କୁମାର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହିତ ହାତୀ, ବାଘ, ସାପ, ରାମ କଙ୍କଡା,ସାମୁଦ୍ରିକ କଇଁଛ, କୁମ୍ଭୀର, ଗୋଧି ଆଦି ବନ୍ୟଜନ୍ତୁଙ୍କ ସୁରକ୍ଷା ସମ୍ପର୍କେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅରୁଣାଚଳ ପ୍ରଦେଶ, ମିଜୋରାମ ଓ ଆଣ୍ଡାମାନର ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଅଶୋକ କୁମାର ବିଶ୍ୱାଳ ଯୋଗଦେଇ ପରିବେଶ ସନ୍ତୁଳନରେ ବନ୍ୟଜନ୍ତୁଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ଏସଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଓଡ଼ଗାଁ ରେଞ୍ଜର ଅଭିମନ୍ୟୁ ମଲ୍ଲିକ, ରଙ୍ଗଣିପାଟଣା ସରପଞ୍ଚ ସସ୍ମିତା ପାତ୍ର ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଫୋରମର ପ୍ରତିଷ୍ଠାତା ଡ.ପ୍ରକାଶ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇ ଥିବାବେଳେ ଲୋକ ସମ୍ପର୍କ ଅଧିକାରୀ ଗୋଲକ ବିହାରୀ ଜେନା ଧନ୍ୟବାଦ୍ ପ୍ରଦାନ କରିଥିଲେ।ଏହି ଉପଲକ୍ଷେ ଏକ ବନ୍ୟପ୍ରାଣୀ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିବାବେଳେ ଶ୍ରୀ ପଲିଟେକନିକର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।




## ହିନ୍ଦୀ ଆଭାସୀ ଗଳ୍ପ ସଂକଳନ 'ଆଁସୁ' ଲୋକାର୍ପିତ

**ନୟାଗଡ଼,୨୪।୧୧/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲାର ସାରସ୍ୱତ ସାଧକ, କବି, ପ୍ରାବନ୍ଧିକ, ଗାଳ୍ପିକ, ଉପନ୍ୟାସକାର, ନାଟ୍ୟକାର ତଥା ଲେଖକ ଡ. ସୁରେଶ ଚନ୍ଦ୍ର ବରାଡ଼ଙ୍କ ହିନ୍ଦୀ ଆଭାସୀ ଗଳ୍ପ ସଂକଳନ 'ଆଁସୁ' ଲୋକାର୍ପିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଆୟୋଜିତ ଚଳିତ ମାସ ୧୧ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲରେ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ, ଆଗ୍ରା ତଥା ଭୁବନେଶ୍ୱର କ୍ଷେତ୍ରୀୟ ଶାଖା ଆନୁକୁଲ୍ୟରେ ଚାଲିଥିବା ହିନ୍ଦୀ ଶିକ୍ଷକ ନବୀକରଣ ପାଠ୍ୟକ୍ରମ ଶିବିରରେ ଗତକାଲି ମଧ୍ୟାହ୍ନ ବିରତି କାଳରେ ଉକ୍ତ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନର ଭୁବନେଶ୍ୱର କେନ୍ଦ୍ରର ନିର୍ଦ୍ଦେଶକ ତଥା ବୈଜ୍ଞାନିକ ଡ. ରଞ୍ଜନ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଦାୟିତ୍ୱ ତୁଲାଇଥିଲେ ହିନ୍ଦୀ ଭାଷା ସାହିତ୍ୟର ବିଦ୍ୱାନ ପ୍ରଫେସର ଚନ୍ଦ୍ର ପ୍ରତାପ ସିଂହ। ମୁଖ୍ୟଅତିଥି ରୂପେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ଦାଶ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ସମ୍ବର୍ଦ୍ଧନା ସାହିତ୍ୟ ପରିବାରର ସଭାପତି କବି କୁସୁମ ନିରାକାର ସ୍ୱାଇଁ। ମଞ୍ଚ ପରିଚାଳନା କରିଥିଲେ ନାଟ୍ୟକାର କବି ଶରତ ଚନ୍ଦ୍ର ଆଚାର୍ଯ୍ୟ। ସଭାପତି ଡ.ରଞ୍ଜନ କୁମାର ଦାସ ତାଙ୍କ ଭାଷଣରେ ବର୍ତ୍ତମାନର ସମୟରେ ଦୀର୍ଘ ଗଳ୍ପ ଅପେକ୍ଷା କ୍ଷୁଦ୍ର ଓ ଆଭାସୀ ଗଳ୍ପର ପାଠକୀୟତା ଅଧିକ। ଏହି ସଂକଳନର ପ୍ରତ୍ୟେକ ଗଳ୍ପ ଜୀବନର ସଂବେଦନା ଆଧାରିତ ହୋଇଥିବାରୁ ଏହା ପାଠକ ମାନଙ୍କ ପାଇଁ ଉପଯୋଗୀ ହେବ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ପ୍ରଫେସର ଡ. ସିଂହ ଗଳ୍ପ ଗୁଡ଼ିକ ଶିକ୍ଷଣୀୟ, ତଥ୍ୟ ଭିତ୍ତିକ ଏବଂ ଜୀବନର ବିଭିନ୍ନ ଅନୁଭବର ପ୍ରତିନିଧିତ୍ୱ କରୁଥିବାରୁ ପୁସ୍ତକଟି ପାଠକୀୟ ଆଦୃତି ପାଇବ ବୋଲି ମତ ରଖିଥିଲେ।

## ବଦଳି ପରେ ବି ଅଧିକାରୀ ଛାଡ଼ିଲେନି କୋଣାର୍କ ୱାଟ୍‌କୋ ସେକ୍ସନ୍

# ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କଟାଗଲା କାର୍ଯ୍ୟାଳୟ ତାଲା



**କୋଣାର୍କ,୨୪।୧୧/ଏନ୍‌ଏନ୍‌ଏସ୍:** କୋଣାର୍କ ୱାଟ୍‌କୋ ସେକ୍ସନ୍‌ର ଅଧିକାରୀ ସହାୟକ ପରିଚାଳକ ଯନ୍ତ୍ରୀ ନିଜର ବଦଳି ସତ୍ତ୍ୱେ ଦୀର୍ଘଦିନ ହେବ ନିଜ କାର୍ଯ୍ୟାଳୟକୁ ନ ଛାଡି ତାଲା ପକାଇ ନିଜ ଅଧୀନରେ ରଖିଥିଲେ। ବାରମ୍ବାର ଦାୟିତ୍ୱ ହସ୍ତାନ୍ତର କରିବା ସହ କାର୍ଯ୍ୟାଳୟର ସମସ୍ତ ଷ୍ଟକ୍‌କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଥିଲେ ମଧ ସେ ହସ୍ତାନ୍ତର କରୁନଥିଲେ। ଫଳରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ଦିତ୍ୱ ହସ୍ତାନ୍ତର କରାଯାଇଥିଲା। ସୂଚନାଥାଉ କି କୋଣାର୍କ ୱାଟକୋ ସେକ୍ସନରେ ଦୀର୍ଘ ଦିନ ହେଲା ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟ ଅଧିକାରୀଙ୍କ ସହ ଉଚ୍ଚ ଅଧିକାରୀଙ୍କ ମତାନ୍ତରକୁ ନେଇ ହଟଚମଟ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ କୋଣାର୍କ ସେକ୍ସନର ଦାୟିତ୍ୱରେ ଥିବା ସହକାରୀ ପରିଚାଳକ ଯନ୍ତ୍ରୀ ଦୀପ୍ତିରଞ୍ଜନ ପାତ୍ରଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ତାଙ୍କ ନାମରେ ବିଭିନ୍ନ ସମୟରେ ଅନେକ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ତାଙ୍କୁ ଗତ ମାର୍ଚ୍ଚ ମାସରେ କଟକ ସ୍ଥିତ ମୁଣ୍ଡଳି ସେକ୍ସନକୁ ବଦଳି କରାଯାଇଥିଲା। କିନ୍ତୁ ସହାୟକ ଯନ୍ତ୍ରୀ ଶ୍ରୀ ପାତ୍ର ବିଭିନ୍ନ ଉପାୟ ଅବଲମ୍ବନ କରି ପୁଣି କିଛି ମାସ ସମୟ ନେଇ କୋଣାର୍କ କାର୍ଯ୍ୟାଳୟରେ ରହିଥିଲେ। ମାତ୍ର ପୁନଃ କୋଣାର୍କ ସେକ୍ସନ ଅଧିନ ବିଭିନ୍ନ ଅଞ୍ଚଳରେ ସଠିକ୍ ଭାବେ ଲୋକଙ୍କୁ ସେବା ପ୍ରଦାନ କରିବାରେ ଅବହେଳାକରିବା, ସ୍ୱଚ୍ଛ ପାନୀୟ ଜଳ ଯୋଗାଣରେ ବିଫଳତା ସହ ନିଜ କର୍ମଚାରୀଙ୍କ ସହ ମତାନ୍ତରକୁ ନେଇ ଉଚ୍ଚାଧିକାରୀ ତାଙ୍କୁ ଚଳିତ ମାସ ୩ ତାରିଖରୁ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୁଇ ସପ୍ତାହ ବିତିଯାଇଥିଲେ ବି ଶ୍ରୀ ପାତ୍ର ନୂତନ ଭାବେ ବଦଳି ହୋଇ କାର୍ଯ୍ୟରେ ଯୋଗଦେଇଥିବା କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ପଟ୍ଟନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିନଥିଲେ। ଫଳରେ ଆଗାମୀ କୋଣାର୍କ ଉତ୍ସବ ଓ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବକୁ ନେଇ କାର୍ଯ୍ୟ କରିବାରେ ସମସ୍ୟା ଉପୁଜିଥିଲା। ଯାହାକୁ ନେଇ ବାଧ ହୋଇ ପୁରୀ ଜିଲ୍ଲା ୱାଟ୍‌କୋ ସାଧାରଣ ପରିଚାଳକ ବିକ୍ରମ ରାଉତ ଏ ନେଇ କୋଣାର୍କ ପୁଲିସ୍ ଓ ଗୋପ ତହସିଲଦାରଙ୍କୁ ପତ୍ର ଦ୍ୱାରା ଅବଗତ କରାଇଥିଲେ। ଚିଠି ପାଇବା ମାତ୍ରେ କୋଣାର୍କ ଉତ୍ସବ, ବାଲୁକା କଳା ଉତ୍ସବ, ସୁଭଦ୍ରା ଶକ୍ତିମେଳା ପରିଚାଳନାକୁ ନଜରରେ ରଖି ଗୋପ ମାଜିଷ୍ଟ୍ରେଟ୍ ସୂର୍ଯ୍ୟଶଙ୍କର ଦାଶଙ୍କ ସମେତ ୱାଟକୋ ନିମାପଡ଼ା ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା, କୋଣାର୍କ ଥାନା ଏଏସଆଇ ସ୍ୱରାଜ କେଶରୀ ସିଂ ଓ ଅନ୍ୟାନ୍ୟ କର୍ମଚାରୀ କୋଣାର୍କ କରଙ୍ଗା ରାସ୍ତାରେ ଥିବା କୋଣାର୍କ ୱାଟକୋ ସେକ୍ସନ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତ ଗୋଦାମ ଗୃହ ଓ କାର୍ଯ୍ୟାଳୟରେ ଲାଗିଥିବା ତାଲାକୁ କଟାଯାଇ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସମସ୍ତ ଆସବାବପତ୍ର ଓ ସାମଗ୍ରୀର ଚିଠା କରାଯାଇ ନୂତନ ତାଲା ପକା ଯାଇ ସମସ୍ତ ଦାୟିତ୍ୱ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରାଙ୍କ ଦ୍ୱାରା ନୂତନ କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ପଟ୍ଟନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା।

## ଦ୍ୱିତୀୟ ସ୍ମାରକୀ ଆୟାନ ମିଶ୍ର ବିଜ୍ଞାନମେଳା

**ଗରିଛକ,୨୪।୧୧/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଭେଙ୍କେଟେଶ୍ୱର ବିଦ୍ୟାଳୟ ପରିସରରେ ଦ୍ୱିତୀୟ ସ୍ମାରକୀ ଆୟାନ ମିଶ୍ର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରତିଷ୍ଠାତା ବିଷ୍ଣୁ ପ୍ରସାଦ ଦାଶ ଓ ପରିଚାଳନା ନିର୍ଦ୍ଦେଶିକା ସୁଶ୍ରୀ ଅନନ୍ୟା ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ବିଜ୍ଞାନ ମେଳାରେ ପ୍ରାୟ ଦେଢଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମେଳାରେ ନର୍ସରୀରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନେ ଚିତ୍ରକଳା ଏବଂ ତୃତୀୟ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଉଚ୍ଚମାନର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ କୁମାର ପ୍ରଧାନ, ଶିକ୍ଷାବିତ୍ ଡଃ ରବୀନ୍ଦ୍ରନାଥ ପାଢୀ, ଅବସରପ୍ରାପ୍ତ ବିଇଓ ଅନିଲ କୁମାର ବିଶ୍ୱାଳ, ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ ଅଶୋକ କୁମାର ସ୍ୱାଇଁ, ପ୍ରଭାତୀ ମହାପାତ୍ର, ନିର୍ମଳ କୁମାର ମିଶ୍ର, ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଓ ଆକର୍ଷଣୀୟ କରିଥିଲେ। ବିଦ୍ୟାଳୟର ପରିଚାଳକ ସନ୍ତୋଷ କୁମାର ପରିଡାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଡେଲାଙ୍ଗରେ ଆତ୍ମନିର୍ଭର ଅଭିଯାନ ସମାବେଶ

# ୩ ମହିଳା ଗୋଷ୍ଠୀଙ୍କୁ ମେସିନ ସହାୟତା




**ଡେଲାଙ୍ଗ,୨୪।୧୧/ଏନ୍‌ଏନ୍‌ଏସ୍:** ଗ୍ରାମାଞ୍ଚଳର ମା'ମାନେ ଆତ୍ମନିର୍ଭର ତଥା ସ୍ୱାବଲମ୍ବୀ ହୋଇପାରିଲେ, ଆତ୍ମନିର୍ଭର ଭାରତ ଗଠନ ପ୍ରୟାସ ସଫଳ ହୋଇପାରିବ ବୋଲି ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର ଗୁଆଳିପଡ଼ା ପଞ୍ଚାୟତ ଅନ୍ତର୍ଗତ ବୋଲକଣା ଗ୍ରାମରେ ଶନିବାର ଅନୁଷ୍ଠିତ ଆତ୍ମନିର୍ଭର ଭାରତ ଅଭିଯାନ ସମାବେଶରେ ଆହ୍ୱାନ ଦେଇଛନ୍ତି। ଗୁଆଳିପଦା ପଞ୍ଚାୟତର ବୋଲକଣା ଠାରେ ଆୟୋଜିତ ସମାବେଶରେ ରାଜ୍ୟ ମହିଳା ଗୋଷ୍ଠୀ ସଂଯୋଜିକା ମମତା ସାମନ୍ତରାୟ ଓ ଜୟଶ୍ରୀ ଧଳ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ନେହମୟୀ ରାଉତ, ନିର୍ବାଚନ ମଣ୍ଡଳୀ ସଂଯୋଜକ ଗଙ୍ଗାଧର ବରାଳ, ମିଟୁ ମିଶ୍ର, ଡେଲାଙ୍ଗ ବ୍ଲକ ଆତ୍ମା ସଭାପତି ଲଡୁକିଶୋର ରାୟ, ଗୁଆଳିପଡ଼ା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ସ୍ୱାଇଁ, ସଂଯୋଜିକା ଶୁଭଲକ୍ଷ୍ମୀ ସ୍ୱାଇଁ, ପୁରୀ ଜିଲ୍ଲା ବିଜେପି କାର୍ଯ୍ୟକର୍ତା ଶ୍ୱେତକୁମାର ନାୟକ, ବିଜେପି ମଣ୍ଡଳ ସଭାପତି ସୁଶାନ୍ତ ବିଶ୍ୱାଳ, ମଣ୍ଡଳର ମହିଳା ସଭାନେତ୍ରୀ ଶୁଭଶ୍ରୀ ଭୂୟାଁ, ବବଲି କୋଦମାସିଂହ, ରେଞ୍ଚ ପଞ୍ଚାୟତର ସଂଯୋଜିକା ଶାନ୍ତିଲତା ପାଢ଼ୀ, ଉଷାରାଣୀ ପାଇକରାୟ, ଆଲୋକ ଛାଟୋଇ ପ୍ରମୁଖ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପରିକଳ୍ପିତ ଆତ୍ମ ନିର୍ଭର ଭାରତ ଅଭିଯାନ ଓ ଘରେ ଘରେ ସ୍ୱଦେଶୀ, ପ୍ରତି ଘରେ ସ୍ୱଦେଶୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ କାର୍ଯ୍ୟ ଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରିୟଦର୍ଶନ ଜେନା ମଞ୍ଚ ସଂଯୋଜନା କରିଥିଲେ ରାଜ୍ୟ ସଂଯୋଜିକା ଜୟଶ୍ରୀ ଧଳ ସ୍ୱରଚିତ ସଂଗୀତ ଆବୃତ୍ତି କରି ସଚେତନତା ବାର୍ତ୍ତା ଦେଇଥିଲେ। ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ମହିଳା ଗୋଷ୍ଠୀମାନେ ଉତ୍ପାଦକ ଗୋଷ୍ଠୀ ଗଠନ କରି ଏହା ମାଧ୍ୟମରେ ଆବଶ୍ୟକୀୟ ସାମଗ୍ରୀ ପ୍ରସ୍ତୁତି ପାଇଁ ବିଧାୟକ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଉପସ୍ଥିତ ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମୀଙ୍କୁ ବିଧାୟକ ଶ୍ରୀ ପଟ୍ଟନାୟକ ସ୍ୱଦେଶୀ ସଂକଳ୍ପ ପତ୍ର ପାଠ କରାଇବା ସହ ସଂକଳ୍ପ ପତ୍ରରେ ସ୍ୱାକ୍ଷର ସଂଗ୍ରହ କରିଥିଲେ। ସମାବେଶରେ ମାଛପଡ଼ାର ମା' ମଙ୍ଗଳା ମହିଳା ଗୋଷ୍ଠୀ ଓ ବୋଲକଣାର ମହାବୀର ମହିଳା ଗୋଷ୍ଠୀଙ୍କୁ ଧୂପ କାଠି(ଅଗରବତୀ) ପ୍ରସ୍ତୁତି ମେସିନ, ଗୁଆଳିପଡ଼ାର ମା' ଦୁଲଣା ମହିଳା ଗୋଷ୍ଠୀଙ୍କୁ ଖଲି ପେପର୍ ଥାଳି, ଗିନା, କପ୍ ପ୍ରସ୍ତୁତି ମେସିନ୍ ପ୍ରଦାନ କରାଯାଇଥିଲା।

## ପରିତ୍ୟକ୍ତ ଅବସ୍ଥାରେ ଡାକ୍ତରଙ୍କ କ୍ୱାର୍ଟର୍, ତୁରନ୍ତ ନିର୍ମାଣ ଦାବି



**କଣ୍ଟିଲୋ,୨୪।୧୧/ଏନ୍‌ଏନ୍‌ଏସ୍:** ଆଜକୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ଥିବା ଡାକ୍ତରଙ୍କ କ୍ୱାର୍ଟରଟି ସମ୍ପୂର୍ଣ୍ଣ ଭଗ୍ନ ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଉକ୍ତ ଗୃହର ଚାରିପାର୍ଶ୍ୱରୁ ବିଭିନ୍ନ ପ୍ରକାର ଗଛ ଲତା ମାଡ଼ି କ୍ୱାର୍ଟରକୁ ଘୋଡ଼େଇ ଦେଇଥିବା ଏବଂ ପରିସର ମଧ୍ୟରେ ଅନାବନା ଅଦରକାରୀ ଗଛ ଉଠି ଥିବାରୁ ବିଷଧର ସାପ ମାନଙ୍କର ଚରା ଭୂମି ଓ ସ୍ଥାୟୀ ଗୃହ ପାଲଟିଛି। ଯେଉଁ କାନ୍ଥ ଅଛି ତାହା ଫାଟିକି ଆଁ କରି ରହିଛି। ସେଥିପାଇଁ ଡାକ୍ତରମାନେ ଏଠି ପୋଷ୍ଟିଂ ହେଲେ ମଧ୍ୟ ବାହାରେ ଯାଇ ରହୁଛନ୍ତି। ଦ୍ୱିତୀୟତଃ କ୍ୱାର୍ଟର ନଥିବା ଯୋଗୁଁ ଯଥାଶୀଘ୍ର କର୍ତ୍ତବ୍ୟ ସାରି ଅପରାହ୍ନ ୫ଟା ବେଳେ ପ୍ରତ୍ୟାବର୍ତ୍ତନ କରନ୍ତି। ରାତ୍ର ସମୟେ ରୋଗୀ ଆସିଲେ ବହୁ ହଇରାଣ ଓ ହନ୍ତସନ୍ତ ତଥା ଖର୍ଚ୍ଚାନ୍ତ ହୋଇ ବାହାରକୁ ଯାଇ ଚିକିତ୍ସା ହେଉଥିବା ଜଣାପଡ଼ିଛି। ତେଣୁ ଯଥାଶୀଘ୍ର କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ମଧ୍ୟରେ ନୂତନ କ୍ୱାର୍ଟର ନିର୍ମାଣ କରି ରୋଗୀମାନଙ୍କୁ ସେବା ଯୋଗାଇବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଆରାଧ୍ୟା ଏକାଡେମୀ ପକ୍ଷରୁ ଶୋକସଭା



**ଫୁଲନଖରା,୨୪।୧୧/ଏନ୍‌ଏନ୍‌ଏସ୍:** ଅଗ୍ରଣୀ ସାମାଜିକ ସଂଗଠନ ଆରାଧ୍ୟା କଲଚରାଲ ଏକାଡେମୀ ଫୁଲନଖରା ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ ଏକାଡେମୀ ସଭା ଗୃହରେ ଏକ ଶୋକସଭା ଅନୁଷ୍ଠିତ ହେବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ଆରାଧ୍ୟା କଲଚରାଲ ଏକାଡେମୀ ଅଧ୍ୟକ୍ଷ ସମାଜସେବୀ ଅଜୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶୋକସଭାରେ ଏକାଡେମୀ ନିର୍ଦ୍ଦେଶିକା ନିର୍ମଳାବାଳା ପାତ୍ର, ନୃତ୍ୟଗୁରୁ ଏମ୍ ବାପି, ବାଙ୍କା ଭାଇ, ସସ୍ମିତା ସାହୁ, ଦୀପ୍ତିମୟୀ ମୁଣ୍ଡା, ପ୍ରିୟଙ୍କା ସାହା, ଜିତେନ୍ଦ୍ର ଓଝା, ଲୋନି ମହାନ୍ତି, ବନ୍ଦିତା ପାଣି, ସୋପ୍ନାରାଣୀ ପାତ୍ର, ଝୁନା ସାହୁ ଏବଂ ଏକାଡେମୀର ବିଦ୍ୟାର୍ଥୀ ବର୍ଗ ଉପସ୍ଥିତ ଥିଲେ ।

## ୬୪ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳନ

**ପୁରୀ,୨୪।୧୧/ଏନ୍‌ଏନ୍‌ଏସ୍:** ବାଲିଗୁଆଳି ସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍‌ରେ ୬୪ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳନ କରାଯାଇଛି। ଉକ୍ତ ଦିବସ ଉପଲକ୍ଷେ ଅନୁଷ୍ଠାନ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ତନ୍ମଧ୍ୟରୁ ଅଧ୍ୟାପକ ଓ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସର ଓ ଆଖପାଖ ଅଞ୍ଚଳରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯିବା ସହିତପୁରୀ ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ମେଡିକାଲ ଅଫିସର ଡ଼ା. ବଦ୍ରୀନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ନିକଟସ୍ଥ ଅଞ୍ଚଳର ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷଣ କରିବା ସହିତ ସେମାନଙ୍କୁ ମାଗଣା ଔଷଧ ବିତରଣ କରାଯାଇଥିଲା। ଶେଷଦିନ ଏକ ଜନ ସଚେତନତା ପଦଯାତ୍ରା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର (ଡଃ.) ଅମିୟକାନ୍ତ ମିଶ୍ର, ଚେୟାରପରସନ ଅନିମା ଦାସ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ସହନିର୍ଦ୍ଦେଶକ ଡ଼ା. ଆର୍‌ଏନ୍ ତୋଷ ଙ୍କ ଦ୍ୱାରା ଉଦ୍‌ଘାଟିତ କରାଯାଇ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପୁରୀ ସ୍ଥିତ ଗୁଣ୍ଡିଚା ମନ୍ଦିରଠାରୁ ବଳଗଣ୍ଡି ଛକ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ରୋଗର ନିରାକରଣ ନିମନ୍ତେ ପ୍ରାପ୍ତ ହେଉଥିବା ଟିକା ବିଷୟରେ ସୂଚନାପଟା ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ଏହାପରେ ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା ଯେଉଁଥରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମିଶ୍ର, ଚେୟାରପସନ୍ ଅନିମା ଦାସ, ମୁଖ୍ୟଅତିଥି ଓଡିଶା ସରକାରଙ୍କ ପୂର୍ବତନ ଔଷଧ ନିୟନ୍ତ୍ରକ ଅଶୋକ କୁମାର ପାତ୍ର, ସମ୍ମାନିତ ଅତିଥି ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ଡଃ ସନ୍ତୋଷ କୁମାର ମହାପାତ୍ର, ମହାବିଦ୍ୟାଳୟର ପ୍ରଫେସର ଡଃ. ନିକୁଞ୍ଜ କିଶୋର ମିଶ୍ର, ନିର୍ଦ୍ଦେଶକ ଡଃ. ଗଣେଷ ଦାଶ ଯୋଗଦେଇଥିଲେ। ଜାତୀୟ ଫାର୍ମାସୀ ସପ୍ତାହକୁ ଅନୁଷ୍ଠାନର ଅଧ୍ୟାପିକା ସୁନୀତା ମିଶ୍ର, ବିଦ୍ୟୁସ୍ମିତା ପ୍ରଧାନ, ଅଧ୍ୟାପକ ଜଶସ୍ୱୀ ରାୟ, ବସନ୍ତ କୁମାର ବେହେରା, ଅସୀତ୍ କୁମାର ଷଡ଼ଙ୍ଗୀ, ବିଶ୍ୱଜିତ୍ ପାଇକରାୟ ଓ କଲେଜର ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।




## ତାଲୁକ୍ ଆଇନ ସେବା ସମିତି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



**ବାଣପୁର,୨୪।୧୧/ଏନ୍‌ଏନ୍‌ଏସ୍:** ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ ରାଜ୍ୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ଜିଲ୍ଲା ଓ ତାଲୁକ ସ୍ତରରେ ଆଇନ ସଚେତନତାଧର୍ମୀ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ବାଣପୁର କୋର୍ଟ ପରିସରରେ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେଓ୍ୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ୩୫ ଗୋଟି ବିଦ୍ୟାଳୟର ପାଖାପାଖି ୧୦୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଭାଗ ନେଇଥିବା ଛାତ୍ରଛାତ୍ରୀମାନେ ଆଇନ ସଚେତନତାଧର୍ମୀ ବିଭିନ୍ନ ଚିତ୍ରାଙ୍କନ କରିଥିଲେ, ଯାହାକି ସମାଜକୁ ଗୁରୁତ୍ୱପୂର୍ଣ ବାର୍ତ୍ତା ପ୍ରଦାନ କରୁଛି। ସଭାଶେଷରେ ବିଚାରପତି ଶ୍ରୀ ମହାପାତ୍ର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଶ୍ଚିତ ଉପହାର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଣପୁର କୋର୍ଟର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ହର୍ଷର ସହ ଉକ୍ତ ପ୍ରତିଯୋଗିତାରେ ଭାଗ ନେଇଥିଲେ ଏବଂ ଅଭିଭାବକମାନେ ମଧ ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିବା ସହ ତାଲୁକ ଆଇନ ସେବା ସମିତି ଦ୍ୱାରା ଆୟୋଜିତ ଉକ୍ତ ପ୍ରତିଭା ବିକାଶ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## ରାଜଯୋଗିନୀ କମଲେଶଜୀଙ୍କ ବିୟୋଗରେ ଶୋକ

**ଫୁଲନଖରା,୨୪।୧୧/ଏନ୍‌ଏନ୍‌ଏସ୍:** ସୁଦୀର୍ଘ ୫୫ ବର୍ଷ ଓଡ଼ିଶାରେ ରହି ଆଧ୍ୟାତ୍ମିକ ଓ ନୈତିକ ଜ୍ଞାନର ବୀଜ ଉଡ଼ାଇଥିବା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରବକ୍ତା ରାଜଯୋଗିନୀ କମଲେଶ ଦିଦିଜୀଙ୍କ ମହାପ୍ରୟାଣରେ ଶ୍ରଦ୍ଧାଳୁ ଓ ଅନୁଗାମୀଙ୍କ ମଧ୍ୟରେ ଶୋକପ୍ରକାଶ ପାଇଛି। ବସନ୍ତକୁମାର ବିଶ୍ୱାଳ, ଚିତ୍ତରଞ୍ଜନ ସାହୁ, କେଦାରନାଥ ଜେନା, ସୁପ୍ରଭା ପାତ୍ର, ବିଷ୍ଣୁ ଦାସ, ଅଶ୍ୱିନୀ ମହାପାତ୍ର, ଅଜୟ ପତି, ଡଃ.କୁମାର ଦେବଦତ୍ତ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରି ତାଙ୍କ ଅବର୍ତ୍ତମାନରେ ବ୍ରହ୍ମାକୁମାରୀଙ୍କ ମଧ୍ୟରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି କହିଛନ୍ତି।

# ପ୍ରାଣନାଥ ମହାବିଦ୍ୟାଳୟରେ ଏନ୍‌ସିସି ଦିବସ



**ଖୋର୍ଦ୍ଧା,୨୪।୧୧/ଏନ୍‌ଏନ୍‌ଏସ୍:** ଭାରତବର୍ଷର ଅବସ୍ଥିତି ଓ ସାଂପ୍ରତିକ ପରିସ୍ଥିତି ଦୃଷ୍ଟିରୁ ଏନ୍‌ସିସି ଶିକ୍ଷାର ଗୁରୁତ୍ୱ ବେଶି ବୋଲି ୭୭ତମ ଏନ୍‌ସିସି ଦିବସରେ ମୁଖ୍ୟଅତିଥି ଭାବେ କମାଣ୍ଡାଣ୍ଟ ବସନ୍ତ କୁମାର ନାୟକ ଯୋଗଦେଇ କହିଛନ୍ତି। ଏହି ଅବସରରେ ସେ ପ୍ରାଣନାଥ କଲେଜର ଏନ୍‌ସିସି ଛାତ୍ରଛାତ୍ରୀ, ଗାନ୍ଧୀ ଇଂଜିନିୟରିଂ କଲେଜର ଏନ୍‌ସିସି ଛାତ୍ରଛାତ୍ରୀ ଓ ବକ୍ସି ଜଗବନ୍ଧୁ ଉଚ୍ଚବିଦ୍ୟାଳୟର ଏନ୍‌ସିସି ଛାତ୍ରଛାତ୍ରୀ ମାନଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟତମ ଅତିଥି ଭାବେ କଲେଜ ପରିଚାଳନା ସମିତିର ସଭାପତି ତଥା ପ୍ରାକ୍ତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଯୋଗଦେଇଥିଲେ। କଲେଜର ଅଧ୍ୟକ୍ଷା ଡକ୍ଟର ବିଦୁଶ୍ରୀ ମିଶ୍ର ତାଙ୍କର ସ୍ୱାଗତ ଭାଷଣ ଦେଇଥିଲା ବେଳେ ପ୍ରାଣନାଥ କଲେଜର ଆଲୁମ୍ନୀ ସଭାପତି ତଥା ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ଦେବପ୍ରସାଦ ମଜୁମଦାର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାକ୍ତନ ଏନ୍‌ସିସି ଛାତ୍ର ଡ. ଶମ୍ଭୁଦତ୍ତ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ତାଙ୍କ ସୁପୁତ୍ରୀଙ୍କ ଦ୍ୱାରା ଏକ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ପ୍ରାକ୍ତନ ଏନ୍‌ସିସି ଛାତ୍ରୀ ପ୍ରୀତି ମହାପାତ୍ର ସୁଦୂର ବାଙ୍ଗାଲୋରରୁ ଆସି ରାମାୟଣର ଧୀବର ପ୍ରସଙ୍ଗ ଉପରେ ନୃତ୍ୟ ସମସ୍ତଙ୍କୁ ଆମୋଦିତ କରିଥିଲା। ଆଲୁମ୍ନୀ କବିରାଜ ପ୍ରଧାନ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ପାଇକ ନୃତ୍ୟ ତଥା ଖେଳ ସମସ୍ତଙ୍କୁ ବାନ୍ଧି ରଖିଥିଲା। ଦିବଂଗତ ଏନ୍‌ସିସିର ଜୁନିୟର ଅଫିସର ସାଗର ପ୍ରସାଦଙ୍କ ନାମରେ ୨୦୦୮ ମସିହାରୁ ଦିଆଯାଉଥିବା 'ସାଗର ମେମୋରିଆଲ ଟ୍ରଫି' ପରେଡ୍ ପରିଚାଳନା କରୁଥିବା ଶ୍ରୀ ଡାଟଲା ଚୈତନକୁ ସାଗର ପ୍ରସାଦଙ୍କ ପିତା ଉମାଶଙ୍କର ପ୍ରସାଦ ଓ ମାତା ଗାୟତ୍ରୀ ପ୍ରସାଦ ପ୍ରଦାନ କରିଥିଲେ। ବିଶିଷ୍ଟ ପ୍ରାକ୍ତନ ଛାତ୍ର ତଥା ପୁଲିସ ଟ୍ରେନିଂ କଲେଜର ଅଧ୍ୟକ୍ଷ ଅରବିନ୍ଦ ନାଥ ମିତ୍ର, ଆଲୁମ୍ନୀ ସଭାପତି ପ୍ରାକ୍ତନ ଏସ୍. ପି ଦେବପ୍ରସାଦ ମଜୁମଦାରଙ୍କୁ ଅଧ୍ୟକ୍ଷ ଅଧ୍ୟକ୍ଷା ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ବିଭାଗରେ ନିଜର ଦକ୍ଷତା ପ୍ରଦର୍ଶିତ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ଭଗବାନ ଖୁଣ୍ଟିଆ ଓ ସ୍ୱାତୀ ମୁର୍ମୁ ପରିଚାଳନା କରିଥିଲେ।

# ବାଲୁଗାଁରୁ ବାଣପୁର ବିଶାଳ ଏକତା ପଦଯାତ୍ରା



**ଖୋର୍ଦ୍ଧା,୨୪।୧୧/ଏନ୍‌ଏନ୍‌ଏସ୍:** ବ୍ରିଟିଶ ଶାସନ ସମୟରେ ସେମାନଙ୍କୁ ଚକ୍ରାନ୍ତ ଦ୍ୱାରା ଭାରତ ବିଖଣ୍ଡିତ ହୋଇଥିଲା। ଏହି ସମୟରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବଳିଷ୍ଠ ତ୍ୟାଗ ଓ ନେତୃତ୍ୱ ବଳରେ ବିଖଣ୍ଡିତ ଭାରତକୁ ଅଖଣ୍ଡ ଭାରତ ନିର୍ମାଣ କରି ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ଅକ୍ଷୁର୍ଣ୍ଣ ରଖିବାରେ ତାଙ୍କର ଯେଉଁ ଅତୁଳନୀୟ ଅବଦାନ ତାଙ୍କୁ ଚିରସ୍ମରଣୀୟ କରି ରଖିବ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବାଲୁଗାଁ ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟ ପରିସରରୁ ବାଣପୁର ଶିଶୁ ମନ୍ଦିର ପର୍ଯ୍ୟନ୍ତ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଏକତା ପଦଯାତ୍ରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ରାଲିରେ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଭାରତ ମାତାର ଜୟ ଧ୍ୱନି, ବନ୍ଦେ ମାତରଂ ସ୍ଲୋଗାନ ଦେଇ ବାଣପୁର ଶିଶୁ ମନ୍ଦିରଠାରେ ପହଞ୍ଚିଥିଲେ। ଶେଷରେ ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ପଦଯାତ୍ରାରେ ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, ବି ଡି ଓ ବିକାଶ କୁମାର ମହାନ୍ତି, ତହସିଲଦାର ପି. ପଦ୍ମନାଭ ଦୋରା, ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# କେନ୍ଦୁପାଟଣା ଶାଖା କେନାଲ ପୁନଃଉଦ୍ଧାରର ଶିଳାନ୍ୟାସ



**ନିଶ୍ଚିନ୍ତକୋଇଲି,୨୪।୧୧/ଏନ୍‌ଏନ୍‌ଏସ୍:** ଦୀର୍ଘ ଦିନ ହେବ କେନ୍ଦୁପାଟଣା ଜଳସଂପଦ ବିଭାଗ ଅଧିନରେ ଥିବା ବିଭିନ୍ନ କେନାଲ ଗୁଡିକ କିଛି ପ୍ରଭାବଶାଳୀ ଲୋକଙ୍କ ଦ୍ୱାରା ଅବରୋଧ ଓ କିଛି ରାଜନୈତିକ ବ୍ୟକ୍ତିଙ୍କ କୁଚକ୍ରୀ ମନୋଭାବ ଯୋଗୁ ଚାଷୀମାନଙ୍କ କ୍ଷେତକୁ ପାଣି ଯିବାକୁ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ ଚାଷୀ। ଏହାକୁ ଦୀର୍ଘ ଦିନ ହେବ ଉପଲବ୍ଧି କରିଥିବା ମାହାଙ୍ଗା ବିଧାୟକ ଚଷାପୁଅ କରିଦେଖାଇଲେ। ଏବେ ପ୍ରତି କେନାଲର କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ପୁନରୁଦ୍ଧାର କରାଯାଇ କ୍ଷେତକୁ ପାଣି ପାଇବେ ଚାଷୀ। ଏହି ପରୀପ୍ରେକ୍ଷୀରେ ୮(ବି-୨) କେନାଲର ପୁନଃଉଦ୍ଧାର ପାଇଁ ଶିଳାନ୍ୟାସ ହୋଇଛି। ନଟକାଇ ପଞ୍ଚାୟତ ସମିତିସଭ୍ୟା ସରସ୍ୱତୀ ରାଉତଙ୍କ ସଂଯୋଜନା କ୍ରମେ ଏହି କାର୍ଯ୍ୟକ୍ରମରେ ବିଧାୟକ ଶାରଦାପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦୁପାଟଣା ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ମଲିକ, ସହକାରୀ ଯନ୍ତ୍ରୀ ସୁଭଦ୍ରା ଓଝା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ପ୍ରାକ୍ତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜୋନ୍ ସଭାପତି ସଂଜୟ କୁମାର ବେହେରା, ଦେବେନ୍ଦ୍ର ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ, ଯତିନ୍ଦ୍ର ଜେନା, ପିତାମ୍ବର ମହାନ୍ତି, ବ୍ଲକ ଆମ୍ବା ସଭାପତି ଅଶୋକ ସାହୁ, ବୁହାଲୋ ସମିତିସଭ୍ୟ ଭବାନୀଶଙ୍କର ବେହେରା, କ୍ଷୀରୋଦ ପରିଡ଼ା, ରାକେଶ ସେଠୀ, ସନ୍ତୋଷ କାପ, ମନମୋହନ ସେଠୀ, ବରିଷ୍ଠ ଚାଷୀ ପ୍ରହ୍ଲାଦ ରାଉତ, ଯୁବ ଚାଷୀ ସନ୍ତୋଷ ରାଉତ, ପ୍ରତାପ ଚନ୍ଦ୍ର ରାଉତ, ପ୍ରମୋଦ ରାଉତ, ଦିଲ୍ଲିପ କୁମାର ରାଉତଙ୍କ ସମେତ ବହୁ ଚାଷୀ ଓ ବିଧାୟକଙ୍କ ସମସର୍ଥକମାନେ ଉପସ୍ଥିତ ଥିଲେ। କେନାଲ ପୁନଃଉଦ୍ଧାର କାର୍ଯ୍ୟ ହେବା ଜାଣି ଅଞ୍ଚଳର ଚାଷୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

**ଖଣ୍ଡପଡ଼ା,୨୪।୧୧/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀ, ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଖଣ୍ଡପଡ଼ା ବ୍ଲକ ଅଧକ୍ଷା ଉପମା ବେହେରାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, କୃଷି ଓ ଉଦ୍ୟାନ କୃଷି ବିଭାଗ ଓ ଅନ୍ୟ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ସର୍ବମୋଟ ୭୭ ଗୋଟି ଅଭିଯୋଗପତ୍ର ଶିବିରରେ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୭୩ଟି ବ୍ୟକ୍ତିଗତ, ୪ଟି ଗ୍ରାମ୍ୟ ସମସ୍ୟା ସଂପର୍କିତ ଅଭିଯୋଗପତ୍ର ଗ୍ରହଣ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ବିଭିନ୍ନ ଅଭିଯୋଗ ମଧ୍ୟରୁ ୨୭ ଟି ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗଗୁଡ଼ିକୁ ତ୍ୱରିତ ସମାଧାନ ନିମନ୍ତେ ବ୍ଲକ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।


**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 24.11.2025 I, Mina Nayak, W/o Kulamani Nayak, resident At-Rajakulakateni, P.O-Malapura, P.S- Kamakhyanagar, Dist-Dhenkanal, PIN-759018, Odisha have changed my name from Mataji Nayak to **Mina Nayak**. Henceforth I shall be known as **Mina Nayak** for all purpose. (Mina Nayak)

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 24.11.2025 I, Raj Kishor Rout, S/o Markanda Rout, resident At-Batagaon, P.O-Batagaon, P.S-Kankadahad, Dist-Dhenkanal, PIN- 759018, Odisha have changed my name from Raja Kishor Raut to **Raj Kishor Rout**. Henceforth I shall be known as **Raj Kishor Rout** for all purpose. (Raj Kishor Rout)

**AFFIDAVIT**

By virtue of an affidavit sworn before Executive, Puri, dtd 03.09.2025, I Harekrishna Mohanty, permanent resident of Anandur, P.O Panaspada, P.S Brahmagiri, Dist-Puri-752011, Odisha, currently residing At-Sebakpur, P.O.Panaspada, P.S. Brahmagiri, Dist-Puri-752011, Odisha, declare that, I have changed my name from Barsa Mohanty to Barsharani Mohanty. Henceforth, I Shall be know as **Barsharani Mohanty** for all purposes. Barsharani Mohanty

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 19.11.2025, I, **Gitanjali Champati** (New name) presently residing At- Plot No.A-1, Sahid Nagar, Bhubaneswar, Dist-Khurdha, Odisha-751007, declare that I have changed my name from **Gitanjali Champatiroy** to **Gitanjali Champati** (New name). Henceforth, I shall be known as **Gitanjali Champati** (New name) for all purposes. Sd/- Gitanjali Champati

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 24.11.2025 I, Jhilirani Sahoo, W/o Judhisthira Sahoo, resident At-Birasal, PO-Birasal, PS-Kankadahad, Sub-Dist-Kamakshyanagar, Dist-Dhenkanal, PIN - 759039, Odisha have changed my name from Jhili Sahu to **Jhilirani Sahoo**. Henceforth I shall be known as **Jhilirani Sahoo** for all purpose. (Jhilirani Sahoo)

**AFFIDAVIT**

By Virtue of an Affidavit sworn before the Executive Magistrate, Mahanga, Cuttack, dated, 17.11.2025, I Bibekananda Das, S/O-Late Bidyadhar Das, At/Po-Jhadeswarpur, P.S-Bhadreswar, Dist-Cuttack, Odisha. Hereby declare that my daughter name has been recorded as Archita Priyadarshini Das in her birth certificate Regd No-855/2010 dated-30.07.2010. In Aadhar Card No-3493 5939 6511 her name mentioned as Archhita Priyadarshini Das. That this affidavit is required to produce before Concerned authority for correction of my daughters name as **Archita Priyadarshini Das** in her Aadhar card and all purposes. Sd/- Bibekananda Das


# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

**ସାଲେପୁର,୨୪।୧୧/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ବାଲିସାହି ପଞ୍ଚାୟତର ବ୍ୟାରେଜ ପଡିଆ ଠାରେ ସାଂସଦ ଖେଳ ମହୋତ୍ସବ ଉଦ୍ଘାଟିତ ହୋଇଥିବା ଜଣାପଡିଛି। କିନ୍ତୁ ଦୁଃଖର ବିଷୟ ଆଜି ଉଦ୍‌ଘାଟନ ଉତ୍ସବରେ ଛୋଟ ଛୋଟ ଛାତ୍ରଛାତ୍ରୀ ମାନେ ପ୍ରାୟ ଦୁଇ ଘଣ୍ଟା ଖରାରେ ଖୋଲା ପଡ଼ିଆରେ ଅପେକ୍ଷା କରିବା ପରେ ମୁଖ୍ୟ ଅତିଥି ଦିନ ଏଗାରଟା ବେଳେ ପହଞ୍ଚି ଥିଲେ ଯାହାକୁ ନେଇ ଛାତ୍ରଛାତ୍ରୀ,ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଥିବା ଶୁଣିବାକୁ ମିଳିଥିଲା। ଖାଲି ଏତିକି ନୁହେଁ ମଞ୍ଚରେ ଅତିଥିମାନେ ବସିଥିବା ବେଳେ ଆଗରେ ପ୍ରବଳ ଖରାରେ ଏବଂ ତଳେ ପଡ଼ିଆରେ ବାଲିରେ ଛାତ୍ରଛାତ୍ରୀମାନେ ବସି ଭାଷଣ ଶୁଣିବା ଅସନ୍ତୋଷକୁ ଦ୍ୱିଗୁଣିତ କରିଥିଲା। ମହୋତ୍ସବରେ ମୁଖ୍ୟଅତିଥି ଭାବେ ସାଲେପୁର ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ, ସମ୍ମାନିତ ଅତିଥି ଭାବେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଇଓ ଲକ୍ଷେହିରା ଲାବଣ୍ୟବତୀ ବେହେରା, ସଂଗଠକ ସତ୍ୟବାଦୀ ଚଇନୀ, ନାରୀନେତ୍ରୀ ବିଜୟ ଲକ୍ଷ୍ମୀ ଦାଶ, ମଣ୍ଡଳ ସଭାପତି ସଙ୍ଗିତା ଜେନା ଯୋଗଦେଇଥିଲେ। ପ୍ରାୟ ପାଞ୍ଚ ହଜାର ଜଣ ଛାତ୍ରଛାତ୍ରୀ ନାମ ପଞ୍ଜିକରଣ କରିଛନ୍ତି। ଏହା ଦୁଇଦିନ ଧରି ଚାଲିବ। ଆଜି ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ଖରାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷାକଲେ ଛାତ୍ରଛାତ୍ରୀ**

# ଶିକ୍ଷା ସଚେତନତା କର୍ମଶାଳା

**ବୟାଳିଶମୌଜା,୨୪।୧୧/ଏନ୍‌ଏନ୍‌ଏସ୍:** କଟକ ସଦର ସ୍ଥିତ ଅଭିନବ ୪୨ମୌଜା ସଂଗଠନ ତରଫରୁ ୪୨ମୌଜା ବାଲୁଙ୍କେଶ୍ୱର ବିଦ୍ୟାପୀଠ ଦେଉଳିଠାରେ ଆସନ୍ତା ମ୍ୟାଟ୍ରିକ ପରୀକ୍ଷା ପ୍ରସ୍ତୁତି ସମ୍ବନ୍ଧୀୟ ଏକ କର୍ମସାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଗଠନ ର ସଭାପତି ଆଲେଖ ଭୋଇ, ତୃପ୍ତି ରଞ୍ଜନ ପତି, ସତ୍ୟବ୍ରତ ଦିକ୍ଷୀତ, ସ୍ୱାଗତ ନାୟକ, ଅରବିନ୍ଦ ଦାସ, ବରିଷ୍ଠ ମହିଳା ସଦସ୍ୟା ସବିତା ରାଣୀ ଦାଶ, ତୃପ୍ତିମୟି ମହାନ୍ତି, ବିଶ୍ୱଜିତ୍ ପତି, ସଂଗଠନର ସହସମ୍ପାଦକ ଦୁର୍ଗାମାଧବ ପତି, କାଳିପ୍ରସନ୍ନ ଶତପଥୀ, ସୁମନ୍ତ ମହାପାତ୍ର, ବିଷ୍ଣୁ ଚରଣ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିକ୍ଷୟିତ୍ରୀ ରୂପାଲି ରୁପୟିତା, ଶିକ୍ଷୟିତ୍ରୀ ସସ୍ମିତା କାନୁନଗୋ, ସୁଦର୍ଶନ ବେହେରାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଉଚ୍ଚ ବିଦ୍ୟାଳୟରେ ଏନ୍‌ସିସି ଦିବସ

**ବୋଲଗଡ଼,୨୪।୧୧/ଏନ୍‌ଏନ୍‌ଏସ୍:** ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ମାଣିକାଗୋଡାସ୍ଥିତ ଗଦାଧର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟରେ ସମର ଶିକ୍ଷାର୍ଥୀ ବାହିନୀ(ଏନସିସି)ର ୭୭ତମ ଦିବସ ରବିବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଏନସିସି କ୍ୟାଡେଟ୍ ମାନେ ପ୍ୟାରେଡ ଅଭିବାଦନ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ବୋଲଗଡ଼ ଥାନା ଆଇଆଇସି ସ୍ମିସ୍ମାମୟୀ ବରାଳ ଏନସିସି ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତ୍ରିମୟୀ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ବୋଲଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଅଧିକାର ଆଇଟିଆଇ ମହାବିଦ୍ୟାଳୟ, ଗଣିଆ ଅଧକ୍ଷ ଙ୍କ କର୍ପୁର ସାହୁ, ପ୍ରାକ୍ତନ ଏନ୍‌ସିସି କମାଣ୍ଡର ଗୋବିନ୍ଦ ଚନ୍ଦ୍ର ସାହୁ, ସମିତିସଭ୍ୟା ପ୍ରତିନିଧି ତଥା ସମାଜସେବୀ ଶରତ କୁମାର ଦଳାଇ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏନସିସି କମାଣ୍ଡର ସାମନ୍ତ କୁମାର ମାଝୀ ସ୍ୱାଗତ ସମାରୋହ ଅଭିଭାଷଣରେ ଏନ୍‌ସିସି ଛାତ୍ର ଛାତ୍ରୀମାନଙ୍କର ନିୟମିତ କାର୍ଯ୍ୟ ସଞ୍ଚାଳନ ଓ ସମାଜ ପ୍ରତି ଦାୟିତ୍ୱ ନିର୍ବାହ ପାଇଁ ସମ୍ୟକ ସୂଚନା ଦେଇଥିଲେ। ଅନୁଷ୍ଠାନର ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ଲେଙ୍କା ଓ ଦଳାଇସାହି ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା ମଞ୍ଚାସିନ ଅତିଥି ଭାବେ ଯୋଗଦେଇ ଥିଲେ। ଏନ୍‌ସିସି ଛାତ୍ର ଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ଆରତି ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷୟିତ୍ରୀ ଇପ୍ସିତା ସିଂ ମଞ୍ଚ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ। ହିନ୍ଦୀ ଶିକ୍ଷକ ଶେଖ୍ ମୁବାରକ ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ଏନ୍‌ସିସି ପ୍ରତିଭାମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବାଳିକା ବିଭାଗ ପରେଡ୍ କାର୍ଯ୍ୟକ୍ରମରେ ଚାମ୍ପିଅନ୍ ଟ୍ରଫି ଗ୍ରହଣ କରିଥିଲେ।


**AFFIDAVIT**

By virtue of an affidavit sworn before the Notary Public, Kesinga, dated 21.11.2025, I Dipu Nanda, Address: At/Po-Turlakhaman, Ps–Kesinga, Dist–Kalahandi, Odisha, declare that I have changed my name from Rupesh Nanda to Dipu Nanda. Henceforth, I shall be known as **Dipu Nanda** for all purposes.

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ୍ ନଂ: ELECT-CHG-25-26-ACCI, Dated 20.11.2025, ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ କାର୍ଯ୍ୟ କରୁଥିବା Sr. Divisional Electrical Engineer (G)/ Santragachi, S.E. Railway, ଖଡଗପୁର ଡିଭିଜନ୍ ନିମ୍ନୋକ୍ତ କାର୍ଯ୍ୟ ପାଇଁ ୱେବ୍‌ସାଇଟ୍ **www.ireps.gov.in** ଦ୍ୱାରା ଇ-ଟେଣ୍ଡରିଂ ପ୍ରକ୍ରିୟା ଅନ୍ତର୍ଗତ ଓପନ୍ ଟେଣ୍ଡର ଆହ୍ୱାନ କରୁଛନ୍ତି। ଯୋଗ୍ୟ କଣ୍ଟ୍ରାକ୍ଟରମାନଙ୍କୁ କେବଳ ଏହି ୱେବସାଇଟ୍ **www.ireps.gov.in** ମାଧ୍ୟମରେ ଅର୍ଥାତ୍ ଅନ୍‌ଲାଇନ୍ ମୋଡ୍ ଯୋଗେ ହିଁ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି। ଏହି ଟେଣ୍ଡର ପ୍ରକ୍ରିୟା ପାଇଁ ମାନୁଆଲ୍ ବା ଅଫ୍‌ଲାଇନ୍ ଆବେଦନଗୁଡ଼ିକ ଗ୍ରହଣୀୟ ନୁହେଁ। ଦୟାକରି ଅଧିକ ବିବରଣୀ ପାଇଁ ୱେବସାଇଟ୍‌ର ଡକ୍ୟୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ସମସ୍ତ ଟେଣ୍ଡର ଡକ୍ୟୁମେଣ୍ଟଗୁଡ଼ିକୁ ଭଲଭାବେ ପଢ଼ନ୍ତୁ। **କାର୍ଯ୍ୟ ବିବରଣୀ:** ୨ ବର୍ଷ ପାଇଁ ସାନ୍ତାଗାଛି, ଶାଲିମାର ଏବଂ ପଦ୍ମପୁକୁର କୋଚିଂ ଡିପୋରେ ବିଭିନ୍ନ ଟ୍ରେନ୍‌ରେ ଏସି କୋଚ୍ ପାଇଁ ଏସିସିଆଇର ଏସ୍କର୍ଟିଂ ଜବ୍ ଏବଂ ଫାର୍ଷ୍ଟ ଏସି ପାଇଁ ଏସିସିଇଏର ଏସ୍କର୍ଟିଂ ଜବ୍। **ଟେଣ୍ଡର ମୂଲ୍ୟ:** ୬,୬୦,୦୯,୪୬୪.୮୪ /-, **ଇଏମ୍‌ଡି / ବିଡ୍ ସିକ୍ୟୁରିଟି :** ୪,୮୦,୧୦୦/-, **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ :** ୧୦,୦୦୦ /-, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ୧୨.୧୨.୨୦୨୫, ୧୧.୦୦ ଘଟିକା, ଟେଣ୍ଡର ନୋଟିସ୍, ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ସୂଚନା ବା ତଥ୍ୟ ଆଦି ୱେବସାଇଟ୍ **www.ireps.gov.in** ରେ ପ୍ରଦାନ କରାଯାଇଅଛି। **(PR-871)**

**OFFICE OF THE ASKA CO-OPERATIVE SUGAR INDUSTRIES LTD.**

**P.O.: Nuagam, (Aska)-761111, Dist-Ganjam, State-Odisha**

email: askasugar@yahoo.co.in, GSTIN : 21AAAAT5989L1ZO

Letter No. GAD/F-245/1872 — Date : 24.11.2025

**NOTICE FOR CANCELLATION OF TENDER CALL NOTICE**

The tender for selection of outsourcing manpower service provider agency is herewith cancelled. Details are as follows :

| Sl. No | Tender Call Notice No. | Date | Extension Tender Call Notice No. | Date | Scheduled Date & Time for tender opening | | Date | |
|---|---|---|---|---|---|---|---|---|
| 01. | GAD/F-245/1507 | 10.10.2025 | GAD/F-245/1693 | 31.10.2025 | 19.11.2025 @ 11.00 AM | Postponed | 17.11.2025 | Cancelled |
| 02. | GAD/F-245/1525 | 13.10.2025 | GAD/F-245/1695 | 31.10.2025 | 20.11.2025 @ 11.00 AM | Postponed | 17.11.2025 | Cancelled |
| 03. | GAD/F-245/1544 | 15.10.2025 | GAD/F-245/1697 | 31.10.2025 | 21.11.2025 @ 11.00 AM | Postponed | 17.11.2025 | Cancelled |

The participant bidders who has submitted their bids are requested to get the sealed bid collected from this office within 07 days.

For detail procedure, please visit our website (www.askasugar.com) under "Tender".

Sd/- Managing Director


# 'ଅକ୍ଷୟ ମହାନ୍ତି ଥିଲେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ'

**ଖୋର୍ଦ୍ଧା,୨୪।୧୧/ଏନ୍‌ଏନ୍‌ଏସ୍:** ଓଡ଼ିଶା ଅକ୍ଷୟ ମହାନ୍ତି ଫାଉଣ୍ଡେସନ୍ ଟ୍ରଷ୍ଟ, ଖୋର୍ଦ୍ଧା ଆନୁକୂଲ୍ୟରେ ୨୩ତମ ରାଜ୍ୟସ୍ତରୀୟ ଅକ୍ଷୟ ମହୋତ୍ସବ ସ୍ଥାନୀୟ ଶ୍ୟାମ ମାଧବ ପାଠାଗାର ସଭାଗୃହରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟର ଅଧ୍ୟକ୍ଷ ଚୈତନ୍ୟ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଉଦ୍‌ଘାଟକ ଭାବେ ପୂର୍ବତନ ସାଂସଦ ତଥା କବି.ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗ ଦେଇଥିବାବେଳେ ମୁଖ୍ୟଅତିଥି ରୂପେ ରାଜ୍ୟ ମହିଳା କମିଶନ୍ ସଦସ୍ୟା ପ୍ରତିଭା ଶତପଥୀ, ମୁଖ୍ୟବକ୍ତା ଭାବେ ଗୃହ ବିଭାଗ ଅନୁଶାସନ ସଚିବ କବି ଜିତେନ୍ଦ୍ର କୁମାର କର, ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବୀ ଅବିର କୁମାର ପରିଡା ଯୋଗଦେଇଥିଲେ। ସର୍ବପ୍ରଥମେ ଯୁବମାନସର ସୁନାମ ଧନ୍ୟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଅକାଳ ବିୟୋଗରେ ନିରବ ପ୍ରାର୍ଥନା କରାଯାଇ କାଯ୍ୟ୍ରମ ସଂଚାଳନ କରାଯାଇଥିଲା। ଆରମ୍ଭରେ ବେଦପାଠ କରିଥିଲେ ପଣ୍ଡିତ ଭାଗିରଥୀ ପାଣିଗ୍ରାହୀ, ଅକ୍ଷୟ ସଂଗୀତ ଗାନ କରିଥିଲେ ସୁଶ୍ରୀ ଅନ୍ୱେଷା କର ଏବଂ ଶିଳ୍ପୀ ଲଳୀତ ମୋହନ ରାଉତରାୟ ମାଉଥ୍ ଅର୍ଗାନ୍‌ରେ ଅକ୍ଷୟ ସଂଗୀତ ବାଦନ କରିଥିଲେ। ଏହା ପରେ ଅତିଥିମାନେ ସଂଗୀତ ସମ୍ରାଟ ଅକ୍ଷୟ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ବିଷଦ୍ ଭାବେ ଆଲୋଚନା କରି ତାଙ୍କୁ ପ୍ରଚଣ୍ଡ ପ୍ରତିଭା ଭାବେ ମତବ୍ୟକ୍ତ କରିଥିଲେ। ପରେ ପରେ ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ମହମ୍ମଦ ମୁସୀର୍‌ଙ୍କୁ ଚଳିତ ବର୍ଷର ସର୍ବଶ୍ରେଷ୍ଠ ଅକ୍ଷୟ ସମ୍ମାନ ଓ ବିଶିଷ୍ଟ ପାଲାଗାୟକ ତଥା ପ୍ରବଚକ ବ୍ରଜ କିଶୋର ମହାନ୍ତିଙ୍କୁ ଡକ୍ଟ ପ୍ରସନ୍ନ ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ଅନୁଷ୍ଠାନର ମୁଖପତ୍ର 'ଚିରସବୁଜ' ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଭାଗିରଥୀ ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିବାବେଳେ ସଂପାଦିକା ଅନସୂୟା ବେହେରା ଓ ପ୍ରଜ୍ଞା ପ୍ରୀତିପର୍ଣ୍ଣା ମେହେର ମଞ୍ଚ ପରିଚାଳନା କରିଥିଲେ।

**ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ୍ ମୁସୀର୍‌ଙ୍କୁ 'ଅକ୍ଷୟ ସମ୍ମାନ'**


**OFFICE OF THE PANCHAYAT SAMITI, GAISILET** i-386

At/Po/Ps : Gaisilet, Dist- Bargarh (Odisha), Pin-768037

E-mail ID : ori-gaisilet@nic.in

No. 3064 — Date : 19.11.2025

**"e" Procurement Notice**

**Bid Identification No. BDO/Gaisilet/02/2025-26**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. website i.e. www.tendersodisha.gov.in

1. Nature of work : Civil works
2. No. of works : 4
3. Estimated cost : as per NIT
4. Period of completion : As per NIT
5. Date and time of availability of the documents in the portal : From 25.11.2025, 11.00 AM to 05.12.2025 up to 5.00 PM
6. Last date/time for receipt of bids in the portal : Dt.05.12.2025 up to 5.00 PM
7. Bids received online shall be opened on : Dt.08.12.2025 at 11 AM
8. Name and address of the officer inviting bid : Block Development Officer, Gaisilet

Further, the details can be seen from the procurement portal www.tendersodisha.gov.in

Sd/- Block Development Officer Gaisilet

OIPR-


# ମାନସିକ ଯନ୍ତ୍ରଣାରୁ ମୁକ୍ତି ପାଇଁ ଚାକିରିରୁ ଅବ୍ୟାହତ ନେବାକୁ ଚିଠି

**ଓଡ଼ଗାଁ,୨୪।୧୧/ଏନ୍‌ଏନ୍‌ଏସ୍:** ଓଡ଼ଗାଁ କୃଷି ସମବାୟ ସମିତି ସଂପାଦକ ଚାକିରିରୁ ଅବ୍ୟାହତ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଚିଠି କରିଛନ୍ତି। ଆଜକୁ ୮ଦିନ ଧରି ପରିଚାଳନା ପରିଷଦ ଓ ଚାଷୀ ଓଡ଼ଗାଁ ସମିତି ସଂପାଦକଙ୍କ ବିରୋଧରେ ଅନିୟମିତତାର ତଦନ୍ତ ଦାବିକରିଛନ୍ତି। କିନ୍ତୁ ଘଟଣାର ତଦନ୍ତ ନକରିବା ଓ ସଂପାଦକଙ୍କୁ ବିଭାଗୀୟ ଅଧିକାରୀମାନେ ଘଣ୍ଟ ଘୋଡ଼ାଇବା ନେଇ ଚାଷୀ ଓ ପରିଚାଳନା ପରିଷଦ ଧାରଣାକୁ ଓହ୍ଲାଇ ଥିଲେ। ଆଜକୁ ୮ଦିନ ବିତି ଯାଇଥିଲେ ମଧ୍ୟ କୌଣସି ଅଧିକାରୀ ପହଞ୍ଚି ସେମାନଙ୍କୁ ବୁଝାସୁଝା ନ କରିବାରୁ ଦିନକୁ ଦିନ ଅପ୍ରୀତିକର ପରିସ୍ଥିତି ଉପୁଜୁଛି। ଏପଟେ ସଂପାଦକଙ୍କୁ ପରିଚାଳନା ପରିଷଦସହ ଆପୋଷ ସମାଧାନ କରି କାର୍ଯ୍ୟ କରିବାକୁ ସହକାରୀ ନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀ ସଂପାଦକ ଦୀପକ ଚୌଧୁରୀଙ୍କୁ ଚିଠି କରିବା ପରେ ଅଡୁଆ ବଢ଼ିଛି। ସହକାରୀ ନିବନ୍ଧକଙ୍କ ନିର୍ଦ୍ଦେଶ ମାନିବାକୁ ସଂପାଦକ ଚେଷ୍ଟା କରିଥିଲେ, କିନ୍ତୁ ପରିଚାଳନା ପରିଷଦ ନିଜ ଜିଦ୍‌ରେ ଅଟଳ ରହିବାରୁ ତାହା ସମ୍ଭବ ହୋଇନଥିଲା। ଫଳରେ ସଂପାଦକ ନିଜ ଚାକିରିରୁ ଅବ୍ୟାହତ ନେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସେ ସବୁବେଳେ ମାନସିକ ଯନ୍ତ୍ରଣାରେ ଛଟପଟ ହେଉଥିବା ଚିଠିରେ ଉଲ୍ଲେଖକରି ତାଙ୍କୁ ଚାକିରିରୁ ଅବ୍ୟାହତ ଦିଆଯାଉ ବୋଲି ଉପ ନିବନ୍ଧକ, ସହକାରୀ ନିବନ୍ଧକ ଓ ପରିଚାଳନା ପରିଷଦକୁ ଚିଠି କରିଥିବା ଜଣାପଡ଼ିଛି।


**GOVERNMENT OF ODISHA** O-1509

**OFFICE OF THE SUPERINTENDING ENGINEER**

**RURAL WORKS DIVISION, BHUBANESWAR**

No:-Tender – Online – BBSR Divn. - 30 — Date : 12.11.2025

**e-Procurement NOTICE**

1. Name of the work : Road work
2. Total No. of Road : 2 Nos.
3. Class of Contractor (As per Works Deptt. Office memorandum no. 12586 dt. 09.09.2022
   a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : **Rs. 55.08 lakh**
5. Time for completion : 3 (Three) calendar months
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhubaneswar. | Tender Online – BBSR Divn. - 30 | 24.11.2025 at 11.00 A.M. | 04.12.2025 up to 5.00 P.M | 05.12.2025 at 11.00 A.M. | To be intimated later on |

7. Further details can be seen from the website www.tendersorissa.gov.in
8. Corrigendum if any / shall only be published in the above website.

Sd/- Superintending Engineer Rural Works Division, BBSR

OIPR-

**UNITY SMALL FINANCE BANK LIMITED** — **DEMAND NOTICE U/s. 13 (2)**

Registered Office : Basant Lok, Vasant Vihar, New Delhi - 110057

Corporate Office :Centrum House, Vidyanagari Marg, Kalina, Santacruz (E), Mumbai - 400 098

**ଆର୍ଥିକ ସମ୍ପତ୍ତିର ସୁରକ୍ଷା ଏବଂ ପୁନଃନିର୍ମାଣ ତଥା ସୁରକ୍ଷା ସ୍ୱାର୍ଥ ଆଇନ୍, ୨୦୦୨ ('ଆଇନ') ଓ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ ('ନିୟମ') ବ୍ୟବସ୍ଥା ଅଧୀନ**

ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍ (ବ୍ୟାଙ୍କ୍)ର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ନିମ୍ନ ସ୍ୱାକ୍ଷରକାରୀ ବ୍ୟକ୍ତି, ଉପର ଲିଖିତ ଆଇନ୍ ଅନୁଯାୟୀ ଏବଂ ନିୟମ ୩ ଭାବେ ପଠିତ ଆଇନ୍‌ର ଧାରା ୧୩(୧୨) ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର ପୂର୍ବକ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିଛନ୍ତି, ଯେଉଁଥିରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଉକ୍ତ ନୋଟିସ୍ ପ୍ରାପ୍ତ ହେବାର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ନୋଟିସ୍(ଗୁଡ଼ିକ)ରେ ଉଲ୍ଲିଖିତ ସମୂଳ ଋଣରାଶି ପରିଶୋଧ କରିବାକୁ ଦର୍ଶାଯାଇଛି। ଯେହେତୁ ପୂର୍ବରୁ କିଛି ନୋଟିସ୍ ଯାହାକି ପୋଷ୍ଟାଲ୍ ମୋଡ୍ ଯୋଗେ ପଠାଯାଇଥିଲା ସେସବୁ ସଠିକ୍ ଭାବେ ଗ୍ରହଣ କରାଯାଇନାହିଁ, ତେଣୁ ଋଣଗ୍ରହୀତାଙ୍କୁ ବିକଳ୍ପ ସେବା ପଦ୍ଧତି ମାଧ୍ୟମରେ ଅର୍ଥାତ୍ ଖବର କାଗଜରେ ପ୍ରକାଶନ ମାଧ୍ୟମରେ ଉକ୍ତ ନୋଟିସ୍ ପ୍ରଦାନ କରାଯାଉଅଛି।

| କ୍ର.ନଂ | ଲୋନ୍ ଆକାଉଣ୍ଟ ବିବରଣୀ | ସୁରକ୍ଷିତ ସମ୍ପତ୍ତି |
|---|---|---|
| ୧. | ଋଣଗ୍ରହୀତା/ଙ୍କ ନାମ: ୧. ଅଜୟ କୁମାର ମାଝୀ (ଋଣଗ୍ରହୀତା) ୨. ଶୁଭଲକ୍ଷ୍ମୀ ଏଣ୍ଟରପ୍ରାଇଜେସ୍ (ସହ ଋଣଗ୍ରହୀତା ଏବଂ ବନ୍ଧକଦାତା) ୩. ଜୟନ୍ତୀ ମାଝୀ (ସହ ଋଣଗ୍ରହୀତା) ଋଣ ଅନୁମୋଦନ ତାରିଖ: ୦୫/୦୭/୨୦୨୪ ଲୋନ୍ ଆକାଉଣ୍ଟ ନଂ (ଏସ୍) : USFBBHUMSME000001949 ଋଣ ପରିମାଣ: ୩୦,୦୦,୦୦୦.୦୦/- ଏନ୍‌ପିଏ ତାରିଖ: ୦୨/୧୧/୨୦୨୫ ଡିମାଣ୍ଡ ନୋଟିସ୍ ତାରିଖ: ୦୭/୧୧/୨୦୨୫ (୧୪/୧୧/୨୦୨୫ରେ ପଠାଯାଇଥିଲା) ଡିମାଣ୍ଡ ନୋଟିସ୍‌ରେ ଉଲ୍ଲିଖିତ ପରିମାଣ: ୩୦,୫୩,୬୭୭.୨୬/- (୦୫/୧୧/୨୦୨୫ ସୁଦ୍ଧା) ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ/ଶୁଳ୍କ | ଜମିର ସମସ୍ତ ଭୂଭାଗ ଏବଂ ଆଂଶିକ ଭାଗ (୧) ଖାତା ନମ୍ବର ୪୧୫/୧୩୪, ପ୍ଲଟ ନମ୍ବର: ୬୮୮/୧୬୮୨, ପ୍ଲଟ୍ ଅଞ୍ଚଳ: ୦.୦୪୦୦ ଡିସିମିଲି, ଏବଂ ୨) ଖାତା ନମ୍ବର ୪୧୫/୯୩, ପ୍ଲଟ୍ ନମ୍ବର: ୬୮୮, ପ୍ଲଟ୍ ଅଞ୍ଚଳ: ୦.୦୪୦୦ ଡିସିମିଲି; ସୁତରାଂ ଖାତା ସଂଖ୍ୟା-୨, ପ୍ଲଟ୍ ସଂଖ୍ୟା-୨ ସହ ମୋଟ୍ ଜମି ପରିମାଣ ୦.୦୮୦୦ ଡିସିମିଲି ଅର୍ଥାତ୍ ୩୪୮୪.୮୦ ବର୍ଗଫୁଟ୍‌ରୁ ସାମାନ୍ୟ ଅଧିକ କିମ୍ବା କମ୍ ଏବଂ ସଂରଚନା ୭୦୦ ବର୍ଗଫୁଟ, ମୌଜା: ବାହାରପାଳ, ପିଏସ୍: ତିହିଡି (୧୫୫), ଟିଏସ୍: ତିହିଡି (୨୭), ଜିଲ୍ଲା: ଭଦ୍ରକ, ଓଡିଶା - ୭୫୬୧୩୧। ଏହି ଭୂଭାଗଟି ଉତ୍ତରରେ ବବ୍‌ଲୁ ପଣ୍ଡାଙ୍କ ପ୍ଲଟ୍; ଦକ୍ଷିଣରେ ଅନ୍ୟଙ୍କ ପ୍ଲଟ୍; ପୂର୍ବରେ ଭଦ୍ରକ ଚାନ୍ଦବାଲି ରୋଡ୍ ଏବଂ ପଶ୍ଚିମରେ ଅନ୍ୟମାନଙ୍କ ପ୍ଲଟ୍ ଦ୍ୱାରା ପରିବେଷ୍ଟିତ ରହିଛି। |
| ୨. | ଋଣଗ୍ରହୀତା/ଙ୍କ ନାମ: ୧. ଅମରଜ୍ୟୋତି ଲେଙ୍କା (ଋଣଗ୍ରହୀତା) ୨. ଦିବ୍ୟଜ୍ୟୋତି ଲେଙ୍କା (ସହ ଋଣଗ୍ରହୀତା ଏବଂ ବନ୍ଧକଦାତା) ୩. ଅନସୂୟା ଲେଙ୍କା (ସହ ଋଣଗ୍ରହୀତା) ଋଣ ଅନୁମୋଦନ ତାରିଖ: ୩୦/୦୫/୨୦୨୪ ଲୋନ୍ ଆକାଉଣ୍ଟ ନଂ (ଏସ୍) : USFBBHUMSME000000929 ଋଣ ପରିମାଣ: ୧୫,୨୫,୨୦୨.୦୦/- ଏନ୍‌ପିଏ ତାରିଖ: ୦୨/୧୧/୨୦୨୫ ଡିମାଣ୍ଡ ନୋଟିସ୍ ତାରିଖ: ୦୭/୧୧/୨୦୨୫ (୧୪/୧୧/୨୦୨୫ରେ ପଠାଯାଇଥିଲା) ଡିମାଣ୍ଡ ନୋଟିସ୍‌ରେ ଉଲ୍ଲିଖିତ ପରିମାଣ: ୧୪,୮୪,୫୭୧.୮୨/- (୦୫/୧୧/୨୦୨୫ ସୁଦ୍ଧା) ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ/ଶୁଳ୍କ | ଜମିର ସମସ୍ତ ଭୂଭାଗ ଏବଂ ଆଂଶିକ ଭାଗକୁ ମିଶାଇ ପ୍ରାୟ ୦.୧୬୦୦ ଡିସିମିଲି ପରିମାଣ ଅର୍ଥାତ୍ ୬୯୬୯.୬୦ ବର୍ଗଫୁଟ୍‌ରୁ ସାମାନ୍ୟ ଅଧିକ କିମ୍ବା କମ୍ ଏବଂ ସଂରଚନା ୧୨୦୦ ବର୍ଗଫୁଟ, ମୌଜା: ଆଗରପଡା, ଜମି କିସମ: ଘରବାଡି, ଖାତା ନଂ: ୧୨୪/୧, ପ୍ଲଟ୍ ନଂ: ୩୬୨/୪୬୦, ପିଏସ୍: ବସ୍ତା-୪୩, ଟିଏସ୍: ବସ୍ତା-୪୩, ଜିଲ୍ଲା-ବାଲେଶ୍ୱର, ଓଡିଶା - ୭୫୬୦୩୦। ଏହି ଭୂଭାଗଟି ଉତ୍ତରରେ ଏକ ରାସ୍ତା ଦ୍ୱାରା ସଂଲଗ୍ନ ରହିଥିବା ବେଳେ ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମରେ ଖାଲି ପଡିଥିବା ପ୍ଲଟ୍ ଦ୍ୱାରା ପରିବେଷ୍ଟିତ ରହିଛି। |
| ୩. | ଋଣଗ୍ରହୀତା/ଙ୍କ ନାମ: ୧. ଗଣେଷ ଦାସ (ଋଣଗ୍ରହୀତା) ୨. ଅଜୟ ଦାସ (ସହ ଋଣଗ୍ରହୀତା ଏବଂ ବନ୍ଧକଦାତା) ୩. ମନୋରମା ଦାସ (ସହ ଋଣଗ୍ରହୀତା) ଋଣ ଅନୁମୋଦନ ତାରିଖ: ୨୨/୧୦/୨୦୨୪ ଲୋନ୍ ଆକାଉଣ୍ଟ ନଂ (ଏସ୍) : USFBBHUMSME000006495 ଋଣ ପରିମାଣ: ୧୧,୦୦,୦୦୦.୦୦/- ଏନ୍‌ପିଏ ତାରିଖ: ୦୨/୧୧/୨୦୨୫ ଡିମାଣ୍ଡ ନୋଟିସ୍ ତାରିଖ: ୦୭/୧୧/୨୦୨୫ (୧୪/୧୧/୨୦୨୫ରେ ପଠାଯାଇଥିଲା) ଡିମାଣ୍ଡ ନୋଟିସ୍‌ରେ ଉଲ୍ଲିଖିତ ପରିମାଣ: ୧୧,୫୩,୬୧୦.୨୪/- (୦୫/୧୧/୨୦୨୫ ସୁଦ୍ଧା) ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ/ଶୁଳ୍କ | ଜମିର ସମସ୍ତ ଭୂଭାଗ ଏବଂ ଆଂଶିକ ଭାଗକୁ ମିଶାଇ ପ୍ରାୟ ୦.୪୦ ଡିସିମିଲି, ଜମି କିସମ: ବାସପୋଯୋଗୀ, ନିର୍ମାଣ ସହିତ ୩୭ କଣ୍ଟାରୁ ଅଧିକ କିମ୍ବା କମ୍, ମୌଜା- ଚାକାହାରୀ, ତହସିଲ୍ ଜଳେଶ୍ୱର, ଖାତା ୮୧/୧୩୪, ଜିଲ୍ଲା-ବାଲେଶ୍ୱର, ଓଡିଶା- ୭୫୬୦୩୨। |
| ୪. | ଋଣଗ୍ରହୀତା/ଙ୍କ ନାମ: ୧. ଗୌରୀଶଙ୍କର ଧର (ଋଣଗ୍ରହୀତା) ୨. ରେବତୀ ଧର (ସହ ଋଣଗ୍ରହୀତା ଏବଂ ବନ୍ଧକଦାତା) ଋଣ ଅନୁମୋଦନ ତାରିଖ: ୨୦/୦୭/୨୦୨୪ ଲୋନ୍ ଆକାଉଣ୍ଟ ନଂ (ଏସ୍) : USFBBHUMSME000002130 ଋଣ ପରିମାଣ: ୨୫,୦୦,୦୦୦.୦୦/- ଏନ୍‌ପିଏ ତାରିଖ: ୦୨/୧୧/୨୦୨୫ ଡିମାଣ୍ଡ ନୋଟିସ୍ ତାରିଖ: ୦୭/୧୧/୨୦୨୫ (୧୪/୧୧/୨୦୨୫ରେ ପଠାଯାଇଥିଲା) ଡିମାଣ୍ଡ ନୋଟିସ୍‌ରେ ଉଲ୍ଲିଖିତ ପରିମାଣ: ୨୫,୭୬,୫୦୬.୦୦ /- (୦୫/୧୧/୨୦୨୫ ସୁଦ୍ଧା) ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ/ଶୁଳ୍କ | ଜମିର ସମସ୍ତ ଭୂଭାଗ ଏବଂ ଆଂଶିକ ଭାଗ ଖାତା ନମ୍ବର ୬୮୮/୧୧୨୧, ପ୍ଲଟ୍ ନମ୍ବର: ୨୫୧୦, ପ୍ଲଟ୍ ଅଞ୍ଚଳ: ୦.୧୯୦୦ ଡିସିମିଲି ଯାହାକି ୨୨୦୦ ବର୍ଗଫୁଟ୍‌ର ଏକ ସଂରଚନା ସହ ୮୨୭୬.୪୦ ବର୍ଗଫୁଟ୍‌ରୁ ଅଧିକ କିମ୍ବା କମ୍, କିସମ: ଘରବାଡି, ମୌଜା: କଣାକାଇ, ପିଏସ୍: ରାଇବଣିଆ (୫୬), ଟିଏସ୍: ଜଳେଶ୍ୱର (୫୬), ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୩୩। ଏହି ଭୂଭାଗଟି ଉତ୍ତରରେ ଅରୁଣ କୁମାର ଧରଙ୍କ ସମ୍ପତ୍ତି ସହ, ଦକ୍ଷିଣରେ ରାସ୍ତା, ପୂର୍ବରେ ତୁଷାର କାନ୍ତି ଧରଙ୍କ ସମ୍ପତ୍ତି ଏବଂ ପଶ୍ଚିମରେ ଗୋପୀନାଥ ଦଳାଇଙ୍କ ପ୍ଲଟ୍ ଦ୍ୱାରା ପରିବେଷ୍ଟିତ ରହିଛି। |
| ୫. | ଋଣଗ୍ରହୀତା/ଙ୍କ ନାମ: ୧. ଜୀତେନ୍ଦ୍ର ବେହେରା (ଋଣଗ୍ରହୀତା) ୨. ରସ୍ମିତା ବେହେରା (ସହ ଋଣଗ୍ରହୀତା ଏବଂ ବନ୍ଧକଦାତା) ଋଣ ଅନୁମୋଦନ ତାରିଖ: ୩୧/୦୧/୨୦୨୪ ଲୋନ୍ ଆକାଉଣ୍ଟ ନଂ (ଏସ୍) : USFBBHULOAN000005015540 ଋଣ ପରିମାଣ: ୨୦,୩୯,୩୦୮.୦୦/- ଏନ୍‌ପିଏ ତାରିଖ: ୦୨/୧୧/୨୦୨୫ ଡିମାଣ୍ଡ ନୋଟିସ୍ ତାରିଖ: ୦୭/୧୧/୨୦୨୫ (୧୪/୧୧/୨୦୨୫ରେ ପଠାଯାଇଥିଲା) ଡିମାଣ୍ଡ ନୋଟିସ୍‌ରେ ଉଲ୍ଲିଖିତ ପରିମାଣ: ୨୦,୬୫,୭୮୧.୨୦ /- (୦୫/୧୧/୨୦୨୫ ସୁଦ୍ଧା) ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ/ଶୁଳ୍କ | ଜମିର ସମସ୍ତ ଭୂଭାଗ ଏବଂ ଆଂଶିକ ଭାଗ ଖାତା ନମ୍ବର ୧୯୦/୧୪୨, ପ୍ଲଟ୍ ନମ୍ବର-୨୧୩, ପ୍ଲଟ୍ ଅଞ୍ଚଳ: ୦.୧୬ ଡିସିମିଲି, ପ୍ଲଟ୍ ନଂ-୨୧୪, ପ୍ଲଟ୍ ଅଞ୍ଚଳ: ୦.୨୦ ଡିସିମିଲି, ପ୍ଲଟ୍ ନଂ-୨୧୭, ପ୍ଲଟ୍ ଅଞ୍ଚଳ: ୦.୦୭୦ ଡିସିମିଲି, କିସମ: ଘରବାଡି, ମୋଟ୍ ୧ଟି ଖାତା ଏବଂ ୩ଟି ପ୍ଲଟ୍, ମୋଟ୍ ପରିମିତ ଅଞ୍ଚଳ : ୦.୪୩ ଡିସିମିଲି ଯାହାକି ୧୧୭୬ ବର୍ଗଫୁଟ୍‌ର ସଂରଚନା ସହ ୧୮,୭୩୦.୮ ବର୍ଗଫୁଟ୍‌ରୁ ଅଧିକ କିମ୍ବା କମ୍। ମୌଜା: ଅଳଶଙ୍ଖ, ପିଏସ୍: ଗୋପ (୧୩୧), ଟିଏସ୍: ଗୋପ (୩୨), ଜିଲ୍ଲା: ପୁରୀ, ଓଡ଼ିଶା- ୭୫୨୦୦୨। ଏହି ଭୂଭାଗଟି ଉତ୍ତରରେ ଜମି ମାଲିକଙ୍କ ଜମି ସହ ଦକ୍ଷିଣରେ ରାସ୍ତା, ପୂର୍ବରେ ଦେବୀ ପ୍ରସାଦ ପଣ୍ଡାଙ୍କ ସମ୍ପତ୍ତି ଏବଂ ପଶ୍ଚିମରେ ଗୋବିନ୍ଦ ପରିଡାଙ୍କ ପ୍ଲଟ୍ ଦ୍ୱାରା ପରିବେଷ୍ଟିତ ରହିଛି। |
| ୬. | ଋଣଗ୍ରହୀତା/ଙ୍କ ନାମ: ୧. ଶେଖ୍ ଜବିର୍ (ଋଣଗ୍ରହୀତା) ୨. ମର୍ଜିନା ବିବି (ସହ ଋଣଗ୍ରହୀତା ଏବଂ ବନ୍ଧକଦାତା) ଋଣ ଅନୁମୋଦନ ତାରିଖ: ୨୮/୦୯/୨୦୨୪ ଲୋନ୍ ଆକାଉଣ୍ଟ ନଂ (ଏସ୍) : USFBBHUMSME000004262 ଋଣ ପରିମାଣ: ୨୧,୦୦,୦୦୦.୦୦/- ଏନ୍‌ପିଏ ତାରିଖ: ୦୨/୧୧/୨୦୨୫ ଡିମାଣ୍ଡ ନୋଟିସ୍ ତାରିଖ: ୦୭/୧୧/୨୦୨୫ (୧୪/୧୧/୨୦୨୫ରେ ପଠାଯାଇଥିଲା) ଡିମାଣ୍ଡ ନୋଟିସ୍‌ରେ ଉଲ୍ଲିଖିତ ପରିମାଣ: ୨୧,୭୮,୦୦୬.୬୮/- (୦୫/୧୧/୨୦୨୫ ସୁଦ୍ଧା) ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ/ଶୁଳ୍କ | ଜମିର ସମସ୍ତ ଭୂଭାଗ ଏବଂ ଆଂଶିକ ଭାଗ ଖାତା ନମ୍ବର ୪୪୫/୧୭୩୮, ପ୍ଲଟ୍ ନମ୍ବର-୩୧୨/୧୮୩୬/୩୩୬୨, ପ୍ଲଟ୍ ଅଞ୍ଚଳ: ୦.୦୨୧୦ ଡିସିମିଲି, ଯାହାକି ୮୫୨ ବର୍ଗଫୁଟ୍‌ର ସଂରଚନା ସହ ଅର୍ଥାତ୍ ୯୧୪.୭୬ ବର୍ଗଫୁଟ୍‌ରୁ ଅଧିକ କିମ୍ବା କମ୍। କିସମ: ଘରବାଡି, ମୌଜା: ଜଡାପୁର ୟୁନିଟ୍ ନଂ:୧୧, ପିଏସ୍: ବାଲେଶ୍ୱର ଟାଉନ୍ (୧୧), ଟିଏସ୍: ବାଲେଶ୍ୱର (୨୯୯), ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୧। ଏହି ଭୂଭାଗଟି ଉତ୍ତରରେ ପ୍ଲଟ୍ ନଂ-୩୧୦, ଦକ୍ଷିଣରେ ପ୍ଲଟ୍ ନଂ-୩୧୪, ପୂର୍ବରେ ଈଶ୍ୱର ଚନ୍ଦ୍ର ଖୁଣ୍ଟିଆ ଏବଂ ପଶ୍ଚିମରେ ପ୍ଲଟ୍ ନଂ- ୧୩୦୪ ଦ୍ୱାରା ପରିବେଷ୍ଟିତ ରହିଛି। |

ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଉପରୋକ୍ତ ଋଣଗ୍ରହୀତା/ ସହଋଣଗ୍ରହୀତା ଯଦି ଉପରେ ପ୍ରଦତ୍ତ ସମୂଳ ଋଣ ରାଶି ପରିଶୋଧ କରିବାରେ ବିଫଳ ହୁଅନ୍ତି ତେବେ ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀ ଆଇନ୍ ଅନ୍ତର୍ଗତ ମିଳିଥିବା ଅଧିକାରର ପ୍ରୟୋଗ ପୂର୍ବକ ବନ୍ଧକ ଥିବା ଏହି ଭୂଭାଗ (ଦକ୍ଷିଣ ପାର୍ଶ୍ୱରେ ପ୍ରଦତ୍ତ)କୁ ନିଜ ଦଖଲକୁ ନେବା ପାଇଁ ବାଧ୍ୟ ହେବେ। ଦୟାକରି ଧ୍ୟାନ ଦିଅନ୍ତୁ ଯେ ଆଇନର ଧାରା ୧୩(୧୩) ଅନୁଯାୟୀ, ଆପଣଙ୍କୁ ଏଠାରେ ଉଲ୍ଲେଖ କରାଯାଇଥିବା ଯେକୌଣସି ସୁରକ୍ଷିତ ସମ୍ପତ୍ତି ସହିତ କାରବାର କିମ୍ବା ସ୍ଥାନାନ୍ତର କରିବାରୁ ନିଷେଧ କରାଯାଇଛି, ତାହା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ଯେକୌଣସି ଉପାୟରେ ହେଉ। ଏହି ବ୍ୟବସ୍ଥାର ଖିଲାପି କିମ୍ବା ଯେକୌଣସି ପ୍ରକାରେ ଉଲ୍ଲଂଘନ ଏକ ଅପରାଧ ଏବଂ ଆଇନ ଅନୁଯାୟୀ ଦଣ୍ଡନୀୟ ଅଟେ। ଡିମାଣ୍ଡ ନୋଟିସ୍‌ର ନକଲ (କପି) ନିମ୍ନସ୍ୱାକ୍ଷରକାରୀଙ୍କ ପାଖରେ ଉପଲବ୍ଧ ଏବଂ ଋଣଗ୍ରହୀତା (ମାନେ) ଯଦି ଚାହାଁନ୍ତି, ତେବେ ସାଧାରଣ କାର୍ଯ୍ୟାଳୟ ସମୟରେ ଯେକୌଣସି କାର୍ଯ୍ୟ ଦିବସରେ ନିମ୍ନସ୍ୱାକ୍ଷରକାରୀଙ୍କଠାରୁ ଏହାକୁ ସଂଗ୍ରହ କରିପାରିବେ।

ସ୍ଥାନ : ଓଡ଼ିଶା

ତାରିଖ : ୨୫.୧୧.୨୦୨୫

ସ୍ୱାକ୍ଷର/- କ୍ଷମତାପ୍ରାପ୍ତ ଅଧିକାରୀ ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍

## ପ୍ରଥମ ପୃଷ୍ଠାରୁ

### ଶପଥ ନେଲେ ନୂଆ ...

ରାମନାଥ କୋବିନ୍ଦ ଓ ଜଗଦୀପ ଧନଖଡ ପ୍ରମୁଖ ସାମିଲ ହୋଇଥିଲେ । ୬ଟି ଦେଶର ପ୍ରଧାନ ବିଚାରପତି, ଜଜ୍ ଏବଂ ସେମାନଙ୍କ ପରିବାର ସଦସ୍ୟ ମଧ୍ୟ ସାମିଲ ହୋଇଥିଲେ । ଏହା ପୂର୍ବରୁ ସିଜେଆଇ ବିଆର ଗଭାଇଙ୍କ କାର୍ଯ୍ୟକାଳ ଶେଷ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ୧୦ ଫେବୃଆରୀ ୧୯୬୨ରେ ହରିୟାଣାର ହିସାର ଜିଲ୍ଲାର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ଜଷ୍ଟିସ ସୂର୍ଯ୍ୟକାନ୍ତ । ୧୯୮୪ରେ ମହର୍ଷି ଧାନଚାନ୍ଦ ବିଶ୍ୱବିଦ୍ୟାଳୟରୁ ଆଇନ ଡିଗ୍ରୀ ହାସଲ କରିବା ପରେ ହିସାର ଜିଲ୍ଲା କୋର୍ଟରେ ଆଇନଜୀବୀ ଭାବରେ କ୍ୟାରିୟର ଆରମ୍ଭ କରିଥିଲେ । ପରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଅଭ୍ୟାସ କରିଥିଲେ । ମାତ୍ର ୩୮ ବର୍ଷ ବୟସରେ ହୋଇଥିଲେ ହରିୟାଣର ସର୍ବକନିଷ୍ଠ ଆଡଭୋକେଟ୍ ଜେନେରାଲ୍ । ୨୦୦୪ରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ବିଚାରପତି ଭାବରେ ନିଯୁକ୍ତି ପାଇଥିଲେ ଜଷ୍ଟିସ ସୂର୍ଯ୍ୟକାନ୍ତ । ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ୧୪ ବର୍ଷ ରହିଥିଲା ବିଚାରପତି । ୨୦୧୮ରେ ତାଙ୍କୁ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ପଦୋନ୍ନତି ମିଳିଥିଲା । ଏହାପରେ ୨୦୧୯, ମେ ୨୪ରେ ସୁପ୍ରିମକୋର୍ଟ ବିଚାରପତି ହୋଇଥିଲେ ଜଷ୍ଟିସ ସୂର୍ଯ୍ୟକାନ୍ତ ।

### ଆଜିଠୁ ରାଜ୍ୟରେ ଧାନକିଣା ...

ନଜର ରହିବ । ବାହାର ରାଜ୍ୟରୁ କେମିତି ଧାନ ଆସିବ ନାହିଁ ସେଥିପାଇଁ ଜିଲ୍ଲାପାଳମାନଙ୍କୁ ଧାନ ଦେବାକୁ କୁହାଯାଇଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୂଚନା ଦେଇଛନ୍ତି ।

### ପ୍ରବଳ ପବନ ସହ ନିର୍ଘୁମ ...

ସାଗର ଉପରେ ସ୍ପଷ୍ଟଚିହ୍ନିତ ଲଘୁଚାପଟି ପ୍ରଥମେ ଅବପାତର ରୂପ ନେବ । ଏହାର ୪୮ ଘଣ୍ଟା ଭିତରେ ତଥା ବୁଧବାର କିମ୍ବା ଗୁରୁବାର ସୁଦ୍ଧା ବାତ୍ୟାର ରୂପ ଧାରଣ କରି ପଶ୍ଚିମ ଉତ୍ତର ପଶ୍ଚିମ ଆଡ଼କୁ ଗତି କରିପାରେ । କିନ୍ତୁ ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିନପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ତଥାପି ୪୮ ଘଣ୍ଟା ପରେ କିଛି ସ୍ଥାନରେ ମେଘୁଆ ପାଗ ରହିବ ଏବଂ ୨ରୁ ୩ଦିନ ଡିଗ୍ରୀ ଯାଏଁ ତାପମାତ୍ରା ଖସିବ ବୋଲି କହିଛି ପାଣିପାଗ ବିଭାଗ । ତେବେ ସମ୍ଭାବ୍ୟ ବାତ୍ୟା ଆନ୍ଧ୍ର ମୁହାଁ ହେବ ନା ତାମିଲନାଡୁ ସେନେଇ କିନ୍ତୁ ଆଇଏମ୍‌ଡି ସ୍ପଷ୍ଟତା ଆଣିନାହିଁ । କାରଣ ଦ୍ୱନ୍ଦ୍ୱ ବଢ଼ାଉଛି ବଙ୍ଗୋପସାଗର ସୃଷ୍ଟି ହୋଇଥିବା ଦୁଇ ଦୁଇଟି ସିଷ୍ଟମ୍ । ଗୋଟିଏ ମାଲାକ୍କା ନିକଟରେ ସୃଷ୍ଟି ହୋଇଥିବାବେଳେ ଆଉ ଗୋଟିଏ ଶ୍ରୀଲଙ୍କା ନିକଟରେ ସୃଷ୍ଟି ହୋଇଛି । ତେବେ ପାଣିପାଗ ବିଜ୍ଞାନୀଙ୍କ ମତ ଅନୁସାରେ ମାଲାକ୍କା ସିଷ୍ଟମ ଆଜି ମାଲେସିଆ ଉପରେ ସକ୍ରିୟ ହେବା ସହ ଅବପାତ ଭିତରେ ସୀମିତ ରହିପାରେ । କିନ୍ତୁ ଶ୍ରୀଲଙ୍କା ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବାତ୍ୟାର ରୂପ ନେଇପାରେ । ଯଦି ବାତ୍ୟା ହୁଏ, ତେବେ ୩୦ ବେଳକୁ ତାମିଲନାଡୁରେ ଲ୍ୟାଣ୍ଡଫଲ୍ କରିପାରେ । ଯାହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବର୍ଷାର ସମ୍ଭାବନା ରହିଛି । ଅମଳ ବେଳେ ସମ୍ଭାବ୍ୟ ବାତ୍ୟାକୁ ନେଇ ଚାଷୀ ମନରେ ଛନକା ପଶିଛି । କାରଣ କେଉଁଠି ପାଚିଆସିଲାଣି ଧାନ କେଣ୍ଡା ତ ଆଉ କେଉଁଠି ଚାଲିଛି ଅମଳ ପ୍ରକ୍ରିୟା । ଏଭଳି ସ୍ଥିତିରେ ବାତ୍ୟା କି ବର୍ଷା ବି ଯଦି ହୁଏ, ତାହେଲେ ବର୍ଷକର ଦାନାପାଣି ବରବାଦ ହୋଇଯିବ । ଅନ୍ୟପକ୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ କହିଛନ୍ତି ଯେ ବାତ୍ୟା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ସମ୍ଭାବ୍ୟ ବାତ୍ୟା ୨୫ ତାରିଖ ପରେ ସ୍ପଷ୍ଟତା ଆସିଲେ ଅନ୍ୟାନ୍ୟ ପ୍ରସ୍ତୁତି କରାଯିବ । ଓଡ଼ିଶା ଅପେକ୍ଷା ତାମିଲନାଡୁରେ ପ୍ରଭାବ ଅଧିକ ରହିପାରେ ବୋଲି ଆକଳନ କରାଯାଇଛି । କିନ୍ତୁ ଏଯାଏଁ କୌଣସି ସ୍ପଷ୍ଟତା ନାହିଁ, ସବୁ ସ୍ଥିତି ପାଇଁ ଆମେ ପ୍ରସ୍ତୁତ ।

### ଆମ ସରକାର ହେଉଛି ...

ନିକଟରେ ପହଞ୍ଚାଇପାରୁଛି । ସରକାରଙ୍କ ପକ୍ଷରୁ ସମସ୍ତ ଅଭିଯୋଗ ଗୁଡ଼ିକୁ ସମାନ ଗୁରୁତ୍ୱ ଦେଇ ତା'ର ସମାଧାନ କରାଯାଉଛି । ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗର ଗୁରୁତ୍ୱକୁ ଦେଖି ସିଧାସଳଖ ସମ୍ପୃକ୍ତ ଅଧିକାରୀଙ୍କୁ ମଧ୍ୟ ଏହାର ଆଶୁ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୪ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୨,୯୫୦ଟି ଅଭିଯୋଗ ମଧ୍ୟରୁ ୧୨,୩୭୧ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୯୬ ପ୍ରତିଶତ ଅଟେ । ବାକି ରହିଥିବା ୫୭୯ଟି ଅଭିଯୋଗ ପ୍ରକ୍ରିୟା ମଧ୍ୟରେ ରହିଛି । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିୟମିତ ପ୍ରୟାସ ଯୋଗୁ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି । ଆଜି ଆସିଥିବା ଅଭିଯୋଗକାରୀମାନଙ୍କ ମଧ୍ୟରେ ଜଣେ ମହିଳା ହିତାଧିକାରୀ ମୁଖ୍ୟମନ୍ତ୍ରୀଙ୍କ ଯୋଗୁଁ ତାଙ୍କର ଦୀର୍ଘ ଦିନର ସମସ୍ୟା ଦୂର ହୋଇଥିବାରୁ ସେ ସ୍ୱତନ୍ତ୍ର ଭାବେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । କିଛି ଅଭିଯୋଗକାରୀ ନିଜର ବ୍ୟକ୍ତିଗତ ସମସ୍ୟାକୁ ନେଇ ବ୍ୟତିବ୍ୟସ୍ତ ଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଭରସା ଓ ଆଶ୍ୱାସନା ଦେଇ ବୁଝାଇଥିଲେ ଏବଂ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

### ଆପଣ ଆମ ପାଇଁ ...

ସବୁ ଜନ କଲ୍ୟାଣ ଯୋଜନାରୁ ବଞ୍ଚିତ କରିଥିଲେ । ଆପଣ ଆସିବାପରେ ଆମେ ନୂଆ ରାସନ କାର୍ଡ ପାଇଲୁ ଏବଂ ସୁଭଦ୍ରା ଯୋଜନାର ସହାୟତା ମଧ୍ୟ ପାଇଲୁ । ଆପଣ ଆମ ପାଇଁ କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି, ଆପଣ ଆମପାଇଁ ଜଣେ ମସିହା । ମହାପ୍ରଭୁଙ୍କୁ ପ୍ରାର୍ଥନା କରି ସେ କହିଲେ ଯେ ଆପଣ ପ୍ରତ୍ୟେକ ମସିହାରେ ଆମ ପାଇଁ ଏମିତି ମସିହା ହୋଇ ଆସୁଥାନ୍ତୁ । ଆଉ ମୁଖ୍ୟମନ୍ତ୍ରୀ କହିଥିଲେ ଆମ ସରକାର ସମସ୍ତଙ୍କ କଲ୍ୟାଣ ପାଇଁ ସମର୍ପିତ । 'ସବ୍‌କା ସାଥ୍ ସବ୍‌କା ବିଶ୍ୱାସ' ହେଉଛି ଆମ ଶାସନର ମନ୍ତ୍ର । ସମସ୍ତଙ୍କ କଲ୍ୟାଣ ଆମର ଲକ୍ଷ୍ୟ । ଗଣତାନ୍ତ୍ରିକ ପ୍ରକ୍ରିୟାରେ ସମସ୍ତଙ୍କ ସୁଖ ଦୁଃଖ ବୁଝିବା, ଶୁଣିବା ହେଉଛି ଆମର ଧର୍ମ । ଆମେ ସେହି ଧର୍ମକୁ ପାଳନ କରିଚାଲିଛୁ ଓ ଚାଲିବୁ ।

### ମିଳିତ ସ୍ନାତକସ୍ତର ନିଯୁକ୍ତି ...

ଧାର୍ଯ୍ୟ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଅଧୀନସ୍ଥ ଖ-ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ସ୍ୱତନ୍ତ୍ର ସେବା ଓ ପଦବୀରେ ନିଯୁକ୍ତି ନିମନ୍ତେ ମିଳିତ ସ୍ନାତକସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ ୨୨ର ସିଡ୍ୟୁଲ-୧ରେ ୧୪ଟି ନୂତନ ପଦବୀକୁ ଅନ୍ତର୍ଭୁକ୍ତ କରାଯିବା ସହିତ ପୂର୍ବରୁ ଅନ୍ତର୍ଭୁକ୍ତ ହୋଇଥିବା ୪ଟି ପଦବୀକୁ (କ୍ରମିକ ସଂଖ୍ୟା ୧୦, ୧୪,୧୭) ବାଦ୍ ଦିଆଯିବ । ଏହାଦ୍ୱାରା ଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସମସ୍ତ ୩୧ଟି ସ୍ୱତନ୍ତ୍ର ପଦବୀଗୁଡ଼ିକୁ ମିଳିତ ସ୍ନାତକସ୍ତର ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି । ଶ୍ରୀ କୁମାର କହିଛନ୍ତି ଯେ ଉଚ୍ଚ ମାଧ୍ୟମିକ(୧୦+୨) ସ୍ତର କିମ୍ବା ସମାନ ସ୍ତର ଅଧିନସ୍ଥ ସ୍ୱତନ୍ତ୍ର ସେବା ଓ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ ୨୦୨୨ର ସଂଶୋଧିତ ହୋଇ ସିଡ୍ୟୁଲରେ-୧ରେ ୧୧ ଗୋଟି ଭିନ୍ନ ପଦବୀ ଅନ୍ତର୍ଭୁକ୍ତ କରାଯାଇଛି । ବର୍ତ୍ତମାନ ଉପରୋକ୍ତ ନିୟମାବଳୀ, ୨୦୨୨ର ନିୟମ-୩ ରେ ଧାର୍ଯ୍ୟ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ ଉଚ୍ଚ ମାଧ୍ୟମିକ (୧୦+୨) ସ୍ତର କିମ୍ବା ସମାନସ୍ତର ଅଧୀନସ୍ଥ ସ୍ୱତନ୍ତ୍ର ସେବା ଓ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ, ୨୦୨୨ର ସିଡ୍ୟୁଲ-୧ରେଟି ନୂତନ ପଦବୀ ତଥା ସ୍ୱରାଷ୍ଟ୍ର ବିଭାଗର ରାଜ୍ୟ ଅପରାଧ ବିଜ୍ଞାନାଗାର ଅଧୀନରେ ଥିବା କନିଷ୍ଠ ଅପରାଧ ସହାୟକ ପଦବୀକୁ ଅନ୍ତର୍ଭୁକ୍ତ କରାଯିବ । ଫଳରେ ଓଡିଶା କର୍ମଚାରୀ ପ୍ରବରଣ ଆୟୋଗ ସର୍ବମୋଟ ୧୨ଟି ଭିନ୍ନ ପଦବୀଗୁଡ଼ିକୁ ମିଳିତ ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି ।

### ଭାରତ ଲଗାତାର ଦ୍ୱିତୀୟ ...

ଭାରତକୁ ୧୭-୧୪ର ଅଗ୍ରଣୀ ପ୍ରଦାନ କରିଥିଲା । ପ୍ରଥମାର୍ଦ୍ଧ ବେଳକୁ ଭାରତ ୨୦-୧୬ରେ ଆଗୁଆ ରହିଥିଲା । ଦ୍ୱିତୀୟାର୍ଦ୍ଧର ଆରମ୍ଭ ତାଇପେଇ ବୋନସ୍ ପଏଣ୍ଟ ସହ କରିଥିଲା । କିନ୍ତୁ ପୁଷ୍ପାଙ୍କ ୩ ପଏଣ୍ଟର ରେଡ୍ ଭାରତର ଅଗ୍ରଣୀକୁ ପୁଣିଥରେ ବୃଦ୍ଧି କରିଥିଲା । ତାଇପେଇ ରେଡ୍ ଏବଂ ଟ୍ୟାକଲ୍ ଜରିଆରେ ପ୍ରତ୍ୟାବର୍ତ୍ତନ ଉଦ୍ୟମ କରି ସ୍କୋର୍ ୨୫-୨୨ରେ ପହଞ୍ଚିଥିଲା । କିନ୍ତୁ ଭାରତର ସନ୍ତୁଳିତ ରେଡିଂ ଏବଂ ଶକ୍ତିଶାଳୀ ଡିଫେନ୍ସ ତାକୁ ଆଗକୁ ବଢ଼ିବାକୁ ଦେଇନଥିଲା । ଅନ୍ତିମ ଚାରି ମିନିଟ୍‌ରେ ତାଇପେଇ ସୁପର୍ ଟ୍ୟାକଲ୍ ଜରିଆରେ ବ୍ୟବଧାନ ୩୦-୨୬କୁ କମାଇ ଆଣିଥିଲେ ମଧ୍ୟ ଭାରତ ପୁଣିଥରେ ମ୍ୟାଚ୍‌ରେ ନିଜ ସ୍ଥିତି ମଜଭୁତ କରି ଆଉ ଏକ ଅଲ୍‌ଆଉଟ୍ କରିଥିଲା । ନିର୍ଦ୍ଧାରିତ ସମୟରେ ଭାରତ ୩୫-୨୮ରେ ଆଗୁଆ ରହିବା ସହିତ ବିଜୟୀ ହୋଇଥିଲା । ଏହା ଚୀନା ତାଇପେଇ ବିପକ୍ଷରେ ଭାରତର ଦ୍ୱିତୀୟ ବିଜୟ । ଏହା ପୂର୍ବରୁ ୨୦୨୩ ଏସିଆନ୍ ଗେମ୍ସ ଫାଇନାଲ୍‌ରେ ଟିମ୍ ୨୬-୨୫ରେ ବିଜୟ ହାସଲ କରିଥିଲା । ସେହି ଟୁର୍ଣ୍ଣାମେଣ୍ଟର ଗ୍ରୁପ୍ ମ୍ୟାଚ୍‌ରେ ଦୁଇ ଟିମ୍ ୩୪-୩୪ରେ ବରାବର ମଧ୍ୟ ରହିଥିଲେ । ଚଳିତ ବିଶ୍ୱକପ୍‌ରେ ଭାରତୀୟ ଟିମ୍ ଗ୍ରୁପ୍ ପର୍ଯ୍ୟାୟରୁ ନେଇ ଫାଇନାଲ୍ ପର୍ଯ୍ୟନ୍ତ ନିଜର ସମସ୍ତ ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରିଥିଲା । ନଭେମ୍ବର ୧୮ରେ ଥାଇଲାଣ୍ଡକୁ ୬୫-୨୦ରେ ହରାଇ ଭାରତ ଚମତ୍କାର ଆରମ୍ଭ କରିଥିଲା । ଏହାପରେ ନଭେମ୍ବର ୧୯ରେ ବାଂଲାଦେଶକୁ ୪୩-୧୮, ନଭେମ୍ବର ୨୦ରେ ଜର୍ମାନୀକୁ ୬୩-୨୨ ଏବଂ ନଭେମ୍ବର ୨୧ରେ ୟୁଗାଣ୍ଡାକୁ ୫୧-୧୬ରେ ମାତ୍ ଦେଇଥିଲା । ଭାରତ ସେମିଫାଇନାଲ୍‌ରେ ଇରାନ୍‌କୁ ୩୩-୨୧ରେ ହରାଇବା ପରେ ଫାଇନାଲ୍‌ରେ ତାଇପେଇ ବିପକ୍ଷରେ ୩୫-୨୮ର ବିଜୟ ସହିତ ଲଗାତାର ଦ୍ୱିତୀୟ ବିଶ୍ୱକପ୍ ଟାଇଟଲ୍ ଜିତିଛି ।

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ନିମାପଡ଼ା,୨୪।୧୧/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ନିମାପଡ଼ା ବ୍ଲକର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି । ପ୍ରଥମେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୪୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୪ଟି ନୂତନ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଶିଳାନ୍ୟାସ ହୋଇଯାଇଛି । ଶିଳାନ୍ୟାସ ଉତ୍ସବରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ସହ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉପ-ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅଧ୍ୟକ୍ଷା ଅମିତା ମହାନାୟକ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ଡ଼ଃ ମନୋଜ କୁମାର ପ୍ରଧାନ, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ମୌସୁମୀ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ହରିଶ୍ଚନ୍ଦ୍ର ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ସ୍ମୃତି ରଂଜନ କାନୁନଗୋ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାଶ, ଡ଼ଃ ରବୀନ୍ଦ୍ର ପାଢ଼ୀ, ମାନସ ରଂଜନ ସ୍ୱାଇଁ, ପ୍ରବୀର କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ । ସେହିପରି ନିମାପଡ଼ା ଗୋଲେଇ ଛକ ନିକଟରେ ପ୍ରାଚୀ ଜଳସେଚନ ବିଭାଗ ତରଫରୁ ୮କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ବିଷ୍ଣୁପୁର, ନିମାପଡ଼ା, ଭାରତୀସାହି କେନାଲର କଂକ୍ରିଟ୍ ଲାଇନିଂ ଏବଂ ୨କୋଟି ୨୪ଲକ୍ଷ ଟଙ୍କା ବ୍ୟୟରେ ମିଟେଇପୁର, ଭିଲ୍ଲିଶାସନ, ଭିଲ୍ଲିଦେଉଳି ଓ ଭିଲ୍ଲିଗ୍ରାମକୁ ସଂଯୋଗ କରୁଥିବା କେନାଲ ବନ୍ଧର ସାଇଡ଼ ୱାଲ୍ ଓ ଢ଼ଳେଇ ରାସ୍ତା ନିର୍ମାଣ କରାଯିବାକୁ ଶିଳାନ୍ୟାସ ହୋଇଥିବା ବେଳେ ଏହି କେନାଲ ବନ୍ଧର ଅଂଶାଲୋ ଛକରୁ ଭିଲ୍ଲିଶାସନ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାର ଆଉ କିଛି ରାସ୍ତା ବାକି ରହୁଥିବାରୁ ଗ୍ରାମବାସୀଙ୍କ ଦାବି ମୁତାବକ ଅବଶିଷ୍ଟ ବାକି ରହୁଥିବା କେନାଲ ବନ୍ଧ ରାସ୍ତା କାର୍ଯ୍ୟ ସଂପୂର୍ଣ୍ଣ କରାଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଉତ୍ସବରେ ଉପ-ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରାଚୀ ଡିଭିଜନ୍ ଅଧୀକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାନ୍ତ ଷଡ଼ଙ୍ଗୀଙ୍କ ସମେତ ଠିକା ସଂସ୍ଥାର ଠିକାଦାର ଉପସ୍ଥିତ ଥିଲେ । ଏହି ଅବସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପୂର୍ତ୍ତି ଅବସରରେ ନିମାପଡ଼ା ଗୋଲେଇ ଛକଠାରେ ବନ୍ଦେ ମାତରମ୍ ଜାତୀୟ ସଂଗୀତ ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ବରିଷ୍ଠ ବିଜେପି ନେତା ଶ୍ୟାମସୁନ୍ଦର ନାୟକ, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ଆତ୍ମା ଅଧ୍ୟକ୍ଷ ଦିଲ୍ଲୀପ କୁମାର ପରିଡ଼ା, ଯୁବନେତା ଯତିନ୍ଦ୍ର ସ୍ୱାଇଁ, ସନ୍ତୋଷ ପରିଡ଼ା, ଯୁବ ସଭାପତି ସାଇପ୍ରିତମ୍ ପଟ୍ଟ ନାୟକଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ ।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ପଥରରେ ଛେଚି ହତ୍ୟା

**ନୟାଗଡ଼,୨୪।୧୧/ଏନ୍‌ଏନ୍‌ଏସ୍:** ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ଘଡ଼ୁଆଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ କିଛି ବ୍ୟକ୍ତି ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ପଥରରେ ଛେଚି ହତ୍ୟା କରିଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି । ମୃତ ଯୁବକ ଜଣକ ହେଲେ କୈଳାଶ ମାଝୀଙ୍କ ପୁଅ ପିଣ୍ଟୁ ମାଝୀ । ଏହି ମାମଲାରେ ପୁଲିସ ଦୁଇ ଜଣଙ୍କୁ ଥାନାରେ ଅଟକ ରଖିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ନାବାଳିକା ଅଛି । ଏହି ଘଟଣାରେ ଫେରାର ଥିବା ଯୁଗଳ ପରିଡ଼ା ଓ ତାଙ୍କ ପୁଅ ଜଗୁଲିକୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ଗାଁରେ ପୁଲିସ ମୁତୟନ କରାଯାଇଛି । ମୃତ ପିଣ୍ଟୁଙ୍କ ମା' ମାଳିଆ ମାଝୀ ଥାନାରେ କରିଥିବା ଅଭିଯୋଗ ମୁତାବକ, ଗତକାଲି ବିଳମ୍ବିତ ରାତିରେ ଉଭୟ ଥାନାରେ ଅଟକ ଓ ଫେରାର ଥିବା ବ୍ୟକ୍ତିମାନେ ମାରଣାସ୍ତ୍ର ଧରି ତାଙ୍କ ଘର ସମ୍ମୁଖରେ ପହଞ୍ଚିଥିଲେ । ସେମାନେ ଅତ୍ୟନ୍ତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସମସ୍ତଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଉଥିଲେ । ଏହା ଶୁଣିବା ପରେ ମାଳିଆ ଆସି ଏହାକୁ ବିରୋଧ କରିବା ସହ ଏମିତି ପାଟିତୁଣ୍ଡ ନ କରିବା ପାଇଁ ନିବେଦନ କରିଥିଲେ । ମାତ୍ର ଆକ୍ରମଣକାରୀମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ମାଳିଆଙ୍କ ଚିତ୍କାର ଶୁଣିବା ପରେ ତାଙ୍କ ପୁଅ ପିଣ୍ଟୁ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ । ସେମାନେ ପିଣ୍ଟୁଙ୍କୁ ଆକ୍ରମଣ କରିବାରୁ ସେ ତଳେ ପଡ଼ିଯାଇଥିଲେ । ଆକ୍ରମଣକାରୀମାନେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ପିଣ୍ଟୁ ଛଟପଟ ହେଉଥିବା ବେଳେ ସମସ୍ତେ ସେଠାରୁ ଫେରାର ହୋଇଯାଇଥିଲେ । ପରେ ପିଣ୍ଟୁଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଘଟଣାସ୍ଥଳରେ ଟାଉନ ଥାନା ପୁଲିସ ପହଞ୍ଚି ଆକ୍ରମଣକାରୀଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ସମସ୍ତେ ଫେରାର ହୋଇଯାଇଥିଲେ । ମାତ୍ର ସଞ୍ଜୁ ପରିଡ଼ା ଓ ତାଙ୍କ ନାବାଳିକା ଝିଅକୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି । ଆସନ୍ତାକାଲି ସଞ୍ଜୁଙ୍କୁ କୋର୍ଟ ଚାଲାଣ କରାଯିବା ସହ ତାଙ୍କ ନାବାଳିକା ଝିଅକୁ ଅନୁଗୁଳସ୍ଥିତ 'ସୁଧାର ଗୃହ'କୁ ପଠାଇ ଦିଆଯାଇଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ, ଉଭୟ ହତ୍ୟାକାରୀ ଓ ହତ୍ୟାକାଣ୍ଡର ଶିକାର ଯୁବକଙ୍କ ପରିବାର ସମ୍ପର୍କୀୟ ଅଟନ୍ତି । ମୃତ ପିଣ୍ଟୁଙ୍କ ପିଇସି ପୁଅ ଭାଇ ହେଲା ଜଗୁଲି । ବିଭିନ୍ନ କାରଣରୁ ଦୀର୍ଘଦିନ ହେଲା ଉଭୟ ପରିବାର ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ହେଉଥିବା କୁହାଯାଉଛି ।

## କଣ୍ଟେନରକୁ ପିଟିଲା ଆମ୍ବୁଲାନ୍ସ: ଡ୍ରାଇଭର୍ ସମେତ ୩ ଗୁରୁତର

**ଭୁଷଣ୍ଡପୁର,୨୪।୧୧/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଥାନା ଅଧିନସ୍ଥ ୧୬ ନମ୍ବର ଜାତୀୟ ରାଜପଥର କୁହୁଡି ନିକଟରେ ରାସ୍ତା ପାର୍ଶ୍ୱରେ ଖରାପ ହୋଇ ଛିଡା ହୋଇଥିବା ଏକ କଣ୍ଟେନର କୁ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ଆମ୍ବୁଲାନ୍ସ ପିଟି ହେବା ଫଳରେ ଆମ୍ବୁଲାନ୍ସ ଡ୍ରାଇଭର, ହେଲପର ସମେତ ତିନିଜଣ ଗୁରୁତର ହୋଇଥିବା ଜଣାପଡିଛି ।




ଆମ୍ବୁଲାନ୍ସଟିର ସମ୍ମୁଖ ଭାଗ ଚୁରମାର ହୋଇଯାଇଥିବା ବେଳେ ଡ୍ରାଇଭର, ଆଟେଣ୍ଡାଣ୍ଟ ଓ ଅନ୍ୟଜଣେ ଗୁରୁତର ହୋଇଥିଲେ । ଘଟଣାସ୍ଥଳରେ ଟାଙ୍ଗୀ ଆଇଆଇସି ରବିନ୍ଦ୍ର ଭୂଜବଳ ପୁଲିସ ଗାଡିରେ ଗୁରୁତର ତିନିଜଣଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ । ତେବେ ତିନିଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଏମ୍‌ସ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଟାଙ୍ଗୀ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

## ଷଣ୍ଢ ଆକ୍ରମଣରେ ବୃଦ୍ଧ ଗୁରୁତର



**ମାହାଙ୍ଗା,୨୪।୧୧/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ଗ୍ରାମରେ ଷଣ୍ଢ ଆକ୍ରମରେ ଜଣେ ଆହତ ହୋଇ ଅନ୍ୟ ଜଣେ ବୃଦ୍ଧ ଗୁରୁତର ହୋଇ କଟ କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ସୂଚନା ମୁତାବକ ଏହି ଗ୍ରାମର ବ୍ରହ୍ମାନନ୍ଦ ମହାପାତ୍ର(୭୦) ଗତକାଲି ସନ୍ଧ୍ୟାରେ ଭୋଜି ଖାଇ ନିଜ ଘରକୁ ଫେରୁଥିବା ସମୟରେ ମା' ବୁଢ଼ି ଜାଗୁଳାଇ ଠାକୁରାଣୀଙ୍କ ନିକଟରେ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା । ଯାହା ଫଳରେ ତାଙ୍କ ମୁଣ୍ଡ, ପଞ୍ଜରା ହାଡ ଏବଂ ଜଙ୍ଘରେ ଗଭିର ଆଘାତ ହୋଇଥିଲା । ପ୍ରଥମେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି । ସେହିପରି ୫ ଦିନ ପୂର୍ବରୁ ସେହି ଗ୍ରାମର ବିନୋଦ କୁମାର ପ୍ରଧାନ(୫୦)ଙ୍କୁ ଆକ୍ରମଣ କରି ଆହତ କରିଥିବା ଜଣାଯାଇଛି । ତେଣୁ ଏହି ମାରଣା ଷଣ୍ଢଟିକୁ ପ୍ରଶାସନ ପକ୍ଷରୁ କାବୁକରି ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ଗୋରୁ ବୋଝେଇ କଣ୍ଟେନର୍ ଜବତ, ଚାଳକ ସହ ୨ ଗିରଫ

**ଖୋର୍ଦ୍ଧା,୨୪।୧୧/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୁଲିସ୍ ଦ୍ୱାରା ଏକ କଣ୍ଟେନର୍‌ରେ ଅବୈଧ ଭାବେ ପରିବହନ ହେଉଥିବା ୧୦ଟି ବଳଦ, ୧୨ଟି ଗାଈ ଓ ଗୋଟିଏ ମଇଁଷିକୁ ଉଦ୍ଧାର କରାଯାଇଛି । ଏହି କଣ୍ଟେନର୍‌ଟି ଆନ୍ଧ୍ରପ୍ରଦେଶର ରାଜମଣ୍ଡ୍ରି ଠାରୁ କୋଲକାତାକୁ ଗୋରୁ ନେଇ ଯାଉଥିଲା ବୋଲି ପ୍ରାରମ୍ଭିକ ତଦନ୍ତରେ ପ୍ରକାଶ ପାଇଛି । ଯାଞ୍ଚ ସମୟରେ ଚାଳକ ଗାଈ ପରିବହନ ସମ୍ବନ୍ଧୀୟ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନଥିବାରୁ ଚାଳକ ସହିତ ଅନ୍ୟ ୨ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି ଓ ଟ୍ରକ୍‌ଟିକୁ ଜବତ କରାଯାଇଛି ।

## ଦୁର୍ଘଟଣାରେ ଯୁବକ ମୃତ

**କିଶୋରନଗର,୨୪।୧୧/ଏନ୍‌ଏନ୍‌ଏସ୍:** କିଶନନଗର ଥାନା ଅନ୍ତର୍ଗତ କଟକ-ପାରାଦ୍ୱୀପ ରାଜ୍ୟ ରାଜପଥର ରାମକୁମାରପୁର ପେଟ୍ରୋଲ ପମ୍ପଠାରେ ଦୁଇ ମୋଟର ସାଇକେଲ ମଧ୍ୟରେ ଦୁର୍ଘଟଣା ଘଟି ଜଣେ ମୃତ୍ୟୁବରଣ କରିଥିବା ବେଳେ ଦୁଇଜଣ ଆହତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସା ହେଉଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ପ୍ରଶାନ୍ତ ସେଠୀ(୫୮) ବାଇକ ଯୋଗେ ରାମକୁମାରପୁରରେ ଥିବା ପେଟ୍ରୋଲ ପମ୍ପରେ ପେଟ୍ରୋଲ ପକାଇବା ପାଇଁ ମୁଖ୍ୟ ରାସ୍ତା ଅତିକ୍ରମ କରୁଥିବା ସମୟରେ କଟକ ପଟୁ ଦ୍ରୁତଗତିରେ ଆସୁଥିବା ଅନ୍ୟ ଏକ ବାଇକ୍‌ରେ ସତ୍ୟଜିତ ଦାସ(୨୨), ରାଜେଶ ଭୋଇ(୧୮) ଆସି ପ୍ରଶାନ୍ତଙ୍କ ବାଇକ ପଛପଟୁ ପିଟିଥିଲେ । ଯାହା ଫଳରେ ପ୍ରଶାନ୍ତ ରାସ୍ତା ଉପରେ ଛିଟିକି ପଡ଼ିଥିଲେ ଓ ତାଙ୍କର ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନୀୟ ଲୋକମାନେ ପଠାଇଥିଲେ । ରାଜେଶ ଓ ସତ୍ୟଜିତ ମଧ୍ୟ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ । ମେଡିକାଲରେ ପ୍ରଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ଜଣାପଡ଼ିଛି । ପ୍ରଶାନ୍ତ କିଶନନଗର ଥାନା ଅନ୍ତର୍ଗତ ତେଲଦିଆ ଗ୍ରାମର ଏବଂ ରାଜେଶ ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଅନ୍ତର୍ଗତ କଲନ୍ତିରା ଗ୍ରାମର ହୋଇଥିଲା ବେଳେ ସତ୍ୟଜିତ ବିଲହାଟ ଗ୍ରାମର ବୋଲି ଜଣାପଡ଼ିଛି । ଖବର ପାଇ ସ୍ଥାନୀୟ ପୁଲିସ ଏଏସ୍‌ଆଇ ଶୁଭ୍ରାନ୍ତ ଭୋଇ ପହଞ୍ଚି ଦୁଇ ବାଇକ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି ।

## ପୋଖରୀରୁ ଯୁବକଙ୍କ ଶବ ଉଦ୍ଧାର

**କୋଣାର୍କ,୨୪।୧୧/ଏନ୍‌ଏନ୍‌ଏସ୍:** ସୋମବାର ରାମଚଣ୍ଡୀ ଥାନା ଅଧୀନ ଇଡିଭୁଆଁ ପଞ୍ଚାୟତ ପିତାପଡା ଗ୍ରାମର ରବୀନ୍ଦ୍ର ଭୋଇଙ୍କ ପୁତ୍ର ଜୀବନ ଭୋଇ(୨୬) ନାମକ ଜଣେ ଯୁବକ ଇଡିଭୁଆଁ ବଡ଼ଗାଁ ମୁଖ୍ୟ ରାସ୍ତାରେ ଥିବା ଚଉଦପା ବ୍ରିଜ ନିକଟ ପୋଖରୀରେ ସନ୍ଦେହଜନକ ଭାବେ ମରି ଭାସୁଥିବା ସ୍ଥାନୀୟ ଲୋକମାନେ ଦେଖି ରାମଚଣ୍ଡୀ ପୁଲିସ୍‌କୁ ଖବର ଦେଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ପରେ ସାଇଣ୍ଟିଫିକ ଟିମ ପହଞ୍ଚି ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ଉପସ୍ଥିତିରେ ଟିକିନିଖି ତଦନ୍ତ କରିଥିଲେ । ପରେ



ଶବ ବ୍ୟବଚ୍ଛେଦ ପାଇଁ ପୁରୀ ହସ୍ପିଟାଲକୁ ପଠାଯାଇଥିଲା । ବ୍ୟବଚ୍ଛେଦ ପରେ ପୁଲିସ ଶବ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି । ରାମଚଣ୍ଡୀ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ନେଇ ଥାନାଧିକାରୀ ବିଚିତ୍ରାନନ୍ଦ ପରିଡ଼ା ସୂଚନା ଦେଇଛନ୍ତି ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ



**ଓଡ଼ଗାଁ,୨୪।୧୧/ଏନ୍‌ଏନ୍‌ଏସ୍:** ଓଡଗାଁ ଆଦର୍ଶ ଥାନା ଅନ୍ତର୍ଗତ ପଥରା ଛକଠାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁଯାଇ ଆଜି ଦିନ ଗୋଟାଏ ସମୟରେ ଓଡଗାଁ ଏନ୍‌ଏସି ଅନ୍ତର୍ଗତ ପାଇକସାହିର ଶୁଭେନ୍ଦୁ ଦଳବେହେରାଙ୍କ ବଡ଼ପୁଅ ଦିଲ୍ଲୀପ(୩୨) କୌଣସି କାର୍ଯ୍ୟରେ ନୋତର ଗ୍ରାମକୁ ଯାଇ ଫେରୁଥିବାବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକଅଜଣା ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ହୋଇପଡ଼ିଥିଲେ । ଖବରପାଇ ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଚିକିତ୍ସାପାଇଁ ଓଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେକ୍ଷସେ ବିବାହିତ ହୋଇଥିବା ବେଳେ ତାଙ୍କର ଦୁଇଟି ଛୋଟଛୋଟ ପୁତ୍ର ସନ୍ତାନ ଅଛନ୍ତି । ସେ ଜଣେ ସହଯୋଗକାରୀ ମନବୃତ୍ତିର ଯୁବକ ହୋଇଥିବାରୁ ତାଙ୍କର ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି କ୍ଷଖବରପାଇ ଆଦର୍ଶ ଥାନା ପୁଲିସ୍ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି ।

### ଆଜି ରାମମନ୍ଦିର ଶୀର୍ଷରେ ...

କାଲି ପ୍ରଧାନମନ୍ତ୍ରୀଙ୍କ ଆଗମନ ଏବଂ ମନ୍ଦିରର ଧ୍ୱଜାରୋହଣ କାର୍ଯ୍ୟକ୍ରମର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଅଯୋଧ୍ୟା ସହରକୁ କଡ଼ା ସୁରକ୍ଷା ବଳୟରେ ରଖାଯାଇଛି । ସେହିପରି କାର୍ଯ୍ୟକ୍ରମର ଦିନକ ପୂର୍ବରୁ ଅର୍ଥାତ୍ ସୋମବାର ନିଜେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମ ମନ୍ଦିର ଗସ୍ତ କରିବା ପୂର୍ବକ ମନ୍ଦିର ପ୍ରଶାସନ ଏବଂ ଜିଲ୍ଲା କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଉତ୍ତରପ୍ରଦେଶର ରାଜ୍ୟପାଳ ଆନନ୍ଦିବେନ୍ ପଟେଲ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ୍ ଭାଗବତ୍, ୨ ରାଜ୍ୟ ମନ୍ତ୍ରୀ, ୨ ଉପମୁଖ୍ୟମନ୍ତ୍ରୀଙ୍କ ସହ ନିଜେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ । ରାମ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଦିଆଯାଇଥିବା ସୂଚନାନୁଯାୟୀ ନିଜ ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମେ ଅଯୋଧ୍ୟାର ଲୋକମାନଙ୍କୁ ଅଭିବାଦନ କରିବେ ଏବଂ ତା'ପରେ ମନ୍ଦିରକୁ ଯିବେ । ପ୍ରାୟ ସକାଳ ୧୦ଟାରେ, ସେ ମହର୍ଷି ବଶିଷ୍ଠ, ମହର୍ଷି ବିଶ୍ୱାମିତ୍ର, ମହର୍ଷି ଅଗସ୍ତ୍ୟ, ମହର୍ଷି ବାଲ୍ମିକି, ଦେବୀ ଅହଲ୍ୟା, ନିଷାଦରାଜ ଗୁହା ଏବଂ ମାତା ଶବରୀଙ୍କ ମନ୍ଦିରରେ ପ୍ରାର୍ଥନା କରିବା ପାଇଁ ସପ୍ତମନ୍ଦିର ପରିସର ପରିଦର୍ଶନ କରିବେ । ତା'ପରେ ସେ ଶେଷାବତାର ମନ୍ଦିରରେ ପୂଜା କରିବେ, ତା'ପରେ ପ୍ରାୟ ୧୧ ଟାରେ ମାତା ଅନ୍ନପୂର୍ଣ୍ଣା ମନ୍ଦିର ପରିଦର୍ଶନ କରିବେ । ତା'ପରେ, ସେ ରାମ ଦରବାରର ଗର୍ଭଗୃହରେ ପ୍ରାର୍ଥନା କରିବେ । ପ୍ରାୟ ୧୨ ଟାରେ, ପ୍ରଧାନମନ୍ତ୍ରୀ ମନ୍ଦିର ଉପରେ ୧୦ ଫୁଟ୍ ଉଚ୍ଚ, ୨୦ ଫୁଟ୍ ଲମ୍ବା ତ୍ରିକୋଣୀୟ ଗିରଗାଣ ଧ୍ୱଜାର ଉତ୍ତୋଳନ କରିବେ । ପ୍ରଭୁ ରାମଲାଲାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବା ପରେ ପରେ ଏଠାରେ ନିୟମିତ ପୂଜାପାଠ ଚାଲିଆସୁଥିଲେ ମଧ୍ୟ ମନ୍ଦିରର କିଛି ଚାରୁକାର୍ଯ୍ୟ ବାକି ରହିଥିଲା । ତେବେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ନିୟମିତ ଭାବେ ଏଠାରେ ଏସବୁ ବାକି କାର୍ଯ୍ୟଗୁଡ଼ିକୁ ଶେଷ କରାଯିବା ପ୍ରକ୍ରିୟା ଜାରି ରହିଥିଲା । ଏସବୁ କାର୍ଯ୍ୟ ଶେଷ ହେବା ପରେ ମନ୍ଦିର ପୂର୍ଣ୍ଣାଙ୍ଗ ରୂପ ନେଇଥିବା ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି । ତେବେ ଆସନ୍ତାକାଲିର ଧ୍ୱଜାରୋହଣ ସମାରୋହକୁ କୋଟି କୋଟି ରାମଭକ୍ତଙ୍କ ପାଇଁ ସିଧା ପ୍ରସାରଣ କରାଯିବାର ବ୍ୟବସ୍ଥା କରାଯାଇଛି, ଯାହାଦ୍ୱାରା ସେମାନେ ଏହି ଐତିହାସିକ ଅବସର ବା ମୁହୂର୍ତ୍ତର ମୂକସାକ୍ଷୀ ରହିପାରିବେ । ପାରମ୍ପରିକ ଉତ୍ତର ଭାରତୀୟ ନାଗରା ସ୍ଥାପତ୍ୟ ଶୈଳୀରେ ନିର୍ମିତ ମନ୍ଦିରର ଶିଖରରେ ଧର୍ମ ପତାକା ଉତ୍ତୋଳନ କରାଯିବ । ଏହା ଚାରିପାଖରେ ଦକ୍ଷିଣ ଭାରତୀୟ ସ୍ଥାପତ୍ୟରେ ନିର୍ମିତ ଏକ ୮୦୦ ମିଟର ଘେରା ଅଛି, ଯାହା ଭାରତର ସମୃଦ୍ଧ ସ୍ଥାପତ୍ୟ ବିବିଧତାକୁ ପ୍ରତିଫଳିତ କରେ । ମୁଖ୍ୟ ମନ୍ଦିରର ବାହାର କାନ୍ଥରେ ୮୭ଟି ଖୋଦିତ ପଥର ପ୍ୟାନେଲ ପ୍ରଦର୍ଶିତ ହୋଇଛି ଯାହା ଭଗବାନ ରାମାୟଣ ଉପରେ ଆଧାରିତ ଅଟେ, ଯେତେବେଳେ ପରିଧିରେ ୭୯ଟି ବ୍ରୋଞ୍ଜ ପ୍ୟାନେଲ ଭାରତର ସାଂସ୍କୃତିକ ପରମ୍ପରାର ଦୃଶ୍ୟଗୁଡ଼ିକୁ ଦର୍ଶାଉଛି ।

### ଆଇଏଲ୍‌ଏସ୍ ଉଦ୍ଭାବନ କଲା ...

ତଥା ରାଜ୍ୟକୁ ଟିବି ମୁକ୍ତ କରିବା ଦିଗରେ ସୁରକ୍ଷା କବଚ ଭଳି କାର୍ଯ୍ୟ କରିବ 'ଐଝଚ ୧୬.୩ଉଉ୪' । ଏହି ଟିକାର ପରୀକ୍ଷା ୧୨ ବର୍ଷ ଧରି କରାଯାଇଥିଲା । ଯାହା କେବଳ ମୂଷା ଉପରେ ପରୀକ୍ଷଣ ପାଇଁ ୫ରୁ ୭ ବର୍ଷ ସମୟ ଲାଗିଥିଲା । ଏହା ପୂର୍ବରୁ ୨ ବର୍ଷ ଧରି ଟିକା ଉପରେ ପରୀକ୍ଷା କରାଯାଇଥିଲା । ଏପରି ଦେଖିବାକୁ ଗଲେ ଏହି ଟିକା ପାଇଁ ସର୍ବ ମୋଟ୍ ଆକାରରେ ୧୨ ବର୍ଷ ସମୟ ଲାଗିଥିଲା । ବର୍ତ୍ତମାନ ବାସିଲସ୍ କାଲମେଟ୍-ଗୁଏରିନ୍(ବିସିଜି) ହେଉଛି, ଏପର୍ଯ୍ୟନ୍ତ ଯକ୍ଷ୍ମା ପାଇଁ ଏକ ମାତ୍ର ଅନୁମୋଦିତ ଟିକା । ତେବେ ତା ତୁଳନାରେ ଏହି 'ଐଝଚ ୧୬.୩ଉଉ୪' ଟିକା ବହୁତ ପ୍ରଭାବୀ ଅଟେ । ଏହି ଟିକା କୋଷିକାର ଟି-ସେଲ୍ ମେମୋରୀ ଓ ବି-ସେଲ୍ ମେମୋରୀକୁ ନିରନ୍ତର ସକ୍ରିୟ ରଖିଥାଏ । ଯାହା ଫଳରେ ନିରନ୍ତର ଜୀବାଣୁ ମାରିବା ଦିଗରେ ସଂଗ୍ରାମ କରିଥାଏ । ଏହା ଯୁବପିଢ଼ିଙ୍କ କ୍ଷେତ୍ରରେ ଭଲ କାର୍ଯ୍ୟ କରିବ । ଯାହା ଲୋକଙ୍କୁ ସ୍ଥାୟୀ ଯକ୍ଷ୍ମା ପ୍ରତିରୋଧକ କ୍ଷମତା ଓ ପ୍ରତିରକ୍ଷା ଦେଇପାରିବ । ଏହା ଜୀବାଣୁ ବିରୋଧରେ ଦୀର୍ଘ ସମୟ ଧରି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବ । ଏହା କୋଷୀୟ ଏବଂ ହ୍ୟୁମୋରାଲ୍ ପ୍ରତିକ୍ରିୟା ଉଭୟକୁ ବୃଦ୍ଧି କରି ପଲ୍‌ମୋନାରୀ ଜୀବାଣୁ ବିରୋଧରେ ସଂଗ୍ରାମ କରିବ ।

### ଶେଷ ନିଦ୍ରାରେ ହି-ମ୍ୟାନ୍ ...

ଖରାପ ହେବାରୁ ତାଙ୍କୁ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ନିକଟରେ ସେ ସାମାନ୍ୟ ସୁସ୍ଥ ହୋଇ ହସ୍ପିଟାଲରୁ ଘରକୁ ଫେରିଥିଲେ । ତାଙ୍କ ଘରେ ଧର୍ମେନ୍ଦ୍ରଙ୍କ ଯତ୍ନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା, କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ିବାକୁ ଲାଗିଲା । ଡାକ୍ତରମାନଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇପାରିନାହିଁ । ଶେଷରେ ସେ ସମସ୍ତଙ୍କୁ ସବୁଦିନ ପାଇଁ ଶୋକସାଗରରେ ଭସାଇ ଆଜି ଆରପାରିକୁ ଚାଲିଯାଇଛନ୍ତି । ଧର୍ମେନ୍ଦ୍ର ନିଜ ଫିଲ୍ମ କ୍ୟାରିୟର ଅନେକ ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି । ଶତାଧିକ ଫିଲ୍ମରେ ତାଙ୍କ ନିଖୁଣ ଅଭିନୟ ସବୁଦିନ ପାଇଁ ଦର୍ଶକଙ୍କ ପାଖେ ତାଙ୍କୁ ଚିରଜୀବନ୍ତ କରି ରଖିବ । ନିକଟରେ ସେ ଏକ ଫିଲ୍ମ 'ଇକ୍କିସ'ରେ ମଧ୍ୟ ଅଭିନୟ କରିଛନ୍ତି ଯାହାକି ଆଗାମୀ ଦିନରେ ମୁକ୍ତିଲାଭ କରିବ । ପରଦା ଉପରେ ଜଣେ ବଳିଷ୍ଠ ହୃଦୟବାନ ବ୍ୟକ୍ତିତ୍ୱ ଭାବେ ନିଜକୁ ପ୍ରଦର୍ଶିତ କରୁଥିବା ଧର୍ମେନ୍ଦ୍ର ବାସ୍ତବ ଜୀବନରେ ମଧ୍ୟ ଜଣେ ନିର୍ଭିକ, ମେଳାପୀ ଏବଂ ବନ୍ଧୁବତ୍ସଳ ମଣିଷ ଥିଲେ ।

## ଆଜିର ଇତିହାସ

- ୧୯୪୮-ରାଷ୍ଟ୍ରୀୟ କ୍ୟାଡେଟ୍ କୋର୍‌ର ସ୍ଥାପନା ହୋଇଥିଲା।
- ୧୯୮୨-ପ୍ରସିଦ୍ଧ ମହିଳା କ୍ରିକେଟର୍ ଝୁଲନ ଗୋସ୍ୱାମୀଙ୍କ ଜନ୍ମଦିନ।
- ୧୯୮୭-ପରମବୀର ଚକ୍ର ଦ୍ୱାରା ସମ୍ମାନିତ ଭାରତୀୟ ସୈନିକ ମେଜର ରାମାସ୍ୱାମୀ ପରମେଶ୍ୱରନ୍‌ଙ୍କ ନିଧନ।
- ୧୯୮୪-ପଞ୍ଚମ ଉପ-ପ୍ରଧାନମନ୍ତ୍ରୀ ଯଶୋବନ୍ତ ଚୌହାନଙ୍କ ନିଧନ।
- ୧୯୮୧-ହିନ୍ଦୀ ଫିଲ୍ମର ପ୍ରସିଦ୍ଧ ସଙ୍ଗୀତକାର ଆର୍‌ସି ବୋରାଲ୍‌ଙ୍କ ନିଧନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ:** ଆତ୍ମବିଶ୍ୱାସ ବୃଦ୍ଧି ହେବ। ଉର୍ଜାର କାମ ପରିଷ୍କାର ନଜର ଆସିବ। ଅଟକିଥିବା କାମ ପୂରା ହେବ। ବ୍ୟକ୍ତିଗତ କଥା କହିବା ପାଇଁ ସଠିକ୍ ସମୟ। ଆର୍ଥିକ ସ୍ଥିତି ସନ୍ତୁଳିତ ରହିବ।

**ବୃଷ:** ସ୍ଥିର ରହି ସକାରାତ୍ମକ ଦିଗରେ ଆଗକୁ ବଢ଼ିବେ। ପୁରୁଣା ସମ୍ପର୍କ ଲାଭରେ ପକେଇବ। ଘରେ ମରାମତି ହୋଇପାରେ। ସ୍ୱାସ୍ଥ୍ୟରେ କ୍ଳାନ୍ତିପଣ, ମୁଣ୍ଡବିନ୍ଧା ଅନୁଭବ କରିବେ। ସମ୍ପର୍କରେ ସମ୍ବାଦ ବଢ଼ିବ।

**ମିଥୁନ:** ଆଜି ଦ୍ରୁତ ଓ ସକ୍ରିୟ ରହିବେ। ନୂଆ ଅବସର ଆସିବ। ଯୋଜନାଗୁଡ଼ିକୁ ସମର୍ଥନ ମିଳିବ। କାମକୁ ପ୍ରଶଂସା ମିଳିବ। ଯାତ୍ରା, ସାକ୍ଷାତକାର ଓ ମିଟିଂ ସହିତ ଜଡ଼ିତ ଖବର ମିଳିପାରେ।

**କର୍କଟ:** ଭାବୁକ ରହିବେ। ଆପଣଙ୍କ ସପକ୍ଷରେ ସବୁ କଥା ଯିବ। ପ୍ରେମ ଜୀବନରେ କୌଣସି କଥା ଆଗକୁ ବଢ଼ିପାରେ। ଆର୍ଥିକ ମାମଲାରେ ସୁଧାର ଆସିବ। ଅନାବଶ୍ୟକ ଖର୍ଚ୍ଚ ହୋଇପାରେ।

**ସିଂହ:** ଏନର୍ଜି ଉଚ୍ଚ ସ୍ତରରେ ରହିବ। ବ୍ୟକ୍ତିତ୍ୱ ଲୋକଙ୍କୁ ପ୍ରଭାବିତ କରିବ। ପରିଣାମ ଆଶାଠାରୁ ଭଲ ରହିବ। ଯାତ୍ରା କରିବେ। ଶୋ ଅଫ୍ କରିପାରନ୍ତି। ଅର୍ଥକୁ ସୁରକ୍ଷିତ ରଖିବେ।

**କନ୍ୟା:** ଧୀରେ ଧୀରେ ପ୍ରଗତି ହେବ। ଖୁବ୍ ଭଲ ପରିଣାମ ପାଇବେ। ପରିବାରର ପରିବେଶ ଶାନ୍ତ ରହିବ। ପରିଚିତଙ୍କ ସହିତ କଥାବାର୍ତ୍ତା କରିବେ। ସୁସ୍ଥ ରହିବେ। କାମକୁ ସୀମିତ କରି ରଖନ୍ତୁ।

**ତୁଳା:** କାମର ଚାପ ଅଧିକ ରହିବ। ଜରୁରୀ ଫାଇଲ୍, ରିପୋର୍ଟ ବା ମିଟିଂକୁ ନେଇ ଚାପ ଅନୁଭବ କରିବେ। ସ୍ଥିତି ଆପଣଙ୍କ ପକ୍ଷରେ ଯିବ। ପୁରୁଣା କଥାର ସମାଧାନ କରିବେ।

**ବିଛା:** ଦିନଟି ସକାରାତ୍ମକ ରହିବ। ଦୀର୍ଘ ଦିନର କାମ ଆଗକୁ ବଢ଼ିବ। ଅଫିସ୍‌ରେ ଇମେଜ ଖୁବ୍ ଭଲ ରହିବ। ଛୋଟ ଯାତ୍ରା କରିପାରନ୍ତି। ନୂଆ କାମ ବା ନିବେଶ କରିପାରନ୍ତି। ପରିବେଶ ସହଯୋଗୀ ରହିବ।

**ଧନୁ:** ସନ୍ତୁଳନ ବଜାୟ ରଖିବେ। ବ୍ୟକ୍ତିଗତ ଜୀବନ ଉପରେ ଧ୍ୟାନ ଦେବେ। ନୂଆ ପ୍ରୋଜେକ୍ଟ ଆରମ୍ଭ ହୋଇପାରେ। ଲୋକମାନେ ଅଫିସ୍‌କୁ ପରାମର୍ଶ ନେବାକୁ ଆସିବେ। ଘରର ସ୍ଥିତି ଖୁବ୍ ଭଲ ରହିବ।

**ମକର:** ଦିନଟି ଶାନ୍‌ଦାର। ଦ୍ରୁତଗତିରେ କାମ ଆଗକୁ ବଢ଼ିବ। ଯୋଜନା ସଫଳ ରହିବ। ଆର୍ଥିକ ମାମଲାରେ ଲାଭର ସଂକେତ ରହିଛି। ପୁରୁଣା ବିବାଦର ଅନ୍ତ ହେବ। ସ୍ୱାସ୍ଥ୍ୟ ଠିକ୍ ରହିବ।

**କୁମ୍ଭ:** ଭାଗ୍ୟର ସହଯୋଗ ପାଇବେ। ଅଟକିଥିବା କାମ ଅଚାନକ ହେବ। ପ୍ରମୋଶନ ହୋଇପାରେ। ଆର୍ଥିକ ସ୍ଥିତି ଖୁବ୍ ଭଲ ରହିବ। ଅଧିକ ଖର୍ଚ୍ଚର ଆଶା ରହିଛି। ଯାତ୍ରା ଯୋଗ ସମ୍ଭବ।

**ମୀନ:** ଆଜି ଭାବନା ଗଭୀର ରହିବ। ଯେଉଁ ଲୋକମାନେ ପରିବର୍ତ୍ତନ ଚାହୁଁଛନ୍ତି ସେମାନଙ୍କ ପାଇଁ ଦିନଟି ଅନୁକୂଳ। କିଛି ଖୁସି ଖବର ମିଳିପାରେ। ଆର୍ଥିକ ସ୍ଥିତି ଠିକ୍ ରହିବ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଜ୍ୟୋତିଷାମପି ତଜ୍ଜ୍ୟୋତିସ୍ତମସଃ ପରମୁଚ୍ୟତେ।
ଜ୍ଞାନଂ ଜ୍ଞେୟଂ ଜ୍ଞାନଗମ୍ୟଂ ହୃଦି ସର୍ବସ୍ୟ ବିଷ୍ଠିତମ୍। (୧୩/୧୭)**

ସୂର୍ଯ୍ୟ ଆଦି ଜ୍ୟୋତିଷ୍କମାନଙ୍କର ସେ (ବ୍ରହ୍ମ) ହେଉଛନ୍ତି ଜ୍ୟୋତି। ଅବିଦ୍ୟା ରୂପକ ଅଜ୍ଞାନ ଅନ୍ଧକାରରୁ ସେ ଅତୀତ। ସେ ବୁଦ୍ଧି ବୃତ୍ତିରେ ପ୍ରକାଶମାନ ଜ୍ଞାନ। ସେ ଜ୍ଞେୟ ତତ୍ତ୍ୱ। ଜ୍ଞାନ ଦ୍ୱାରା ହିଁ ତାଙ୍କୁ ଲାଭ କରାଯାଏ। ସେ ସମସ୍ତଙ୍କ ହୃଦୟରେ ବିଦ୍ୟମାନ।

ଶ୍ରୀ ରାମକୃଷ୍ଣ କହନ୍ତି - ଯେଉଁ ବ୍ୟକ୍ତି ନିଜ ହୃଦୟରେ ଈଶ୍ୱରଙ୍କୁ ଉପଲବ୍ଧି କରନ୍ତି ସେ ମଧ୍ୟ ତାଙ୍କୁ ବାହାରେ ଉପଲବ୍ଧି କରିବାକୁ ସମର୍ଥ। ଯିଏ ନିଜ ଭିତରେ ସେ ଅଛନ୍ତି ବୋଲି ଜାଣିନାହିଁ ସେ କେବେ ବି ଅନ୍ୟଠାରେ ଖୋଜି ପାଇବନି। ସୁତରାଂ ଯିଏ ନିଜ ଭିତରସ୍ଥ ହୃଦୟରେ ତାଙ୍କୁ ଦର୍ଶନ କରେ ସେ ତାଙ୍କୁ ସବୁଆଡେ ଦେଖେ।

# ଗୋଦାବରୀଶ ମହାପାତ୍ର



ଜଣେ ଓଡ଼ିଆ କବି, ଗାଳ୍ପିକ ଓ ବ୍ୟଙ୍ଗ ଲେଖକ ଭାବରେ ଗୋଦାବରୀଶ ମହାପାତ୍ରଙ୍କର ରହିଛି ସ୍ୱତନ୍ତ୍ର ପରିଚୟ। ୧ ଅକ୍ଟୋବର, ୧୮୯୮ରେ ଖୋର୍ଦ୍ଧା ଜିଲ୍ଲାର ବାଣପୁର ନିକଟସ୍ଥ କୁମାରଙ୍ଗ ଶାସନରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିଲାବେଳ କଟିଥିଲା ସତ୍ୟବାଦୀ ବନବିଦ୍ୟାଳୟରେ। ସେହିଠାରୁ ଦେଶସେବାର ପ୍ରେରଣା ପାଇବା ସହିତ ପଞ୍ଚସଖାଙ୍କ ଠାରୁ ଅସୀମ ପ୍ରେରଣା ପାଇଥିଲେ ଗୋଦାବରୀଶ ମହାପାତ୍ର। ଆଧୁନିକ ଓଡ଼ିଆ ସାହିତ୍ୟର ଏକ ବିସ୍ମୟକର ପ୍ରତିଭା ଭାବରେ ତାଙ୍କୁ ଗଣାଯାଏ। ତାଙ୍କ ଦ୍ୱାରା ରଚିତ 'କଣ୍ଟା ଓ ଫୁଲ' ଏବଂ 'ଉଠ କଙ୍କାଳ' କବିତା ପୁସ୍ତକ ପାଇଁ ସେ ଦୁଇ ଥର ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ। ଶିଶୁ ସାହିତ୍ୟ 'ମୋ ଖେଳ ସାଥି' ଓ 'ବଙ୍କା ଓ ସିଧା' ସଂକଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ। ସାହିତ୍ୟ ଜଗତ ବ୍ୟତୀତ ଜଣେ ସମାଜ ସଂସ୍କାରକ, ସାମ୍ବାଦିକ ଓ ସମାଲୋଚକ ମଧ୍ୟ ସେ ଥିଲେ। ତାଙ୍କ ଦ୍ୱାରା ସମ୍ପାଦିତ 'ନିଆଁଖୁଣ୍ଟା' ଦୀର୍ଘ ୨୭ ବର୍ଷ ଧରି ସମାଜର ଜାଗ୍ରତ ପ୍ରହରୀ ତଥା ଦୁର୍ନୀତି ଓ ଅବିଚାର ବିରୋଧରେ ସ୍ୱର ଭାବରେ ରହିଥିଲା। ଏଥିରେ ବ୍ୟଙ୍ଗ ଛବି, ସମାଲୋଚନା ଓ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସ୍ଥାନିତ ହେଉଥିଲା। ଆଜି ପର୍ଯ୍ୟନ୍ତ 'ନିଆଁଖୁଣ୍ଟା'ର ସ୍ଥାନ ଅନ୍ୟ କୌଣସି ପତ୍ରିକା ନେଇପାରି ନାହାନ୍ତି ବୋଲି କେତେକ ପାଠକ ମତ ଦିଅନ୍ତି। ଓଡ଼ିଆ ସାହିତ୍ୟ ଆକାଶରେ ନିଜକୁ ଏକ ଉଜ୍ଜ୍ୱଳତମ ନକ୍ଷତ୍ର ଭାବେ ପ୍ରତିଷ୍ଠା କରିଥିବା ଗୋଦାବରୀଶ ମହାପାତ୍ର ୧୯୬୫ର ଆଜିର ଦିନରେ ଇହଲୀଳା ସମ୍ବରଣ କରିଥିଲେ।

## ଗୋଟିଏ ଗଛର ଜଙ୍ଗଲ



ଯଦି କେହି କହେ ଯେ ଗୋଟିଏ ଗଛ ଜଙ୍ଗଲ ସୃଷ୍ଟି କରିପାରେ ବୋଲି ତେବେ ପ୍ରଥମେ ଏହି ଖବର ବିଷୟରେ ଶୁଣିବା ପରେ ଏହା ଏକ ମଜା କଥା ପରି ଲାଗିବ। କିନ୍ତୁ ବ୍ରାଜିଲ୍‌ରେ ଏହା ସତରେ ଘଟିଛି। ଏପରି ଏକ ଗଛ ସେଠାରେ ରହିଛି ଯେଉଁଟି ୨୦ ଏକର ଜମିକୁ ନିଜ ଛାଇରେ ଘୋଡ଼େଇ ରଖିଛି। କେବଳ ଏତିକି ନୁହେଁ ପୂରା ଫୁଟବଲ୍ ଷ୍ଟାଡିଅମ୍ ମଧ୍ୟ ଏହା ତଳେ ସ୍ଥାନ ପାଇଯିବ। ଏହି କାହାଣୀ ପ୍ରକୃତିର ସେହି ଯାଦୁଇ ଶକ୍ତିର ଯାହା କେବେ କେବେ ମଣିଷର ଚିନ୍ତାରୁ ଅଧିକ ହୋଇ ଚମତ୍କାର ସୃଷ୍ଟି କରିଦିଏ। ଏହା ହେଉଛି ବ୍ରାଜିଲ୍‌ର ରିୟୋ ଗ୍ରାଣ୍ଡେ ଡୋ ନୋର୍ଟେ ରାଜ୍ୟରେ ଅବସ୍ଥିତ କାଜୁଇରୋ ଡା ପ୍ରାଇଆ.... ଯାହାକୁ ଲୋକମାନେ କାଜୁର ବିଶାଳ ବୃକ୍ଷ ବୋଲି କହନ୍ତି। ଆଜି ଗିନିଜ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ଏହା ସ୍ଥାନ ପାଇଛି। ୧୮୮୮ରେ ଜଣେ ମାଛ ଧରାଳୀ ଦୁଇଟି କାଜୁ ଗଛ ଲଗାଇଥିଲେ ଯେଉଁଥିରୁ ଗୋଟିଏ ଗଛ ଏତେ ବଡ଼ ହୋଇଗଲା ଯେ ପୂରା ଜଙ୍ଗଲ ସୃଷ୍ଟି କରିଦେଲା। ଆଜି ଏହି ଗଛ ୮.୫ ହେକ୍ଟର ଜମିରେ ବ୍ୟାପି ରହିଛି। ଅର୍ଥାତ ଗୋଟିଏ ଗଛ...୨୦ ଏକରକୁ ସବୁଜିମାମୟ କରି ରଖିଛି। ସାଧାରଣ ଗଛର ଡ଼ାଳ ଭୂମିକୁ ଛୁଇଁଲେ ଭାଙ୍ଗି ଯାଉଥିବା ବେଳେ ଏହି ଗଛର ଦୁର୍ଲଭ ଜେନେଟିକ ମ୍ୟୁଟେସନ ଯୋଗୁ ଏହାର ଶାଖାଗୁଡ଼ିକ ଭୂମିକୁ ଛୁଇଁ ରହିଛି। ସେହିଥିରୁ ନୂଆ ଗଛ ଜନ୍ମ ନେଉଛନ୍ତି। ଅର୍ଥାତ ଗଛ ଧୀରେ ଧୀରେ ଚାଲୁଥାଏ... ବ୍ୟାପିଯାଏ ଓ ପ୍ରତିବର୍ଷ ୬-୮ ମିଟର ଲେଖାଏଁ ବଢ଼ିଯାଏ। ଆଜି ଏଥିରେ ରହିଛି ୫୦୦୦ରୁ ଅଧିକ ଡ଼ାଳ ଓ ଅଶୀ ଲକ୍ଷ ପତ୍ର। ପ୍ରତିବର୍ଷ ଏଥିରେ ଅଢେଇ ଲକ୍ଷ ଟନ୍ କାଜୁ ଉତ୍ପନ୍ନ ହୋଇଥାଏ। ତେବେ ସ୍ଥାନୀୟ ଲୋକମାନେ ଏହି ଗଛକୁ ଟ୍ରି ଅଫ୍ ଲେଜିନେସ୍ ବୋଲି କହନ୍ତି। କାରଣ ଏହାର ଛାଇ ଏତେ ଥଣ୍ଡା ଯେ ଥରେ ଏହି ଗଛ ତଳେ ଶୋଇଗଲେ ଉଠିବାକୁ ମନ ହେବ ନାହିଁ। ସେଠାରେ ଅନେକ ରେସ୍ତୋରାଁ, ୱାକ୍‌ୱେ, ଗିଫ୍ଟ ସପ୍ ଓ ଭିଉଇଙ୍ଗ ଡେକ୍ ନିର୍ମିତ ହୋଇଛି।

## ସୁନାର ପାହାଡ଼ କେଉଁ ଦେଶରେ



ଦୁନିଆର ସବୁଠାରୁ ଦାମୀ ଓ ଅଧିକ ବ୍ୟବହୃତ ଧାତୁ ହେଉଛି ସୁନା। ପ୍ରାକୃତିକ ଭାବରେ ବହୁତ କମ୍ ମାତ୍ରାରେ ସୁନା ମିଳିଥାଏ। ଏହି କାରଣରୁ ଏହାର ଦାମ୍ ବହୁତ ଅଧିକ ଥାଏ। କିନ୍ତୁ ସୁନାର ପାହାଡ଼ କେଉଁ ଦେଶରେ ରହିଛି ସେ ବିଷୟରେ ଜାଣିଛନ୍ତି କି? ତେବେ ଇତିହାସରେ ସୁନାର ମହତ୍ତ୍ୱ ସବୁବେଳେ ରହିଛି। ସାଉଦି ଆରବର ମରୁଭୂମି କ୍ଷେତ୍ରରେ ସ୍ଥିତ ମହଦ-ଅଲ୍-ଧହବ ନାମକ ପାହାଡ଼କୁ ଶହ ଶହ ବର୍ଷ ହେଲାଣି ସୁନାର ପାହାଡ଼ ବୋଲି କୁହାଯାଉଛି। ଏହି ପାହାଡ଼ ନିଜ ଭିତରେ ଏତିକି ଧାତୁ ଏକତ୍ରିତ କରି ରଖିଛି ଯେ ଏହାକୁ ସୁନାର ପାହାଡ଼ ଆଖ୍ୟା ଦିଆଯାଇଥିଲା। ଏହାକୁ ସୁନା ଖଣି ବା ସୁନାର ଭୂମି ବୋଲି କୁହାଯାଏ। ଇତିହାସକାରଙ୍କ ଅନୁସାରେ ଏହି ପାହାଡ଼ର ଇତିହାସ ହଜାର ହଜାର ବର୍ଷର ସଭ୍ୟତା ସହିତ ଜଡ଼ିତ ହୋଇ ରହିଛି। ବୈଜ୍ଞାନିକ ଟେକ୍‌ନିକ୍ ଓ ବଡ଼ ବଡ଼ ଉଦ୍ୟୋଗଗୁଡ଼ିକ ସାହାଯ୍ୟରେ ମହଦ-ଅଲ୍-ଧହବରେ ପ୍ରଚୁର ପରିମାଣରେ ସୁନା, ତମ୍ବା, ଜିଙ୍କ୍ ଓ ରୁପା ପରି ଦାମୀ ଧାତୁଗୁଡ଼ିକ ପାଇଁ ଉତ୍‌ଖନନ କରାଯାଏ। ଏହିଠାରୁ ବାହାରୁଥିବା ସୁନା ଉଚ୍ଚ ଗୁଣବତ୍ତାସମ୍ପନ୍ନ ବୋଲି ସାଧାରଣରେ ବିଶ୍ୱାସ ରହିଛି। ତେବେ ଏହି ପାହାଡ଼ କାରଣରୁ ସ୍ଥାନୀୟ ଲୋକମାନଙ୍କ ପାଇଁ ରୋଜଗାରର ଅବସର ମିଳିଛି। ସୁନା ପାହାଡ଼ ନା କେବଳ ଖନନ ସ୍ଥଳ ଭାବରେ ବିକାଶିତ ହେଉଛି ତାହା ନୁହେଁ, ଇତିହାସ ଓ ଆର୍ଥିକ ସମୃଦ୍ଧିର ମଧ୍ୟ ପ୍ରତୀକ ହୋଇସାରିଛି। ମଦିନା ପ୍ରାନ୍ତରେ ସ୍ଥିତ ଏହି ପାହାଡ଼ର ଖନନ କାର୍ଯ୍ୟର ଇତିହାସ ଖ୍ରୀ.ପୂ ୩୦ ପୂର୍ବର ଓ ଏବ୍ବାସିଦ ଖଲିଫା କାଳ ସମୟରେ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ବର୍ତ୍ତମାନ ସାଉଦି ଆରବ ଖନନ କମ୍ପାନୀ ଦ୍ୱାରା ଏହା ପରିଚାଳିତ ହେଉଛି। ତେବେ ସେଠାରେ ଆଧୁନିକ ଖନନ କାର୍ଯ୍ୟ ୧୯୩୬ରୁ ପୁଣି ଥରେ ଆରମ୍ଭ ହୋଇସାରିଛି।

## ଦୁର୍ଲଭ ଜେନେଟିକ୍ ରୋଗ




ଭୟଙ୍କର ଫିଲ୍ମ ବା କୌଣସି ପ୍ରକାରର ବିଷାକ୍ତ ଜୀବଜନ୍ତୁଙ୍କୁ ଦେଖିଲେ ଲୋକମାନେ ସାଧାରଣତଃ ଭୟ କରନ୍ତି। ଅନେକ ଲୋକ ବୁଢ଼ିଆଣୀ, ସାପ ଏପରିକି ଅସରପା ମଧ୍ୟ ଦେଖି ଡରନ୍ତି। କିନ୍ତୁ ଦୁନିଆରେ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ କୌଣସି ପ୍ରକାରର ହତିଆର ବା ଜୀବଜନ୍ତୁଙ୍କୁ ଦେଖିଲେ ମଧ୍ୟ ଭୟଭୀତ ହୁଅନ୍ତି ନାହିଁ। ଏହା ସେମାନଙ୍କର ମସ୍ତିଷ୍କର ଶକ୍ତି କାରଣରୁ ହୋଇନଥାଏ, ଏହା ଏକ ପ୍ରକାରର ରୋଗ। ଏହା ଏକ ଜେନେଟିକ ରୋଗ। ଏହି ରୋଗ ଦ୍ୱାରା ଆକ୍ରାନ୍ତ ରୋଗୀର ମସ୍ତିଷ୍କର ସେହି ଅଂଶ କାମ କରେ ନାହିଁ, ଯେଉଁ ଅଂଶ ଯୋଗୁ ମଣିଷ ଭୟ ପାଏ। ଜଣେ ମହିଳାଙ୍କ ଉପରେ ବିଗତ କିଛି ବର୍ଷ ଧରି ବିଭିନ୍ନ ପରୀକ୍ଷା କରିବା ପରେ ବୈଜ୍ଞାନିକମାନେ ଜାଣିବାକୁ ପାଇଲେ ଯେ ମସ୍ତିଷ୍କର ଡର ରହୁଥିବା ଅଂଶଟି ତାଙ୍କର ସକ୍ରିୟ ନାହିଁ। ରୋଗ ଯୋଗୁ ସେହି ମହିଳାଙ୍କର ବ୍ରେନ୍‌ର ଏକ ଅଂଶ ପ୍ରଭାବିତ ହୋଇଛି। ମସ୍ତିଷ୍କର ଏହି ରୋଗକୁ ଅର୍‌ବାକ-ୱାଇଥ୍ ଡିଜିଜ୍ ବୋଲି କୁହାଯାଏ। ଏହା ଏକ ପ୍ରକାରର ଦୁର୍ଲଭ ଜେନେଟିକ୍ ରୋଗ। ଏହାଦ୍ୱାରା ଶରୀରର କେତେକ ଅଂଶ ଶକ୍ତ ହୋଇଯାଏ, ଯାହାର ପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ। ଏହାର ଏମିଗ୍‌ଡାଲା (ପ୍ରମସ୍ତିଷ୍କଖଣ୍ଡ) ନାମକ ଅଂଶ ଏତେ ଶକ୍ତ ହୋଇଯାଏ ଯେ ସେ ପର୍ଯ୍ୟନ୍ତ ତନ୍ତ୍ରିକାଗୁଡିକ ଭୟର ସନ୍ଦେଶ ପହଞ୍ଚାଇ ପାରନ୍ତି ନାହିଁ। ଏହି ଜେନେଟିକ୍ ରୋଗ ଦ୍ୱାରା ପିଲାମାନଙ୍କର ବିକାଶ ଉପରେ କୌଣସି ପ୍ରକାରର ବାଧା ସୃଷ୍ଟି ହୁଏ ନାହିଁ କିନ୍ତୁ ସେମାନେ କୌଣସି ଜିନିଷ ବା ଜୀବ ପ୍ରତି ଭୟ କରନ୍ତି ନାହିଁ। ଏହାର ତିନୋଟି ମୁଖ୍ୟ ଲକ୍ଷଣ-ମୋଟା ସ୍ୱର, ଆଖି ଚାରିପଟେ ଛୋଟ ଛୋଟ ବ୍ରଣ ପରି ବାହାରିବା ଓ ମସ୍ତିଷ୍କରେ କ୍ୟାଲ୍‌ସିୟମ ଜମା ହେବା। ବ୍ରେନ୍‌ରେ ଏହି କ୍ୟାଲ୍‌ସିୟମ ଭୟ କରିବା ପ୍ରକୃତିକୁ ଶେଷ କରିଦିଏ ଓ ବୟସ ବୃଦ୍ଧି ସହିତ ବାତ ରୋଗର ସମ୍ଭାବନାକୁ ବୃଦ୍ଧି କରିଥାଏ।

# ସେ ଥିଲେ ଜଣେ ଓ ଜଣେ ହିଁ ରହିବେ





ବଲିଉଡ୍‌ର 'ହି-ମ୍ୟାନ୍' ଭାବରେ ପରିଚିତ କିମ୍ବଦନ୍ତୀ ନାୟକ ଧର୍ମେନ୍ଦ୍ର ଆଉ ଏ ଦୁନିଆରେ ନାହାନ୍ତି। ତେବେ ସିନେମା ଇତିହାସ ପୃଷ୍ଠାକୁ ପରିଭାଷିତ କରି ସେ ବ୍ୟାପକ ରୂପରେ ରହିବେ। କିନ୍ତୁ ଏସବୁ ପରେ ସେ ଥିଲେ ଜଣେ ଭଲ ମଣିଷ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ନିର୍ମାତା ଓ ନିର୍ଦ୍ଦେଶକ କରଣ ଜୋହର ଏକ ପୋଷ୍ଟ ସେୟାର୍ କରି ଲେଖିଛନ୍ତି-'ଏକ ଯୁଗର ଅନ୍ତ ହେଲା। ସେ ଥିଲେ ଜଣେ ମେଗାଷ୍ଟାର। ମେନଷ୍ଟ୍ରିମ୍ ସିନେମାରେ ଜଣେ ହିରୋର ଅବତାର, ଅବିଶ୍ୱସନୀୟ ଭାବରେ ସେ ଥିଲେ ଏତେ ସୁନ୍ଦର ଓ ପରଦା ଉପରେ ସବୁଠାରୁ ଅନୋଖା-ରହସ୍ୟମୟ ଉପସ୍ଥିତି ଜାହିର କରୁଥିବା ଜଣେ କଳାକାର। ଭାରତୀୟ ସିନେମାର ଜଣେ ଅସଲ କିମ୍ବଦନ୍ତୀ ପୁରୁଷ ଓ ସେ ସବୁଦିନ ପାଇଁ ସେହିପରି ରହିବେ।' ନିଜ ଶବ୍ଦ ଦେଇ ସେ ପୁଣି ଲେଖିଛନ୍ତି- ତାଙ୍କର ଆଶୀର୍ବାଦ, ଆଲିଙ୍ଗନ ଓ ଅବିଶ୍ୱସନୀୟ ଗରମ ଜୋଶ୍ ଶବ୍ଦଗୁଡ଼ିକ ବହୁତ ଅଧିକ ମନେ ପଡ଼ିବ। ଆଜି ଇଣ୍ଡଷ୍ଟ୍ରିରେ ଏକ ଶୂନ୍ୟସ୍ଥାନ ରହିଗଲା। ଧରମଜୀ ଥିଲେ ଜଣେ ଓ ସେ ଜଣେ ହିଁ ରହିବେ। ଆଜି ସ୍ୱର୍ଗ ଧନ୍ୟ ହୋଇଗଲା।'

ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଅନେକ ଦିନ ହେଲା ଖରାପ ସ୍ଥିତି ଦେଇ ଚାଲିଥିଲା। ବିଗତ ଦିନରେ ସେ ହସ୍‌ପିଟାଲ୍‌ରୁ ମଧ୍ୟ ଆସିଥିଲେ। କିନ୍ତୁ ଗତ କାଲି ୮୯ ବର୍ଷରେ ତାଙ୍କର ନିଧନ ହୋଇଯାଇଛି। ଆସନ୍ତା ମାସରେ ସେ ତାଙ୍କର ନବେତମ ଜନ୍ମଦିନ ପାଳିଥାନ୍ତେ। ତେବେ ୧୯୬୦ର ଫିଲ୍ମ 'ଦିଲ୍ ଭି ତେରା ହମ୍ ଭି ତେରେ'ରୁ ସେ ନିଜର ଫିଲ୍ମି କ୍ୟାରିୟର୍ ଆରମ୍ଭ କରିଥିଲେ। ଏହାପରେ ଶୋଲା ଔର୍ ଶବନମ୍, ଅନ୍‌ପଢ଼, ବନ୍ଦିନୀ, ପୂଜା କେ ଫୁଲ୍, ହକ୍କିକତ, ଫୁଲ୍ ଔର୍ ପଥର, ଅନୁପମା, ଖାମୋସୀ, ସୀତା ଔର୍ ଗୀତା ଓ ଏହିପରି ଅଗଣିତ ଫିଲ୍ମ ରହିଛି ତାଙ୍କ ସୂଚୀରେ। ଏହା ବ୍ୟତୀତ ନିଜର ଛଅ ଦଶକର ଫିଲ୍ମି କ୍ୟାରିୟର୍ ମଧ୍ୟରେ ଧର୍ମେନ୍ଦ୍ର ସ୍ୱାଧୀନତା ପରର ବଲିଉଡ୍‌ର ସବୁଠାରୁ ସଫଳ ଓ ଲୋକପ୍ରିୟ କଳାକାର ଭାବରେ ପ୍ରସିଦ୍ଧି ହାସଲ କରିଥିଲେ। ତାଙ୍କର ଲୋକପ୍ରିୟ ଫିଲ୍ମଗୁଡ଼ିକ ମଧ୍ୟରେ ଥିଲା ଶୋଲେ (୧୯୭୫), ଚୁପ୍‌କେ ଚୁପ୍‌କେ (୧୯୭୫), ଅନୁପମା (୧୯୬୬), ଫୁଲ୍ ଔର୍ ପଥର(୧୯୬୬), ଧରମ ବୀର୍ (୧୯୭୭) ଓ ରାମ ବଲରାମ୍ (୧୯୮୦) ପରି ସୁପରହିଟ୍ ଫିଲ୍ମ। ନିଜର ବ୍ୟକ୍ତିତ୍ୱ, ଲୁକ୍ସ ଓ ଦମ୍‌ଦାର ଅନ୍ଦାଜ କାରଣରୁ ତାଙ୍କୁ ବଲିଉଡ୍‌ର 'ହି-ମ୍ୟାନ୍' ଟାଇଟଲ୍ ଦିଆଯାଇଥିଲା। ୨୦୦୪ରେ ଭାଜପାର ଟିକେଟ୍‌ରେ ଭଟିଣ୍ଡାରୁ ଲୋକସଭା ସାଂସଦ ମଧ୍ୟ ରହିଥିଲେ ଧର୍ମେନ୍ଦ୍ର। କିନ୍ତୁ ସକ୍ରିୟ ରାଜନୀତିରେ ତାଙ୍କର ଭୂମିକା ସୀମିତ ଥିଲା।

ତେବେ ଫିଲ୍ମ 'ଇକ୍କିସ୍' ହେଉଛି ଧର୍ମେନ୍ଦ୍ରଙ୍କର ଶେଷ ଫିଲ୍ମ। ଏହାର ପୋଷ୍ଟର ରିଲିଜ ହୋଇସାରିଛି। ଫିଲ୍ମଟି ଆସନ୍ତା ମାସ ଥିଏଟର୍‌ରେ ଦସ୍ତକ ଦେବ। ଏଥିରେ ଧର୍ମେନ୍ଦ୍ରଙ୍କ ଲୁକ୍ ମଧ୍ୟ ସାମ୍‌ନାକୁ ଆସିସାରିଛି। ଶ୍ରୀରାମ ରାଘବନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅମିତାଭ ବଚ୍ଚନଙ୍କ ନାତି ଅଗସ୍ତ୍ୟ ନନ୍ଦା ଡେବ୍ୟୁ କରିବେ। ଏଥିରେ ଜୟଦୀପ ଅହଲାବତ, ସିକନ୍ଦର ଖେର୍ ଓ ସିମର୍ ଭାଟିଆ ତାଙ୍କ ସହିତ ଅଛନ୍ତି।



## ଜନତା ରଙ୍ଗମଞ୍ଚର ସାଧାରଣ ପରିଷଦ ବୈଠକ



**କଟକ,୨୪।୧୧/ଏନ୍ଏନ୍ଏସ୍:** ଜନତା ରଙ୍ଗମଞ୍ଚର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ବର୍ଷ ପାଇଁ କାର୍ଯ୍ୟକାରୀ ସଭାପତି ଦୀପେନ ଘୋଷ, ଉପସଭାପତି ଇନ୍ଦ୍ରଜିତ ଘୋଷ ଏବଂ ଅମରେନ୍ଦୁ ମହାନ୍ତି, ସାଧାରଣ ସମ୍ପାଦକ ବିନୋଦ କୁମାର ବେହେରା, ଯୁଗ୍ମ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ଧୀରାଜ ଚୌଧୁରୀ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଶିବାନୀ ପ୍ରସାଦ ମହାପାତ୍ର, ଅନନ୍ତ ଦାସ, ରବିନାରାୟଣ ରଥ, ଉମେଶ ଦାସ, ବିଶ୍ୱଭୂଷଣ ମହାନ୍ତି, ବାପୁ ଲେଙ୍କା, ଅଶୋକ ମହାନ୍ତି, ଅଶୋକ ଚୌଧୁରୀ, ଡ଼ ଅନଙ୍ଗ ଦ୍ୱିବେଦୀ ଓ କେୟାର ଟେକର ଶାଦୀକ ମନିହାର ମନୋନୀତ ହୋଇଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ,୨୪।୧୧/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୪୦ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୩୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏଥିରେ ୧୦ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଆଜିର ଏହି ଶୁଣାଣି ଅବସରରେ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ୧ଟି, ଭିନ୍ନକ୍ଷମ ଭତ୍ତା ୩ଟି, ଅନ୍ୟାନ୍ୟ ୨ଟି ନିମନ୍ତେ ଆବେଦନ ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଡିସିପି ଋଷିକେଶ ଖିଲାରୀ ଦ୍ୟାନଦେଓ, ଗ୍ରାମାଞ୍ଚଳ ଏସ୍‌ପି ବିନୀତ ଅଗ୍ରୱାଲ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୧ ତାରିଖରେ ବାଙ୍କି ବ୍ଲକ୍‌ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

## ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ



**କଟକ,୨୪।୧୧/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ ୪୧ ନମ୍ବର ୱାର୍ଡରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ କାର୍ଯ୍ୟାଳୟ ପରିସରରେ ୱାର୍ଡର ଗୋଷ୍ଠୀ ସଂଗଠିକା ମହାଶ୍ୱେତା ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର୍ ସ୍ୱର୍ଣ୍ଣପ୍ରଭା ପଶାୟତ, ଯୋବ୍ରା ଦୁର୍ଗା କମିଟି ସମ୍ପାଦକ ଶ୍ରୀମନ୍ତ ଦାସ, ସମରେଶ ଚନ୍ଦ୍ର ବେହେରା, ସୌମ୍ୟକାନ୍ତ ଜେନା, ସମାଜସେବୀ ଚନ୍ଦନ ରାୟ ଓ ନିକୁଞ୍ଜ ପଶାୟତ ପ୍ରମୁଖ ଉପସ୍ଥିତ ରହିଥିଲେ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରି ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରୋତ୍ସାହନ ରାଶିର ଲାଭ ଉଠାଇବା ପାଇଁ ହିତାଧିକାରୀଙ୍କୁ କର୍ପୋରେଟର୍ ଶ୍ରୀମତୀ ପଶାୟତ ପରାମର୍ଶ ଦେଇଥିଲେ।

# ଡିସେମ୍ବର ୨୬ ଓ ଜାନୁଆରୀ ୭ରୁ ଧାନ ସଂଗ୍ରହ




**କଟକ,୨୪।୧୧/ଏନ୍ଏନ୍ଏସ୍:** ସମଗ୍ର କଟକ ଜିଲ୍ଲାରେ ସୁରୁଖୁରୁରେ ତଥା ସ୍ୱଚ୍ଛତାର ସହ ଧାନ ସଂଗ୍ରହ ପ୍ରକ୍ରିୟା ନିମନ୍ତେ ଆଜି ଅପରାହ୍ନରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳତାର ଧାନ ସଂଗ୍ରହ ନିମନ୍ତେ ଚାଷୀମାନଙ୍କର ସମସ୍ତ ସୁବିଧାକୁ ଗୁରୁତ୍ୱ ଦେଇ ଆଗାମୀ ଦିନମାନଙ୍କରେ ପର୍ଯ୍ୟବେକ୍ଷକ ତଥା ନିୟୋଜିତ ହୋଇଥିବା ନୋଡାଲ ଅଧିକାରୀମାନେ ମଣ୍ଡିଗୁଡ଼ିକୁ ବାରମ୍ବାର ଗସ୍ତକରି ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ବୈଠକରେ ମତ ପ୍ରକାଶ ପାଇଛି। ଆସାଧୁ ବେପାରୀଙ୍କ କବଳରୁ ଚାଷୀମାନଙ୍କୁ ମୁକ୍ତକରି ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ସହ ମଣ୍ଡିଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ ତଥା ଅସ୍ଥାୟୀ ବିଶ୍ରାମାଗାର ନିର୍ମାଣ କରିବା ସହ ଭଣ୍ଡାର ଘର ନିର୍ମାଣ ଏବଂ ଏହାର କ୍ଷମତା ବୃଦ୍ଧି ଉପରେ ସଭ୍ୟମାନେ ଗୁରୁତ୍ୱାରୋପ କରିଥିଲେ।

ଏହି ବୈଠକରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଧାନ ସଂଗ୍ରହ ଓ କ୍ରୟ ପ୍ରକ୍ରିୟାରେ ସମାନତା ପୂର୍ବକ କ୍ଷୁଦ୍ରଚାଷୀମାନଙ୍କୁ ବିଶେଷ ଗୁରୁତ୍ୱ ଦେବା ଉପରେ ଆଲୋଚନା କରିଥିଲାବେଳେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମାହାଙ୍ଗା ବିଧାୟକ ଶରଦା ପ୍ରସାଦ ପ୍ରଧାନ, ନିଆଳି ବିଧାୟକ ଛବି ମଲ୍ଲିକ ପ୍ରମୁଖ ନିଜ ନିଜ ଅଞ୍ଚଳରେ ଧାନ ବିକ୍ରୟ ନିମନ୍ତେ ଚାଷୀମାନଙ୍କର ବିଶେଷ ସୁବିଧା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କଟକ ସାଂସଦ ଭର୍ତ୍ତୃହରି ମହତାବ ଚାଷୀମାନଙ୍କ ଯେପରି ବିନା କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମଣ୍ଡିରେ ଧାନ ବିକ୍ରୟ କରିପାରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ କହିଥିଲେ। ଏହି ବୈଠକରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ଜିଲ୍ଲାର ଖରିଫ ଧାନ ସଂଗ୍ରହ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଚଳିତ ୨୦୨୫-୨୬ ଖରିଫ ବର୍ଷ ପାଇଁ ଆଜି ପର୍ଯ୍ୟନ୍ତ ୭୩୭୯୦ ଜଣ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୬୯୫୦୭ ଜଣ ଚାଷୀଙ୍କର ଯାଞ୍ଚ ପ୍ରକ୍ରିୟା ସମାପ୍ତ ହୋଇଛି। ଡିସେମ୍ବର ୨୬ ଓ ଜାନୁଆରୀ ୭ ତାରିଖରୁ ଧାନ ସଂଗ୍ରହ ଆରମ୍ଭ କରାଯିବ ଏବଂ ପୂର୍ବାପେକ୍ଷା ଅଧିକ ଧାର୍ଯ୍ୟଲକ୍ଷ୍ୟ ହାସଲ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଡଃ.ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, କଟକ ସଦର ଉପ-ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି, କୃଷି ଅଧିକାରୀ ଓ କର୍ମଚାରୀଙ୍କ ସମେତ ସମସ୍ତ ଉପଖଣ୍ଡର ଡିଆରସିଏସ, ଏଆର୍‌ସିଏସ୍, ନିୟନ୍ତ୍ରଣ ବଜାର କମିଟି ସମ୍ପାଦକମାନେ ଯୋଗ ଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଗୁରୁଚରଣ ପଟ୍ଟନାୟକଙ୍କ ସ୍ମୃତି ସନ୍ଧ୍ୟା

**କଟକ,୨୪।୧୧/ଏନ୍ଏନ୍ଏସ୍:** ଶ୍ରୀରାମଚନ୍ଦ୍ର ଭବନରେ ସ୍ୱାଧୀନତା ସଂଗ୍ରାମୀ ସାମ୍ୟବାଦୀ



ଚେତନାର ଅଗ୍ରଦୂତ ଗୁରୁଚରଣ ପଟ୍ଟନାୟକ ସ୍ମୃତି ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ଼ଃ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ସଭାପତିତ୍ୱ କରିଥିଲେ। ସିପିଆଇ ନେତା ଅମରେନ୍ଦୁ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସୁଶାନ୍ତ ମହାପାତ୍ର ବୈପ୍ଲବିକ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁଚରଣ ପଟ୍ଟନାୟକ ସ୍ମୃତି ପୁରସ୍କାର ସମ୍ମାନ ଶ୍ରମିକ ନେତା ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ମେୟର ସୁବାସ ସିଂ ଅତିଥିଭାବେ ଯୋଗ ଦେଇଥିଲେ। ବିବେକାନନ୍ଦ ଦାଶ ଗୁରୁଚରଣ ପଟ୍ଟନାୟକ ରଚନା କରିଥିବା ପୁରୁଣା ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ସିପିଆଇ ଜିଲ୍ଲା ସମ୍ପାଦକ ବିନୋଦ ବେହେରା ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରସନ୍ନ ମହାପାତ୍ର, ସଞ୍ଜୟ ପରିଜା, ଅମରେଶ ପଟ୍ଟନାୟକ, କିଶୋର ଜେନା, ଭ୍ରମରବର ସାହୁ, ବିପିନ ବିହାରୀ ପାଢ଼ୀ, ଅରବିନ୍ଦ ରାଉତରାୟ, ନମିତା ମହାନ୍ତି, ଜଲି ପଟ୍ଟନାୟକ, ତପସ୍ୱିନୀ ପଟ୍ଟନାୟକ, ପ୍ରଭାତିଲତା ଦେଇ ଓ ରାଜୀବ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାମନ୍ତରାଜ ଫିଲ୍ମସ୍‌ର ସମ୍ପତ୍ତି ବିକ୍ରି ଉପରେ ରୋକ୍

**କଟକ,୨୪।୧୧/ଏନ୍ଏନ୍ଏସ୍:** ସାମନ୍ତରାଜ ଫିଲ୍ମ ବିବାଦ ମାମଲାରେ ନ୍ୟାସନାଲ୍ କମ୍ପାନୀ ଲ' ଟ୍ରିବ୍ୟୁନାଲ୍ (ଏନସିଏଲଟି) ପକ୍ଷରୁ ଆବେଦନକାରୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରାଯାଇଛି। ତତ୍‌ସହିତ ସଂସ୍ଥା ନାଁରେ ଥିବା ସମ୍ପତ୍ତିକୁ କେହିବି ବିକ୍ରି କରିପାରିବେ ନାହିଁ। ଏ ସଂକ୍ରାନ୍ତରେ ଏନ୍‌ସିଏଲ୍‌ଟି ପକ୍ଷରୁ କଟକ, ଭୁବନେଶ୍ୱର ସବରେଜିଷ୍ଟ୍ରାରଙ୍କୁ ମଧ୍ୟ ଅବଗତ କରାଯାଇଛି। ଆବେଦନକାରୀ ମଙ୍ଗଳ ସାମନ୍ତରାୟ ଦର୍ଶାଇଥିଲେ ଯେ ସାମନ୍ତରାଜ ଫିଲ୍ମସ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାରୁ ତାଙ୍କୁ ନିର୍ଦ୍ଦେଶକ ପଦରୁ ଜାଲିଆତି ଏବଂ ବେଆଇନ ଭାବରେ ହଟାଇ ଦିଆଯାଇଛି। ଏଥିପାଇଁ ତାଙ୍କ ବିରୁଦ୍ଧରେ ଅନେକ ଦମନକାରୀ ଏବଂ ପକ୍ଷପାତମୂଳକ କାର୍ଯ୍ୟ କରାଯାଇଥିଲା। ମାମଲାର ଶୁଣାଣି କରି ଏନ୍‌ସିଏଲ୍‌ଟିର କଟକ ବେଞ୍ଚ୍ ମାମଲାର ବିଚାରପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ସାମନ୍ତରାଜ ଫିଲ୍ମସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ପଦରେ ଥିବା ବ୍ୟକ୍ତି ସଂସ୍ଥାର କୌଣସି ସମ୍ପତ୍ତିକୁ ବିକ୍ରୟ କରିପାରିବେ ନାହିଁ। ସଂସ୍ଥାରେ ତୃତୀୟ ପକ୍ଷ ଅନ୍ତର୍ଭୁକ୍ତ ହେବେନାହିଁ। ଏହି ଅନ୍ତରୀଣ ସୁରକ୍ଷା ଆଦେଶ ବଳରେ ସାମନ୍ତରାଜ ଫିଲ୍ମସ ପ୍ରାଇଭେଟ୍ ଲିମିଟେଡ୍‌ର ସମ୍ପତ୍ତି ସ୍ଥାନାନ୍ତର ଏବଂ ତୃତୀୟ ପକ୍ଷର ହସ୍ତକ୍ଷେପ ହୋଇପାରିବ ନାହିଁ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶାଶ୍ୱତ ଆଚାର୍ଯ୍ୟ, ଅନିଶ ଅଙ୍କୁର ମିଶ୍ର, ସୌମ୍ୟଜ୍ୟୋତି ବିଶ୍ୱାଳ ଓ ଅବିନାଶ ଗୁରୁ ପ୍ରମୁଖ ମାମଲା ପରିଚାଳନା କରୁଥିଲେ।

## ଜଳ ସଞ୍ଚୟ କ୍ଷେତ୍ରରେ କଟକ ଜିଲ୍ଲାକୁ ପୁରସ୍କାର

**କଟକ,୨୪।୧୧/ଏନ୍ଏନ୍ଏସ୍:** ଜଳ ସଞ୍ଚୟ ଜନ ଭାଗିଦାରୀ ଅଧୀନରେ ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କଟକ ଜିଲ୍ଲା ବର୍ଗ ୩ରେ ଜଳ ସଞ୍ଚୟ ଜନ ଭାଗିଦାରୀ ୧.୦ ବିଜେତା ହେବା ସହ ୦.୨୫କୋଟି ଟଙ୍କାର ନଗଦ ପ୍ରୋତ୍ସାହନ ରାଶି ହାସଲ କରିଛି। ଜଳ ସୁରକ୍ଷିତ ଭବିଷ୍ୟତ କ୍ଷେତ୍ରରେ ଜିଲ୍ଲାର ନେତୃତ୍ୱ ଏବଂ ଦୃଷ୍ଟିକୋଣ କେବଳ ଜଳ ସଂରକ୍ଷଣ କ୍ଷେତ୍ରରେ ନୁହେଁ ବରଂ ଲୋକଙ୍କ ଆଚରଣରେ ମଧ୍ୟ ପରିବର୍ତ୍ତନ ଆଣିପାରିଛି। ଜଳ ସଞ୍ଚୟ ଜନ ଭାଗିଦାରୀ ଅଧୀନରେ ଗୋଷ୍ଠୀ ନେତୃତ୍ୱାଧୀନ ଜଳ ସଂରକ୍ଷଣ ପ୍ରୟାସକୁ ପ୍ରୋତ୍ସାହିତ କରିବା ସହ ଜିଲ୍ଲାରେ ଜଳ ସଞ୍ଚୟ କ୍ଷେତ୍ରରେ ସକାରାତ୍ମକ କାର୍ଯ୍ୟ କରାଯାଇଛି ଏବଂ ଜଳ ପ୍ରତି ଥିବା ସମ୍ମାନକୁ ପୁନର୍ଜୀବିତ କରାଇବାର ମଧ୍ୟ ପ୍ରଚେଷ୍ଟା କରାଯାଇଛି। ଏହି ଅବସରରେ ଜାତୀୟ ଜଳ ମିଶନର ଅତିରିକ୍ତ ସଚିବ ଏବଂ ମିଶନ୍ ନିର୍ଦ୍ଦେଶିକା ଅର୍ଚ୍ଚନା ବର୍ମା ଜିଲ୍ଲାପାଙ୍କୁ ସାଧୁବାଦ ଜଣାଇବା ସହ ଜଳ ସଞ୍ଚୟ ଜନ ଭାଗିଦାରୀ ୨.୦ ଅଧୀନରେ ୧୦ ନିୟୁତ କୃତ୍ରିମ ଜଳ ସଂରକ୍ଷଣ ଢାଞ୍ଚା ସୃଷ୍ଟି କ୍ଷେତ୍ରରେ ଥିବା ମହତ୍ୱାକାଂକ୍ଷୀ ଲକ୍ଷ୍ୟ ପୂରଣ ଦିଗରେ ଜିଲ୍ଲାର ସହଯୋଗ କାମନା କରିଛନ୍ତି।

## ଖ୍ରୀଷ୍ଟ କଲେଜ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ

**କଟକ,୨୪।୧୧/ଏନ୍ଏନ୍ଏସ୍:** ଖ୍ରୀଷ୍ଟ କଲେଜ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଏସ୍.ସି.ବି. ମେଡିକାଲ କଲେଜ ଓ ଚିକିତ୍ସାଳୟର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରଫେସର ସାରଦା ପ୍ରସନ୍ନସ୍ୱାଇଁ ଅତ୍ୟାଧୁନିକ ଜୀବନ ଶୈଳୀରେ ବିଭିନ୍ନ କ୍ଷେତ୍ରରେ ଘଟୁଥିବା ମାନସିକ ଅବସାଦ ଓ ତାହାର ନିରାକରଣ ଉପରେ ଆଲୋଚନା କରିଥିଲେ। ବିଜ୍ଞାନ ସମାଜର ସଂଯୋଜିକା ଡଃ ସ୍ୱାତୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ମିତାଞ୍ଜଳି ଜେଠୀ ଏବଂ




ରଚିତା ସାନ୍ତରାଙ୍କ ପରିଚାଳନାରେ ବିଜ୍ଞାନ ସମାଜ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପିକା ଡଃ ଆନନ୍ଦିନୀ ରାଉତ ଧନ୍ୟବାଦ୍ ଦେଇଥିଲେ। ଅଧ୍ୟାପକ ଶୁଭାଶିଷ ଦାଶ ଓ ସତ୍ୟବ୍ରତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉଜ୍ଜୟିନୀ ଓ ଓଁକାରେଶ୍ୱର ଦର୍ଶନରେ ଗଲେ ୧୯୭ ବରିଷ୍ଠ ନାଗରିକ

**କଟକ,୨୪।୧୧/ଏନ୍ଏନ୍ଏସ୍:** ବରିଷ୍ଠ ନାଗରିକମାନଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ



ଅନୁଭୂତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଲାଗୁ କରାଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ ଆଜି କଟକ ଜିଲ୍ଲାର ବିଭିନ୍ନ ବ୍ଲକର ୧୯୭ଜଣ ବରିଷ୍ଠ ନାଗରିକ ଉଜ୍ଜୟିନୀ ଓ ଓଁକାରେଶ୍ୱର ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। କଟକ ସଦର ବିଧାୟକ ଇଂ. ପ୍ରକାଶଚନ୍ଦ୍ର ସେଠୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ତୀର୍ଥଯାତ୍ରୀମାନେ ୫ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଆଜି ସକାଳ ୯ଟାରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହଠାରେ ତୀର୍ଥଯାତ୍ରୀମାନଙ୍କର ପଞ୍ଜିକରଣ ଆରମ୍ଭ ହୋଇଥିଲା। ସେଠାରେ ସେମାନଙ୍କର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା ଓ ଦିନ ୩ଟା ୩୦ରେ ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ। ପ୍ରକାଶ ଥାଉ କି ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଉଜ୍ଜୟିନୀ ଓ ଓଁକାରେଶ୍ୱର ଅଭିମୁଖେ ଯାତ୍ରା କରିବେ। କଟକ ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସହ ୬ ଜଣ ଏସକର୍ଟ ଅଫିସର୍ ଯାତ୍ରା କରୁଛନ୍ତି।

## ଟ୍ରିମ୍‌ସରେ ଏମ୍‌ବିବିଏସ୍ ଭିତ୍ତିଭୂମି ପାଠ୍ୟକ୍ରମ ଉଦ୍‌ଯାପିତ

**କଟକ,୨୪।୧୧/ଏନ୍ଏନ୍ଏସ୍:** 'ଟ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ସାଇନ୍ସ ଓ



ହସ୍‌ପିଟାଲ' ଏମ୍‌ବିବିଏସ୍ ୨୦୨୫-୨୬ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଚାଲିଥିବା ସପ୍ତାହ ବ୍ୟାପୀ ଭିତ୍ତିଭୂମି ପାଠ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଛି। ପଦ୍ମିନୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ଅବସରରେ କହିଲେ ଯେ ପିତାମାତା ଓ ସମାଜ ଜଣେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଖରୁ ଅନେକ କିଛି ଆଶା କରନ୍ତି। ଏଣୁ ଜଣେ ଭଲ ମଣିଷ ଓ ପ୍ରତିଭାବାନ୍ ଡାକ୍ତର ହୋଇ ସେହି ଆଶା ପୂରଣ କରିବା ସହିତ ଈଶ୍ୱରଙ୍କ ଆଶୀର୍ବାଦ ଲାଭ ଉପରେ ଗୁରୁତ୍ୱାରୋପ କରିଥିଲେ।

ଶିକ୍ଷାନୁଷ୍ଠାନର 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀ ପ୍ରମୁଖ ଡାକ୍ତରୀ ବୃତ୍ତିର ମହନୀୟତା ଉପରେ ଆଲୋକପାତ କରି ସମୟର ସଠିକ୍ ବିନିଯୋଗ ଓ ନିଷ୍ଠାପର ସାଧନା ଦ୍ୱାରା ଭବିଷ୍ୟତରେ ଦକ୍ଷ ଡାକ୍ତର ହୋଇ ଅଶେଷ ଗୌରବର ଅଧିକାରୀ ହେବାକୁ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ 'ମୁଁ କାହିଁକି ଡାକ୍ତର ହେବି' ଉପରେ ନିଜର ଅଭିମତ ଉପସ୍ଥାପନ କରିଥିଲେ। ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଡାକ୍ତର, ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

DSPL-359



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

କୁଷ୍ଠ ରୋଗ ଚିହ୍ନଟ ଅଭିଯାନ

୧୭ - ୩୦ ନଭେମ୍ବର ୨୦୨୫

- ଏହି ଅଭିଯାନରେ ଆଶା ଓ ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ଯାଇ କୁଷ୍ଠ ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବେ
- ବଧିରା/ତମ୍ବାଳିଆ ଛଉ, ତେଲିଆ/ ଚିକ୍କଣ/ପାଉଁସିଆ ଚର୍ମ, ହାତ/ ପାଦ ବଧିରା କିମ୍ବା ଦୁର୍ବଳ ହେବା, ମୁହଁ ଏବଂ କାନରେ ଗୁଳି ବାହାରିବା ଆଦି କୁଷ୍ଠର ଲକ୍ଷଣ ହୋଇପାରେ
- କୁଷ୍ଠରୋଗର ଚିହ୍ନଟ, ଚିକିତ୍ସା ଏବଂ ପୁନଃକ୍ଷମ ଅସ୍ତ୍ରୋପଚାର ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ
- ପୁନଃକ୍ଷମ ଅସ୍ତ୍ରୋପଚାର କରାଯାଇଥିବା ରୋଗୀଙ୍କୁ ସରକାରଙ୍କ ତରଫରୁ ୧୨,୦୦୦ ଟଙ୍କା ପାରିଶ୍ରମିକ ଭରଣା ତଥା ଗସ୍ତ ଖର୍ଚ୍ଚ ବାବଦକୁ ୧,୫୦୦ଟଙ୍କା ଦିଆଯାଉଛି

ବଲାଙ୍ଗିର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଗଜପତି, ଯାଜପୁର, କଳାହାଣ୍ଡି, ମୟୁରଭଞ୍ଜ, ନବରଙ୍ଗପୁର, ସୁନ୍ଦରଗଡ଼, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଝାରସୁଗୁଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନୟାଗଡ଼, ନୂଆପଡ଼ା, ସମ୍ବଲପୁର, ଦେବଗଡ଼ ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

କୁଷ୍ଠରୋଗର ଲକ୍ଷଣ ଥିଲେ ତୁରନ୍ତ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# ଅନୁପମା ରାମଚନ୍ଦ୍ରନ୍ ଭାରତର ପ୍ରଥମ ମହିଳା ସ୍ନୁକର୍ ବିଶ୍ୱ ଚାମ୍ପିଅନ୍



**ନୂଆଦିଲ୍ଲୀ,୨୪।୧୧/ଏଜେନ୍ସି:** ତାମିଲନାଡୁର ୨୩ ବର୍ଷୀୟା ଅନୁପମା ରାମଚନ୍ଦ୍ରନ୍ ଭାରତୀୟ ଖେଳ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିଛନ୍ତି। ସେ ତିନିଥରର ବିଶ୍ୱ ଚାମ୍ପିଅନ୍ ହଂକଂର ଆନ୍ ୟି'ଙ୍କୁ ହରାଇ ଆଇବିଏସ୍‌ଏଫ୍ ବିଶ୍ୱ ସ୍ନୁକର୍ (୧୫ ରେଡ୍) ଚାମ୍ପିଅନ୍‌ଶିପ୍ ଜିତିଛନ୍ତି। ଏହା ସହିତ ବିଶ୍ୱ ସ୍ନୁକର୍ ଟାଇଟଲ୍ କବ୍‌ଜା କରିବାରେ ସେ ଭାରତର ପ୍ରଥମ ମହିଳା ଖେଳାଳି ହୋଇଛନ୍ତି। ରୋମାଞ୍ଚର ଫାଇନାଲ୍ ମ୍ୟାଚ୍‌ରେ ଅନୁପମା ୩-୨ରେ ବିଜୟୀ ହୋଇଛନ୍ତି। ନିର୍ଣ୍ଣାୟକ ଫ୍ରେମ୍‌ରେ ଭାଗ୍ୟ ମଧ୍ୟ ତାଙ୍କର ସାଥ୍ ଦେଇଥିଲା। ୬୦-୬୧ ସ୍କୋର୍‌ରେ ଆନ୍ ୟି ଅନ୍ତିମ ବ୍ଲକ୍ ଲଗାଇ ବିଜୟୀ ହୋଇପାରିଥାନ୍ତେ। ମାତ୍ର ତାଙ୍କ ଶଟ୍ ବିଫଳ ହୋଇଥିଲା ଏବଂ ଅନୁପମା ଏହି ସୁଯୋଗର ସଦୁପଯୋଗ କରି ଭାରତ ନାମରେ ଇତିହାସ ଲେଖି ଦେଇଥିଲେ।

## ଟି-୨୦ ଅର୍ଦ୍ଧଶତକରେ କୋହଲିଙ୍କ ସମକକ୍ଷ ବାବର୍

**ରାୱଲପିଣ୍ଡି,୨୪।୧୧/ଏଜେନ୍ସି:** ଏଠାରେ ଖେଳାଯାଇଥିବା ଟି-୨୦ ତ୍ରିକୋଣୀୟ ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ରେ ଜିମ୍ବାୱେକୁ ୬୯ ରନ୍‌ରେ ହରାଇ ପାକିସ୍ତାନ ଶନିବାରର ଫାଇନାଲ୍‌ରେ ପ୍ରବେଶ କରିଛି। ବାବର ଆଜମ୍ ଏବଂ ସାହିବଜାଦା ଫରହାନ୍‌ଙ୍କ ୧୦୩ ରନ୍‌ର ପାର୍ଟନରଶିପ୍ ଟିମ୍‌କୁ ଶକ୍ତିଶାଳୀ ଆରମ୍ଭ ଦେଇଥିଲା। ବୋଲିଂରେ ଉସ୍‌ମାନ୍ ତାରିକ୍ ୧୮ ରନ୍ ଦେଇ ହ୍ୟାଟ୍ରିକ୍ ସହ ୪ ୱିକେଟ୍ ନେଇ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ। ଏହି ମ୍ୟାଚ୍‌ରେ ବାବର୍ ଆଜମ୍ ନିଜର ୩୮ତମ ଟି-୨୦ ଅର୍ଦ୍ଧଶତକ ହାସଲ କରିବା ସହିତ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସର୍ବାଧିକ ଅର୍ଦ୍ଧଶତକ ମାମଲାରେ ବିରାଟ କୋହଲିଙ୍କ ସମକକ୍ଷ ହୋଇଛନ୍ତି। ବାବର ଏହି ଉପଲବ୍ଧି ୧୨୭ ଇନିଂସ୍‌ରେ ହାସଲ କରିଥିବା ବେଳେ କୋହଲି ୧୧୭ ଇନିଂସ୍‌ରେ ୩୮ ଅର୍ଦ୍ଧଶତକ କରିଥିଲେ। ବିରାଟ କୋହଲି ଗତବର୍ଷ ଟି-୨୦ ବିଶ୍ୱକପ୍ ଜିତିବା ପରେ ଏହି ଫର୍ମାଟ୍‌ରୁ ସନ୍ନ୍ୟାସ ନେଇସାରିଛନ୍ତି।

## ଜାନ୍‌ସେନ୍‌ଙ୍କୁ ୬ ୱିକେଟ୍, ସାଉଥ୍ ଆଫ୍ରିକା ୩୧୪ ରନ୍‌ରେ ଆଗୁଆ

# ଆଉ ଏକ ସିରିଜ୍ ପରାଜୟର ଦ୍ୱାରଦେଶରେ ଭାରତ

- ଭାରତର ପ୍ରଥମ ଇନିଂସ୍ ୨୦୧ ରନ୍‌ରେ ଶେଷ
- ତୃତୀୟ ଦିନ ସାଉଥ୍ ଆଫ୍ରିକା ଦ୍ୱିତୀୟ ଇନିଂସ୍ ୨୬/୦



**ଗୁଆହାଟୀ,୨୪।୧୧/ଏଜେନ୍ସି:** ଏକଦା ଘରୋଇ ମାଟିରେ ବିପକ୍ଷ ଟିମ୍‌ଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରୁଥିବା ଟିମ୍ ଇଣ୍ଡିଆ ଆଜି ବିଜୟ ପାଇଁ ସଂଘର୍ଷ କରୁଛି। ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଦିଗ୍‌ଦର୍ଶନରେ ଭାରତ ଏକ ବର୍ଷ ମଧ୍ୟରେ ଦ୍ୱିତୀୟ ଘରୋଇ ଟେଷ୍ଟ ସିରିଜ୍ ପରାଜୟର ଦ୍ୱାରଦେଶରେ ଉପନୀତ ହୋଇଛି। ଗତବର୍ଷ ନ୍ୟୁଜିଲାଣ୍ଡ ଠାରୁ ୦-୩ରେ ପରାଜିତ ହୋଇଥିବା ଟିମ୍ ଚଳିତ ବର୍ଷ ୱେଷ୍ଟଇଣ୍ଡିଜ୍‌କୁ ୨-୦ରେ ହରାଇଥିଲା। ମାତ୍ର ଏବେ ପୁଣିଥରେ ସାଉଥ୍ ଆଫ୍ରିକା ନିକଟରୁ ୦-୨ରେ ସିରିଜ୍ ପରାଜୟର ନିକଟତର ହୋଇଛି। କୋଲ୍‌କାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ୩୦ ରନ୍‌ରେ ବିଜୟୀ ହୋଇ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି।

ଗୁଆହାଟୀର ବରସାପାରା ଷ୍ଟାଡିୟମ୍‌ରେ ଖେଳାଯାଉଥିବା ସାଉଥ୍ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଟିମ୍‌ର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ବୋଲର୍‌ଙ୍କ ପରେ ବ୍ୟାଟର୍‌ମାନେ ମଧ୍ୟ ପ୍ରଭାବିତ କରିପାରି ନାହାନ୍ତି। ଏବେ ଟିମ୍ ଇଣ୍ଡିଆ ଉପରେ ଦୁଇ ଟେଷ୍ଟର ସିରିଜ୍ ହାରିବା ବିପଦ ବୃଦ୍ଧି ପାଇଛି। ସାଉଥ୍ ଆଫ୍ରିକାର ପ୍ରଥମ ଇନିଂସ୍ ସ୍କୋର୍ ୪୮୯ ରନ୍‌ର ଜବାବରେ ଭାରତର ପ୍ରଥମ ଇନିଂସ୍ ତୃତୀୟ ଦିନ ୨୦୧ ରନ୍‌ରେ ସୀମିତ ହୋଇଯାଇଛି। ଦିନର ଖେଳ ଶେଷ ବେଳକୁ ସାଉଥ୍ ଆଫ୍ରିକା ବିନା ୱିକେଟ୍‌ରେ ୨୬ ରନ୍ କରିନେବା ସହ ଟିମ୍‌ର ମୋଟ ଅଗ୍ରଣୀ ୩୧୪ ରନ୍ ହୋଇଛି। ଷ୍ଟମ୍ପସ ବେଳକୁ ଏଡେନ୍ ମାର୍କରମ୍ ୧୨ ଏବଂ ର୍ୟାନ୍ ରିକେଲ୍‌ଟନ୍ ୧୩ ରନ୍‌ରେ ବ୍ୟାଟିଂ କରୁଥିଲେ।

ଭାରତର ପ୍ରଥମ ଇନିଂସ୍‌ରେ ଓପ୍ନର୍ ବ୍ୟାଟର୍ ଯଶସ୍ୱୀ ଜୟସ୍ୱାଲ୍ ଏବଂ କେଏଲ୍ ରାହୁଲ ଦ୍ୱିତୀୟ ଦିନର ଅନ୍ତିମ ସେସନ୍‌ରେ ସତର୍କତାର ସହ ବ୍ୟାଟିଂ କରିବା ସହିତ ବିପକ୍ଷ ଟିମ୍‌ର ବୋଲର୍‌ଙ୍କୁ ୱିକେଟ୍ ନେବାକୁ ଦେଇନଥିଲେ। ଅବଶ୍ୟ ଏହି ଅବସରରେ ଭାରତୀୟ ଟିମ୍‌ର ଇନିଂସ୍‌ରେ ମାତ୍ର ୬.୧ ଓଭର୍‌ର ଖେଳ ସମ୍ଭବ ହୋଇପାରିଥିଲା। ଖରାପ ଆଲୋକ କାରଣରୁ ଦ୍ୱିତୀୟ ଦିନର ଖେଳ ପ୍ରାୟ ଅଧଘଣ୍ଟା ଆଗରୁ ସମାପ୍ତ କରିବାକୁ ପଡ଼ିଥିଲା।

ତୃତୀୟ ଦିନ ଖେଳରେ ଯଶସ୍ୱୀ ଜୟସ୍ୱାଲ୍ କେତେକ ଉନ୍ନତ ଶଟ୍ ଖେଳିଥିବା ବେଳେ ରାହୁଲ ସଲିଡ୍ ଡିଫେନ୍ସ କରିଥିଲେ। ଦୁହିଁଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୬୫ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ରାହୁଲ ବ୍ୟକ୍ତିଗତ ୨୨ ରନ୍‌ରେ କେଶବ ମହାରାଜଙ୍କ ଶିକାର ହୋଇଥିଲେ। ଏହାର କିଛି ସମୟ ପରେ ଯଶସ୍ୱୀ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ୮୫ ବଲ୍‌ରେ ନିଜର ୧୩ଶ ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ୫୮ ରନ୍‌ର ବ୍ୟକ୍ତିଗତ ସ୍କୋର୍‌ରେ ସେ ସାଇମନ୍ ହାର୍ମର୍‌ଙ୍କୁ ନିଜ ୱିକେଟ୍ ଦେଇ ବସିଥିଲେ। ହାର୍ମର୍ ପୁଣି ସାଇ ସୁଦର୍ଶନ (୧୫ ରନ୍)ଙ୍କୁ ଶସ୍ତାରେ ଆଉଟ୍ କରିଥିଲେ। ଭାରତୀୟ ଚତୁର୍ଥ ୱିକେଟ୍ ଧ୍ରୁବ ଜୁରେଲ୍ (୦ ରନ୍)ଙ୍କ ରୂପରେ ପଡ଼ିଥିଲା। ସେ ମାର୍କୋ ଜାନ୍‌ସେନ୍‌ଙ୍କ ଶିକାର ହୋଇଥିଲେ। କ୍ୟାପ୍‌ଟେନ୍ ଋଷଭ ପନ୍ତ (୭ ରନ୍)ଙ୍କଠାରୁ ବଡ଼ ଇନିଂସ୍ ଆଶା କରାଯାଉଥିବା ବେଳେ ସେ ମଧ୍ୟ ନିରାଶ କରିଥିଲେ। ପନ୍ତଙ୍କୁ ଜାନ୍‌ସେନ୍ ନିଜ ଜାଲରେ ଫସାଇଥିଲେ। ଜାନ୍‌ସେନ୍ ଏହାପରେ ନୀତୀଶ ରେଡ୍ଡୀ (୧୦ ରନ୍) ଏବଂ ରବୀନ୍ଦ୍ର ଜାଡ଼େଜା (୬ରନ୍)ଙ୍କୁ ଶଟ୍ ପିଚ୍ ବଲ୍‌ରେ ଆଉଟ୍ କରିଥିଲେ। ଜାଡ଼େଜାଙ୍କ ଆଉଟ୍ ବେଳକୁ ଟିମ୍‌ର ସ୍କୋର୍ ୧୨୨/୭ ଥିଲା। ଏହାପରେ ୱାଶିଂଟନ୍ ସୁନ୍ଦର ଓ କୁଲଦୀପ୍ ଯାଦବ ଅର୍ଦ୍ଧଶତକୀୟ ପାର୍ଟନରଶିପ୍ କରି ଭାରତୀୟ ଇନିଂସ୍‌କୁ ସମ୍ଭାଳିଥିଲେ। ଉଭୟ ଅଷ୍ଟମ ୱିକେଟ୍ ପାଇଁ ୭୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ସୁନ୍ଦରଙ୍କୁ ଆଉଟ୍ କରି ହାର୍ମର୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ସୁନ୍ଦର ୨ ଚୌକା ଓ ଗୋଟିଏ ଛକା ସହାୟତାରେ ୯୨ ବଲ୍‌ରେ ୪୮ ରନ୍ କରିଥିଲେ। କୁଲ୍‌ଦୀପ୍‌ଙ୍କ ରୂପରେ ଭାରତକୁ ନବମ ଝଟ୍‌କା ଲାଗିଥିଲା। କୁଲ୍‌ଦୀପ୍ ୧୩୪ ବଲ୍‌ରେ ୩ ଚୌକା ସହାୟତାରେ ୧୯ ରନ୍ କରି ମାର୍କୋ ଜାନ୍‌ସେନ୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହା ଜାନ୍‌ସେନ୍‌ଙ୍କ ଇନିଂସ୍‌ରେ ପଞ୍ଚମ ୱିକେଟ୍ ଥିଲା। ଏହାପରେ ଜସ୍‌ପ୍ରୀତ୍ ବୁମ୍‌ରା (୫ରନ୍)ଙ୍କୁ ଆଉଟ୍ କରି ଜାନ୍‌ସେନ୍ ଭାରତୀୟ ଇନିଂସ୍‌ର ସମାପ୍ତି ଘଟାଇଥିଲେ। ଜାନ୍‌ସେନ୍ ୪୬ ରନ୍‌ରେ ୬ଟି ୱିକେଟ୍ ନେଇଥିବା ବେଳେ ହାର୍ମର୍‌ଙ୍କୁ ୩ଟି ଏବଂ କେଶବ ମହାରାଜଙ୍କୁ ଗୋଟିଏ ସଫଳତା ମିଳିଥିଲା।

## ଏମ୍‌ଜି ସାଇବରଷ୍ଟର୍ କାର୍ କିଣିଲେ ଶେଫାଳୀ



**ନୂଆଦିଲ୍ଲୀ,୨୪।୧୧/ଏଜେନ୍ସି:** ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ୨୦୨୫ରେ ଭାରତକୁ ଐତିହାସିକ ବିଜୟ ଦେଇଥିବା ଷ୍ଟାର୍ ଖେଳାଳି ଶେଫାଳୀ ବର୍ମା ଇଲେକ୍‌ଟ୍ରିକ୍ ସ୍ପୋର୍ଟ୍ସ କାର୍ ସାଇବରଷ୍ଟର୍ କିଣିଛି। ଶେଫାଳୀଙ୍କ ଏହି କାର୍ 'ଏଣ୍ଡ୍ରିଜ୍ ଗ୍ରେ' ରଙ୍ଗର ହୋଇଥିବା ବେଳେ ଏହାର ମୂଲ୍ୟ ୭୫ ଲକ୍ଷ ଟଙ୍କା। ଏହା ଭାରତର ପ୍ରଥମ ଇଲେକ୍‌ଟ୍ରିକ୍ ସ୍ପୋର୍ଟ୍ସ କାର୍ ଏବଂ ଫୁଲ୍ ଚାର୍ଜରେ ଏହା ୫୨୦ କିମି ଚାଲିଥାଏ। କମ୍ପାନୀର ଦାବି ଅନୁସାରେ ସାଇବରଷ୍ଟର୍ ୩.୨ ସେକେଣ୍ଡରେ ୦-୧୦୦ କିମି ଗତିରେ ପହଞ୍ଚିଥାଏ। କ୍ରିକେଟ୍ ଗ୍ରାଉଣ୍ଡରେ କାର୍‌ର ଡେଲିଭରୀ ଇଭେଣ୍ଟ ହୋଇଥିବା ବେଳେ ଶେଫାଳୀ ଲାଲ୍ କାର୍ପେଟ୍‌ରେ କାର୍‌ର ରିବନ୍ କାଟି ରିସିଭ୍ କରିଥିଲେ। ଏମ୍‌ଜି ଇଣ୍ଡିଆ ଏହାର ଏକ ଭିଡିଓ ସୋସିଆଲ୍ ମିଡିଆରେ ଶେୟାର୍ କରିଛି।

## ବାରବାଟୀରେ ଫ୍ଲଡ୍ ଲାଇଟ୍ ତ୍ରୁଟି ଧରିବ ସଫ୍ଟୱେୟାର୍

**ମ୍ୟାଚ୍ ପୂର୍ବରୁ ହେବ ଲାଇଟ୍ ଶୋ'**

**ସାଇଡ୍ ସ୍କ୍ରିନ୍ ପାଇଁ ଘୁଞ୍ଚିବ ସିଏମ୍ ଲାଉଞ୍ଜ୍**

**କଟକ,୨୪।୧୧/ଏନ୍‌ଏନ୍‌ଏସ୍:** ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତା ଡିସେମ୍ବର ୯ ତାରିଖରେ ହେବାକୁ ଥିବା ସାଉଥ୍ ଆଫ୍ରିକା ବିପକ୍ଷ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ବାରବାଟୀ ଷ୍ଟାଡିୟମ୍‌ର ଫ୍ଲଡ୍‌ଲାଇଟ୍ ତ୍ରୁଟିକୁ ଏଡ଼ାଇବା ନିମନ୍ତେ ଆଗାମୀ ମ୍ୟାଚ୍‌ରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେୟାର୍ ବ୍ୟବହାର କରାଯିବ ବୋଲି ଓସିଏ କନ୍‌ସଲ୍‌ଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି। ବାରବାଟୀରେ ୮ଟି ଫ୍ଲଡ୍‌ଲାଇଟ୍ ରହିଛି। ପ୍ରତ୍ୟେକ ଖୁଣ୍ଟିର ୪୮ ଲାଇଟ୍ ଥିବାବେଳେ ସମସ୍ତ ୩୮୪ ଲାଇଟ୍‌ର ଏବେ ଯାଞ୍ଚ କରାଯାଉଛି। ପ୍ରତ୍ୟେକ ଖୁଣ୍ଟିକୁ ସଫ୍ଟୱେୟାର ଜରିଆରେ ମନିଟରିଂ କରାଯିବ। ଯେକୌଣସି ସ୍ଥାନରେ ତ୍ରୁଟି ରହିଥିବ, ତାହାର ସୂଚନା ଆଗୁଆ ମିଳିପାରିବ। ପ୍ରଥମ ଥର ନିମନ୍ତେ ଓସିଏ ଏହି ପଦକ୍ଷେପ ନେଇଛି ବୋଲି ବିଷ୍ଣୁପ୍ରସାଦ କହିଛନ୍ତି। ସେହିପରି ପ୍ରତ୍ୟେକ ଫ୍ଲଡ୍‌ଲାଇଟ୍‌କୁ ୨ଟି ଲେଖାଏଁ ଡିଜି ସେଟ୍ ସହଂଯୋଗ କରାଯିବ। ଆଉ ୨ଟି ଡିଜି ସେଟ୍ ପାୱାର୍-ଅନ୍ ଅବସ୍ଥାରେ ମହଜୁଦ ରଖାଯିବ। ଗତ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍ ବେଳେ ଫ୍ଲଡ୍‌ଲାଇଟ୍ ଲିଭିବା ଘଟଣାର ପୁନଃରାବୃତ୍ତି ଘଟିବାକୁ ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଆଗାମୀ ମ୍ୟାଚ୍ ପାଇଁ ମୁଖ୍ୟମନ୍ତ୍ରୀ ଲାଉଞ୍ଜ୍‌କୁ ସ୍ଥାନାନ୍ତର କରାଯିବା ପାଇଁ ଯୋଜନା ହୋଇଛି। ଲାଉଞ୍ଜ୍ ସମ୍ମୁଖରେ ସାଇଡ୍ ସ୍କ୍ରିନ୍ ରହି ବାଧା ସୃଷ୍ଟି କରୁଛି। ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଲାଉଞ୍ଜ୍‌ରେ ଦେଖିବାକୁ ମିଳିବ। ପଦ୍ମ ଉପାଧି ବିଜେତା ଏବଂ ରାଜ୍ୟର ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଲାଉଞ୍ଜ୍ ବ୍ୟବସ୍ଥା ହେବ। ମ୍ୟାଚ୍ ଆରମ୍ଭ ପୂର୍ବରୁ ବାରବାଟୀରେ ଏଥର ଆକର୍ଷଣୀୟ ଲାଇଟ୍ ଶୋ' ହେବ ବୋଲି ସୂଚନା ମିଳିଛି। ବାରବାଟୀରେ ହେବାକୁ ଥିବା ଭାରତ-ସାଉଥ୍ ଆଫ୍ରିକା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍‌କୁ ଶୃଙ୍ଖଳିତ ଢ଼ଙ୍ଗରେ ପରିଚାଳନା କରାଯିବା ଏବଂ ପୂର୍ବ ତ୍ରୁଟିକୁ ନଦୋହରାଇବା ଦିଗରେ (ଓସିଏ) ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି।

## ଇଟାଲୀକୁ ହ୍ୟାଟ୍ରିକ୍ ଡେଭିସ୍ କପ୍ ଟାଇଟଲ୍




**ବୋଲୋଗ୍ନା,୨୪।୧୧/ଏଜେନ୍ସି:** ଜାନିକ୍ ସିନର୍‌ଙ୍କ ଅନୁପସ୍ଥିତି ସତ୍ତ୍ୱେ ସ୍ପେନ୍‌କୁ ହରାଇ ଇଟାଲୀ ଲଗାତାର ତୃତୀୟ ଥର ଡେଭିସ୍ କପ୍ ଟାଇଟଲ୍ ଜିତିଛି। ଏହା ସହିତ ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟରେ ନିଜର ଆଧିପତ୍ୟ ବଜାୟ ରଖିଛି। ସିନର୍‌ଙ୍କ ଅନୁପସ୍ଥିତିରେ ମାଟେଓ ବେରେଟିନି ଏବଂ ଫ୍ଲାଭିଓ ବୋକୋଲି ଇଟାଲୀ ବିଜୟରେ ମହତ୍ତ୍ୱପୂର୍ଣ୍ଣ ଖେଳାଳି ହୋଇଛନ୍ତି। ଏହି ଦୁଇଜଣ ନିଜ ନିଜ ସିଙ୍ଗଲ୍ସ ମ୍ୟାଚ୍ ଜିତି ସ୍ପେନ୍ ବିପକ୍ଷରେ ଫାଇନାଲ୍‌ରେ ଇଟାଲୀକୁ ୨-୦ର ଅଜେୟ ଅଗ୍ରଣୀ ପ୍ରଦାନ କରିଥିଲେ। ଏହା ଇଟାଲୀର ଲଗାତାର ତୃତୀୟ ଏବଂ ମୋଟ ଚତୁର୍ଥ ଡେଭିସ୍ କପ୍ ଟାଇଟଲ୍। ଏହା ପୂର୍ବରୁ ଆମେରିକା ଶେଷଥର ପାଇଁ ୧୯୬୮ରୁ ୧୯୭୨ ପର୍ଯ୍ୟନ୍ତ ଲଗାତାର ପାଞ୍ଚ ଟାଇଟଲ୍ ଜିତିଥିଲା। ଗତ ଦୁଇବର୍ଷ ଧରି ଇଟାଲୀକୁ ଡେଭିସ୍ କପ୍ ଟାଇଟଲ୍ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିବା ବିଶ୍ୱର ଦୁଇ ନମ୍ବର ଖେଳାଳି ସିନର୍ ଆଗାମୀ ସିଜନ୍‌ର ପ୍ରସ୍ତୁତି ପାଇଁ ଚଳିତ ଥର ଡେଭିସ୍ କପ୍‌ରେ ଭାଗ ନେଇନଥିଲେ। ସେହିପରି ବିଶ୍ୱ ଆଠ ନମ୍ବର ଖେଳାଳି ଲୋରେଞ୍ଜୋ ମୁସେଟ୍ଟୀ ମଧ୍ୟ ଟୁର୍ଣ୍ଣାମେଣ୍ଟ ଖେଳିନଥିଲେ। ଇଟାଲୀ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର୍ ଫାଇନାଲ୍‌ରେ ଅଷ୍ଟ୍ରେଲିଆ ତଥା ସେମିଫାଇନାଲ୍‌ରେ ବେଲ୍‌ଜିୟମ୍‌କୁ ହରାଇଥିଲା। ସ୍ପେନ୍ ମଧ୍ୟ ନିଜ ଷ୍ଟାର୍ ଖେଳାଳି ଏବଂ ବିଶ୍ୱର ନମ୍ବର ଏକ କାର୍ଲୋସ୍ ଅଲ୍‌କାରାଜ୍‌ଙ୍କ ବିନା ଖେଳିଥିଲେ।

ଫାଇନାଲ୍‌ରେ ପ୍ରଥମେ ବେରେଟିନୀ ୬-୩, ୬-୪ରେ ପାବ୍ଲୋ କାରେନାଙ୍କୁ ହରାଇଥିଲେ। ଏହାପରେ କୋବୋଲି ୧-୬, ୭-୬(୫), ୭-୫ରେ ଜୌମ୍ ମୁନାର୍‌ଙ୍କୁ ହରାଇ ଇଟାଲୀର ବିଜୟ ସୁନିଶ୍ଚିତ କରିଥିଲେ। ଇଟାଲୀ ପ୍ରଥମ ଥର ୧୯୭୬ରେ ଡେଭିସ୍ କପ୍ ଜିତିଥିଲା। ଏହାପରେ ଟିମ୍ ୨୦୨୩ ଏବଂ ୨୦୨୪ରେ ମାଲାଗାରେ ଟାଇଟଲ୍ ଜିତିଥିଲା। ତେବେ ପ୍ରଥମ ଥର ପାଇଁ ଇଟାଲୀ ନିଜ ଘରୋଇ ମାଟିରେ ବିଜୟ ହାସଲ କରିଛି। ଛଅ ଥରର ଚାମ୍ପିଅନ୍ ୨୦୧୯ ପରେ ପ୍ରଥମ ଥର ପାଇଁ ଟାଇଟଲ୍ ମୁକାବିଲା ଖେଳିଥିଲା।

## ମେସିଙ୍କ ୧ ଗୋଲ୍ ଓ ୩ ଆସିଷ୍ଟ

**ଇଷ୍ଟ କନ୍‌ଫରେନ୍ସ ଫାଇନାଲ୍‌ରେ ଇଣ୍ଟର୍ ମିଆମୀ**



**ସିନ୍‌ସିନାଟି,୨୪।୧୧/ଏଜେନ୍ସି:** ଫୁଟ୍‌ବଲର୍‌ର ବାଦଶାହ ଲିଓନେଲ୍ ମେସି ପୁଣିଥରେ ସାବ୍ୟସ୍ତ କରିଛନ୍ତି ବୟସ କେବଳ ଏକ ସଂଖ୍ୟା। ସିନ୍‌ସିନାଟିରେ ଖେଳାଯାଇଥିବା ଏଫ୍‌ସି ସିନ୍‌ସିନାଟି ବିପକ୍ଷ ସେମିଫାଇନାଲ୍‌ରେ ମେସିଙ୍କ ଗୋଟିଏ ଗୋଲ୍ ଏବଂ ତିନିଟି ଆସିଷ୍ଟ ବଳରେ ଇଣ୍ଟର୍ ମିଆମୀ ୪-୦ର ଧମାକାଦାର ବିଜୟ ହାସଲ କରି ଫାଇନାଲ୍‌ରେ ପ୍ରବେଶ କରିଛି। ଏହା ସହିତ ମେସି ନିଜ କ୍ୟାରିୟର୍‌ରେ ଆଉ ଏକ ଐତିହାସିକ ଉପଲବ୍ଧି ହାସଲ କରିଛନ୍ତି। କ୍ଲବ୍ ଏବଂ ଦେଶ ପାଇଁ ମୋଟ ୮୯୬ ଗୋଲ୍ ଏବଂ ୪୦୪ ଆସିଷ୍ଟ ସହ ତାଙ୍କ ନାମରେ ମୋଟ ୧୩୦୦ ଗୋଲ୍ ହୋଇଛି। ଏଫ୍‌ସି ସିନ୍‌ସିନାଟିକୁ ହରାଇ ଇଣ୍ଟର୍ ମିଆମୀ ପ୍ରଥମ ଥର ଏମ୍‌ଏଲ୍‌ଏସ୍ କପ୍ ଇଷ୍ଟର୍ଣ୍ଣ କନ୍‌ଫରେନ୍ସ ଫାଇନାଲ୍‌ରେ ପାଦ ଥାପିଛି। ଇଣ୍ଟର ମିଆମୀ ଆରମ୍ଭରୁ ହିଁ ଆଟାକିଂ ଖେଳ ଦେଖାଇ ମ୍ୟାଚ୍ ଉପରେ ନିଜ ନିୟନ୍ତ୍ରଣ ବଜାୟ ରଖିଥିଲା। ୧୯ତମ ମିନିଟ୍‌ରେ ମାଟେଓ ସିଲ୍‌ଭେଟୀଙ୍କ ଏକ ଉନ୍ନତ ପାସ୍‌କୁ ମେସି ଚମତ୍କାର ଫିନିଶ୍‌ରେ ପରିବର୍ତ୍ତନ କରି ଟିମ୍‌କୁ ପ୍ରାରମ୍ଭିକ ଅଗ୍ରଣୀ ପ୍ରଦାନ କରିଥିଲେ। ଏହାପରେ ୫୭ତମ ମିନିଟ୍‌ରେ ମେସିଙ୍କ ଆସିଷ୍ଟରେ ତାଦେଓ ଅଲେନ୍ଦେ ଚମତ୍କାର ଗୋଲ୍ କରିଥିଲେ। ଏହାପରେ ୬୨ତମ ଏବଂ ୭୪ତମ ମିନିଟ୍‌ରେ ଅଲେନ୍ଦେ ଆଉ ଦୁଇଟି ଗୋଲ୍ ସ୍କୋର୍ କରିଥିଲେ। ଏହି ଦୁଇଟି ଗୋଲ୍ ମଧ୍ୟ ମେସିଙ୍କ ଆସିଷ୍ଟରେ ହୋଇଥିଲା।

# ରୋନାଲ୍ଡୋଙ୍କ ବାଇସାଇକ୍ଲ ଗୋଲ୍

**ଅଲ୍ ଖାଲିଜ୍‌କୁ ୪-୧ରେ ହରାଇଲା ଅଲ୍ ନାସର୍**



**ରିୟାଦ୍,୨୪।୧୧/ଏଜେନ୍ସି:** ପର୍ତ୍ତୁଗାଲ୍‌ର ଷ୍ଟାର୍ ଫୁଟ୍‌ବଲର୍ କ୍ରିଷ୍ଟିଆନ୍ ରୋନାଲ୍ଡୋଙ୍କ ଅନ୍ତିମ ମୁହୂର୍ତ୍ତରେ ଏକ ଚମତ୍କାର ବାଇସାଇକ୍ଲ କିକ୍ ଗୋଲ୍ ବଳରେ ରବିବାର ଅଲ୍ ନାସର୍ ୪-୧ ଗୋଲ୍‌ରେ ଅଲ୍ ଖଲିଜ୍‌କୁ ହରାଇ ସାଉଦୀ ପ୍ରୋ-ଲିଗ୍‌ରେ ନିଜର ଅଗ୍ରଣୀକୁ ବୃଦ୍ଧି କରିଛି। ରବିବାର ଅଲ୍ ଅୱାଲ୍ ପାର୍କରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ଅନ୍ତିମ ସେକେଣ୍ଡରେ ନୱାଫ୍ ବୋଶାଲ୍‌ଙ୍କ ପାସ୍‌ରେ ୪୦ ବର୍ଷୀୟ ରୋନାଲ୍ଡୋ ବାଇସାଇକ୍ଲ କିକ୍ ବଳରେ ଲିଗ୍‌ରେ ନିଜର ୧୦ମ ଗୋଲ୍ ଦେଇଥିଲେ।

ଅଲ୍ ନାସର୍ ମ୍ୟାଚ୍‌ର ଆରମ୍ଭରୁ ହିଁ ଆଟାକିଂ ମୋଡ୍‌ରେ ଖେଳ ପ୍ରଦର୍ଶନ କରିଥିଲା। ଜୋଆଓ ଫେଲିକ୍ସ ୩୯ତମ ମିନିଟ୍‌ରେ ଆଞ୍ଜେଲୋଙ୍କ କ୍ରସ୍‌କୁ ଗୋଲ୍‌ରେ ପରିଣତ କରି ଟିମ୍‌କୁ ପ୍ରାରମ୍ଭିକ ଅଗ୍ରଣୀ ପ୍ରଦାନ କରିଥିଲେ। ଏହାର ମାତ୍ର ତିନି ମିନିଟ୍ ପରେ ୱେସ୍‌ଲୀ ଦ୍ୱିତୀୟ ଗୋଲ୍ ଦେଇ ଅଲ୍ ଖଲିଜ୍‌କୁ ଚାପରେ ପକାଇଥିଲେ। ଦ୍ୱିତୀୟ ହାଫ୍‌ରେ ଅଲ୍ ଖଲିଜ୍ ପ୍ରତ୍ୟାବର୍ତ୍ତନ ଉଦ୍ୟମ କରିବା ସହିତ ହାୱାସାୱିଙ୍କ ଏକ ଲଙ୍ଗ୍ ରେଞ୍ଜ୍ ଷ୍ଟ୍ରାଇକ୍ ବଳରେ ୪୭ତମ ମିନିଟ୍‌ରେ ସ୍କୋର୍ ଲାଇନ୍ ୨-୧ କରିଥିଲା। କିନ୍ତୁ ଏହାପରେ ମ୍ୟାଚ୍‌ର ନିୟନ୍ତ୍ରଣ ଅଲ୍ ନାସର୍ ହାତକୁ ଚାଲିଯାଇଥିଲା। ସାଦିୟୋ ମାନେ ଗୋଲ୍ ସ୍କୋର୍ କରି ଅଲ୍ ନାସର୍‌ର ଗୋଲ୍ ବ୍ୟବଧାନ ପୁଣିଥରେ ଦୁଇକୁ ବୃଦ୍ଧି କରିଥିଲେ। ଏହାପରେ ୯୦+୬ତମ ମିନିଟ୍‌ରେ ନୱାଫ୍ ବୋଶାଲ୍‌ଙ୍କ ଆସିଷ୍ଟରେ ରୋନାଲ୍ଡୋ ବାଇସାଇକ୍ଲ କିକ୍ ଜରିଆରେ ଅଲ୍ ନାସର୍‌କୁ ୪-୧ରେ ବିଜୟୀ କରାଇଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra